R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୭
ତିଥି : ତ୍ରୟୋଦଶୀ
୩୧ ଜାନୁଆରୀ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 117
31 January 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଦିନକପରେ କେନ୍ଦ୍ର ବଜେଟ୍

# ଆଶା, ଆକାଂକ୍ଷାରେ ମଧ୍ୟବିତ୍ତ



- ବିତ୍ତୀୟ ନିଅଣ୍ଟ ୪.୩% ରହିବା ନେଇ ଆକଳନ
- ମେକ୍ ଇନ୍ ଇଣ୍ଡିଆକୁ ମିଳିପାରେ ଅଧିକ ବଳ
- ଆୟକର କ୍ଷେତ୍ରରେ ଅଧିକ ରିହାତି ନେଇ ଆଶା
- ଆମେରିକାର ଟାରିଫକୁ ନେଇ ଆସିପାରେ ପଦକ୍ଷେପ
- ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ଅଧିକ ଅର୍ଥ ବରାଦ
- ସ୍ୱାସ୍ଥ୍ୟ ବୀମାରେ ଆସିପାରେ କିଛି ସଂସ୍କାର
- ଅଣପାରମ୍ପରିକ ଶକ୍ତି ରପ୍ତାନୀ କ୍ଷେତ୍ରକୁ ଗୁରୁତ୍ୱ
- ଯୁବକମାନଙ୍କର ଆଶା ହେଉଛି ନିଯୁକ୍ତି
- ମହିଳାମାନଙ୍କ ଆଶା ଦରଦାମ କମିବ
- କୃଷି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ

ନୂଆଦିଲ୍ଲୀ, ୩୦ ।୧ : ଦିନକପରେ ଆସିବ ୨୦୨୬-୨୭ ଲାଗି ସାଧାରଣ ବଜେଟ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିବେ । କ୍ରମାଗତ ୯ମ ଥର ଲାଗି ସଂସଦରେ ସେ ସାଧାରଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି । ବଜେଟ୍‌କୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଆଶା ରହିଛି । କେବଳ ଲୋକ ନୁହଁନ୍ତି ବ୍ୟବସାୟୀ, ଉଦ୍ୟୋଗୀକ୍ଷେତ୍ର, ଆୟକରଦାତା, ସାଧାରଣ ଖାଉଟି, ଯୁବକ, ଛାତ୍ର, ଏମ୍ଏସ୍ଏମ୍ଇ, କ୍ଷୁଦ୍ର ବେପାରୀଙ୍କର ମଧ୍ୟ ଅନେକ ଆଶା ରହିଛି । ବିଶେଷକରି ସୁନା ଓ ରୁପା ଦର ନିୟନ୍ତ୍ରଣକୁ ଆସିବ ବୋଲି ଆଶା କରାଯାଉଥିବାବେଳେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରିର ମୂଲ୍ୟ କମାଇବା ପାଇଁ କିଛି ପଦକ୍ଷେପ ନିଆଯାଇପାରେ । ଏହାଛଡା ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଛି ।

ଆଇସିଆର୍ଏର ପୂର୍ବାନୁମାନ ହେଉଛି କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟକୁ ୨୦୨୭ ଆର୍ଥିକ ବର୍ଷରେ ଜିଡିପିର ୪.୩%ରେ ସୀମିତ ରଖିପାରନ୍ତି । ଯାହା ୨୦୨୫-୨୬ ବଜେଟ୍ ତୁଳନାରେ ସାମାନ୍ୟ କମ୍ । ୨୦୨୬ ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ ୪.୪% ଥିଲା । ଅଧିକ ଟିକସ ରିହାତି ନେଇ ବଜେଟ୍‌ରେ ଘୋଷଣା ହେବାସହ ରେଳବାଇ କ୍ଷେତ୍ରରେ ଅଧିକ ଅର୍ଥ ବ୍ୟବସ୍ଥା ହୋଇପାରେ । ବିଶେଷକରି ଆମେରିକାର ଟାରିଫ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା କ୍ଷେତ୍ର, ବିଶେଷକରି ବୟନ ପାଇଁ ମଧ୍ୟ କିଛି ରିଲିଫ ଆସିପାରେ ବୋଲି ଆଶା କରାଯାଉଛି । ସେହିଭଳି ସମ୍ପତ୍ତି ଓ ଗୃହ ଋଣରେ ଆଶ୍ୱସ୍ତି ନେଇ ଲୋକେ ଆଶା ବାନ୍ଧିଛନ୍ତି । ଆୟକର ଆଇନ୍ ଧାରା ଅନୁଯାୟୀ ସୁଧ ରିହାତି ସୀମା ୨ ଲକ୍ଷ ଟଙ୍କା ରହିଛି । ବର୍ତ୍ତମାନ ପରିସ୍ଥିତିରେ ଏହାକୁ ଅପର୍ଯ୍ୟାପ୍ତ ବୋଲି କୁହାଯାଉଛି । ୨୦୨୬-୨୭ରେ ଟିକସ ସଞ୍ଚୟ ଓ ଦୀର୍ଘକାଳିନ ନିବେଶକୁ ପ୍ରୋତ୍ସାହିତ କରିବାରେ ଧ୍ୟାନ ଦିଆଯିବ ବୋଲି ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ସେବାର ପରିସର ବୃଦ୍ଧି ପାଉଥିବାରୁ ଆଗାମୀ ବଜେଟ୍ ଏହାକୁ ଅଧିକ ବିସ୍ତାର କରିବ । ସ୍ୱାସ୍ଥ୍ୟ କ୍ଷେତ୍ରକୁ ଏକ ସକରାତ୍ମକ ପ୍ରୋତ୍ସାହନ ଦେବାପାଇଁ (୯ ପୃଷ୍ଠାରେ)

# ସୁନେତ୍ରା ପାୱାର ହେବେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୩୦ ।୧ : ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ମହାରାଷ୍ଟ୍ରର ପରବର୍ତ୍ତୀ ଉପମୁଖ୍ୟମନ୍ତ୍ରୀ ହେବେ । ଆସନ୍ତାକାଲି ସନ୍ଧ୍ୟା ୫ଟାରେ ସେ ଶପଥ ଗ୍ରହଣ କରିବେ । ଏନ୍‌ସିପି ସୂତ୍ରରୁ ଜଣାପଡ଼ିଛି ଯେ ଅସ୍ଥାୟୀ ଭାବେ ଅର୍ଥ ବିଭାଗ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ

### ଆଜି ସନ୍ଧ୍ୟାରେ ଶପଥ ଗ୍ରହଣ

ହାତରେ ରହିବ । ଯେହେତୁ ମାର୍ଚ୍ଚରେ ବଜେଟ୍ ଅଧିବେଶନ ରହିଛି । ତେବେ ସୁନେତ୍ରାଙ୍କ ନିକଟରେ ଅବକାରୀ କ୍ରୀଡା ବିଭାଗ ରହିବ ।

ସୂତ୍ର ଅନୁଯାୟୀ ଏନ୍‌ସିପିର ବରିଷ୍ଠ ନେତାମାନେ ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ ପ୍ରସ୍ତାବ (୯ ପୃଷ୍ଠାରେ)

## ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସ୍କୁଲରେ ଛାତ୍ରୀଙ୍କ ଲାଗି ରହିବ ଅଲଗା ଶୌଚାଳୟ



### ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୦ ।୧ : ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କ ଲାଗି ଅଲଗା ଶୌଚାଳୟ ତିଆରି କରାଯାଉ । କେନ୍ଦ୍ର ଶାସିତ ଅଞ୍ଚଳ ଓ ସମସ୍ତ ରାଜ୍ୟ ସରକାରଙ୍କୁ ସୁପ୍ରିମ୍‌କୋର୍ଟ ଏହି ନିର୍ଦ୍ଦେଶ ଦେବାସହ ୩ ମାସ ମଧ୍ୟରେ ଏହାକୁ ପାଳନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଝିଅମାନଙ୍କ ଲାଗି ସ୍କୁଲରେ ପୃଥକ୍ ଶୌଚାଳୟ ଓ ସାନିଟାରୀ ପ୍ୟାଡ୍ ସମ୍ପର୍କିତ ଏକ ମାମଲାରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ସୁପ୍ରିମ୍‌କୋର୍ଟ ଦେଇଛନ୍ତି । ଜଷ୍ଟିସ୍ ଜେବି ପାରିଡୱାଲା ଓ ଆର୍ ମହାଦେବନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେବାସହ କହିଛନ୍ତି ଯେ ମହିଳାମାନଙ୍କର ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଧାରା ୨୧ ଅନୁଯାୟୀ ଜୀବନର ଅଧିକାର ବର୍ଗରେ ଯାହା ରହିଛି ସେଥିରେ ମଧ୍ୟ ଉପରୋକ୍ତ ସମସ୍ୟା ସହ ଜଡ଼ିତ ସ୍ୱାସ୍ଥ୍ୟର ଅଧିକ ବି ସାମିଲ ଅଛି । ତେଣୁ ଛାତ୍ରୀଙ୍କ ଏହି ଅଧିକାର ସୁବ୍ୟବସ୍ଥିତ ହେବା ଦରକାର । ଏହି ନିଷ୍ପତ୍ତି କେବଳ ବ୍ୟବସ୍ଥାରେ ଜଡ଼ିତ ଲୋକଙ୍କ ପାଇଁ ନୁହେଁ ବରଂ ସେହି ଶ୍ରେଣୀଗୃହ ପାଇଁ ଯେଉଁଠି ଝିଅମାନେ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତି । ସେହି ଶିକ୍ଷକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଯେଉଁମାନେ ସାହାଯ୍ୟ କରିବାକୁ ଚାହାଁନ୍ତି କିନ୍ତୁ ସମ୍ବଳ ଅଭାବରୁ ତାହା କରିପାରନ୍ତି ନାହିଁ । ଏହି ଆଦେଶ ମଧ୍ୟ ପିତାମାତାଙ୍କ ପାଇଁ ଯେଉଁମାନେ ହୁଏତ ସେମାନଙ୍କ ନୀରବତାର ପ୍ରଭାବକୁ ଅନୁଭବ କରପାରନ୍ତି ନାହିଁ । ଆମେ ପ୍ରତ୍ୟେକ ଝିଅଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ଯେଉଁମାନେ ବୋଧହୁଏ ଏଥିପାଇଁ ସ୍କୁଲ ଆସିପାରନ୍ତି ନାହିଁ । ଏହି ବାର୍ତ୍ତା ସମାଜ ପାଖରେ ପହଞ୍ଚିବା ଦରକାର । ନିର୍ଦ୍ଦେଶରେ ସୁପ୍ରିମ୍‌କୋର୍ଟ ଉଲ୍ଲେଖ କରିଛନ୍ତି ଯେ (୯ ପୃଷ୍ଠାରେ)

# ୧୭ରୁ ବିଧାନସଭା ବଜେଟ ଅଧିବେଶନ



- ୨୦ରେ ୨୦୨୬-୨୭ ବଜେଟ୍ ଉପସ୍ଥାପନ
- ମାର୍ଚ୍ଚ ୩୧ରେ ବ୍ୟୟ ମଞ୍ଜୁରୀ ବିଲ
- ୨୮ କାର୍ଯ୍ୟ ଦିବସରୁ ୩ ବେସରକାରୀ
- ପ୍ରଥମ ଅଧିବେଶନ ୨୪ ଯାଏଁ ଚାଲିବ
- ଦ୍ୱିତୀୟ ଅଧିବେଶନ ମାର୍ଚ୍ଚ ୮ରୁ ଏପ୍ରିଲ ୮
- ବିଧାୟକଙ୍କ ବର୍ଦ୍ଧିତ ଦରମା ନେଇ ଆସିବ ସଂଶୋଧିତ ବିଲ୍

ଭୁବନେଶ୍ୱର, ୩୦ ।୧ (ସବ୍ୟୁ): ଆସନ୍ତା ୧୭ତାରିଖରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେବ । ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଚଳିତମାସ ୨୦ ତାରିଖରେ ବଜେଟ ଉପସ୍ଥାପନ ହେବ । ଏହି ଅଧିବେଶନ ଏପ୍ରିଏ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ପୁଣି ଗୃହରେ ଉଠିବ । ଆସନ୍ତା ବଜେଟ ଅଧିବେଶନରେ ଏନେଇ ଏକ ସଂଶୋଧନ ବିଲ୍ ଆସିପାରେ । ଏନେଇ ବିଧାୟକ ଦରମା କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ ସୂଚନା ଦେଇଛନ୍ତି ।

ବିଧାନସଭା ବିଜ୍ଞପ୍ତି ଅନୁସାରେ, ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଚଳିତମାସ ୧୭ ତାରିଖରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେବ । ପ୍ରଥମ ଦିନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ଅଭିଭାଷଣ ରଖିବେ । ତେବେ ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ । ପ୍ରଥମ ପର୍ଯ୍ୟାୟରେ ୧୭ରୁ ୨୪ ତାରିଖ ଯାଏଁ ଚାଲିବ । ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ୨୦ ତାରିଖରେ ବଜେଟ ଉପସ୍ଥାପନ ହେବ । ଆସନ୍ତା ୨୪ ତାରିଖରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦିବସ ନଥିବାରୁ ଛୁଟି ଘୋଷଣା କରାଯାଇଛି ।

ଦ୍ୱିତୀୟ ଅଧିବେଶନ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେବ । ମାର୍ଚ୍ଚ ୯ରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବ । ୧୦ରୁ ବିଭିନ୍ନ ବିଭାଗୱାରୀ ଖର୍ଚ୍ଚଦାବି ଆଲୋଚନା (୯ ପୃଷ୍ଠାରେ)

# ତମାଖୁ ମିଶି ନଥିଲେ ବିକ୍ରି ହେବ ପାନମସଲା

ଭୁବନେଶ୍ୱର, ୩୦ ।୧ (ସବ୍ୟୁ): ଟବାକୋ ଓ ନିକୋଟିନ୍ ନଥିବା ପାନ ମସଲା ବିକ୍ରିରେ କୌଣସି ପ୍ରତିବନ୍ଧକ ନାହିଁ । ଫଳରେ ସମ୍ପୂର୍ଣ୍ଣ ପାନ ମସଲା ଉପରେ ବ୍ୟାନ୍ ଲାଗିଥିବା ନେଇ ଯେଉଁ ଦ୍ୱନ୍ଦ ଦେଖାଦେଇଥିଲା, ତାହା ଏବେ ଦୂର ହୋଇଛି । ସ୍ୱାସ୍ଥ୍ୟ ବିଭାଗ ଏନେଇ ସ୍ପଷ୍ଟ କରିଛି । ତେବେ ଗୁଟଖା ଓ ନିକୋଟିନ ଅଲଗା ଅଲଗା ଦୋକାନରେ ବିକ୍ରି ହେଉଛି ।

ତମାଖୁ ମିଶିଥିଲେ ବ୍ୟାନ୍, ଆଉ ତମାଖୁ ମିଶିନଥିଲେ ଛାଡ଼ । ରାଜ୍ୟ ସରକାର ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଉପରେ ନିଷେଧାଦେଶ ଲଗାଇବା ପରେ ଏବେ କେଉଁ ଜିନିଷ ବିକ୍ରି ଆଇନ ସମ୍ମତ, (୯ ପୃଷ୍ଠାରେ)

## ଜମ୍ମୁ-କାଶ୍ମୀରରେ ଆତଙ୍କୀ ନିରୋଧ ଅପରେସନ୍

# ଇଣ୍ଟରନେଟ୍ ସେବା ବନ୍ଦ

ନୂଆଦିଲ୍ଲୀ, ୩୦ ।୧ : ଜମ୍ମୁ-କାଶ୍ମୀରର କିସ୍ତୱାର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆତଙ୍କୀ ନିରୋଧ ଅପରେସନ୍ ଆରମ୍ଭ ହୋଇଛି । ବରଫ ଆବୃତ ଛତ୍ରୋ ଅଞ୍ଚଳରେ ଏହି ଅପରେସନ୍ ଆରମ୍ଭ କରାଯାଇଛି । ଏଥିଲାଗି ଏହାର ୬ କିମି ପରିସୀମା ମଧ୍ୟରେ ଇଣ୍ଟରନେଟ୍ ସେବାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି । ଅସାମାଜିକ ତଥ୍ୟ ପକ୍ଷରୁ କୌଣସି ଅପବ୍ୟବହାର ଆଶଙ୍କା କରି ଏହା କରାଯାଇଛି ।


ଏହି ଅଞ୍ଚଳରେ ଜାନୁଆରୀ ୧୮ରେ ଏକ ଅପରେସନ୍ (୯ ପୃଷ୍ଠାରେ)

# ଅଜିତ୍ ପାୱାରଙ୍କ ବିମାନ ଦୁର୍ଘଟଣାର ସିଆଇଡି ତଦନ୍ତ ଆରମ୍ଭ

ନୂଆଦିଲ୍ଲୀ, ୩୦ ।୧ : ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିମାନ ଦୁର୍ଘଟଣାର ତଦନ୍ତ ମହାରାଷ୍ଟ୍ର ସିଆଇଡି ଦ୍ୱାରା ଆରମ୍ଭ ହୋଇଛି । ବାରାମତିରେ ହୋଇଥିବା ଏହି ଦୁର୍ଘଟଣାରେ ଶ୍ରୀ ପାୱାରଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । ରାଜ୍ୟ ପୋଲିସ ପକ୍ଷରୁ ସିଆଇଡି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାନୁଆରୀ ୨୮ରେ ଏହି ଘଟଣା ଘଟିଥିଲା । ପୁନାର ଗ୍ରାମାଞ୍ଚଳ ପୋଲିସ ଏହି ଦୁର୍ଘଟଣାଜନିତ ମୃତ୍ୟୁ ନେଇ ଏକ ମାମଲା ପଞ୍ଜିକୃତ କରିଛି । ମୁମ୍ବାଇରୁ ଶ୍ରୀ ପାୱାରଙ୍କ ସମେତ ୪ ଜଣ ବିମାନରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା ।

ଏହି ଦୁର୍ଘଟଣାରେ କ୍ୟାପ୍ଟେନ୍ ସୁମିତ କୁମାର ମଧ୍ୟ ମୃତ୍ୟୁବରଣ କରିଥିଲେ । ତାଙ୍କର ୧୫ ହଜାର ଘଣ୍ଟା ଉଡାଣ ଭରିବାର ଅଭିଜ୍ଞତା ରହିଛି । ସହପାଇଲଟ୍ ସମ୍ଭାବୀ ପାଠକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ତାଙ୍କର ମଧ୍ୟ ସମାନ ଅଭିଜ୍ଞତା ରହିଛି । ପାୱାରଙ୍କର ବ୍ୟକ୍ତିଗତ ସୁରକ୍ଷାକର୍ମୀ ବିଦିପ୍ ଯାଧବ ଓ ଆଟେନାଣ୍ଟ ପିଙ୍କି ମାଲି ମୃତ୍ୟୁବରଣ କରିଥିଲେ । ସିଆଇଡି ଅଧିକାରୀମାନେ ପୁନା ଗ୍ରାମାଞ୍ଚଳ ଥାନାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । ସିଆଇଡି ଟିମ୍ ବାରମତି ଏୟାରଷ୍ଟ୍ରିପ୍ ଓ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ସେହିଭଳି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଆଉ ଏକ ତଦନ୍ତ ଆରମ୍ଭ ହୋଇଛି ।

# ଅନ୍‌ଲାଇନ ନିବେଶ ବାହାନାରେ ୨ କୋଟିରୁ ଊର୍ଦ୍ଧ୍ୱ ଠକେଇ



ଭୁବନେଶ୍ୱର, ୩୦ ।୧ (ସବ୍ୟୁ) : ଅନ୍‌ଲାଇନ ନିବେଶ ବାହାନାରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ୩ଜଣ ସାଇବର ଠକଙ୍କୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି । ଗିରଫ ୩ଜଣ ହେଲେ ଭୁବନେଶ୍ୱରର ବିକ୍ରମ କେଶରୀ ସାହୁ, ଦିନେଶ ମହାରଣା, ସର୍ବାଣମ ସାବତ । ଶୁକ୍ରବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

ଏତଲାକାରୀ କଟକର ଶଶଧର ମିଶ୍ର ୪୧ଲକ୍ଷ ୩୦ ହଜାର ୨୦୦ ଟଙ୍କା ଠକେଇର ଶିକାର ହୋଇଥିବା ଏତଲା କରିବା ପରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଥିଲା । ୨୦୨୩ ମସିହାରେ ସାଇବର ଠକମାନେ କମ୍ପାନୀରେ ଟଙ୍କା ବିନିଯୋଗ କଲେ କମ୍ ଦିନରେ ଅଧିକ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହି ପ୍ରତିଶ୍ରୁତିରେ କେବଳ ଶଶଧର ନୁହଁନ୍ତି ଜୟନ୍ତୀ ପାଣିଗ୍ରାହୀ ଓ ସୁଖମୟ ଦାସ ମଧ୍ୟ ୧.୨୮ କୋଟି ଟଙ୍କା ବିନିଯୋଗ କରି ଠକେଇର ଶିକାର ହୋଇଥିବା ତଦନ୍ତ ସମୟରେ ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି ।

ଠକଙ୍କ ପକ୍ଷରୁ ବିଭିନ୍ନ କମ୍ପାନୀର ନାମକରଣ କରାଯାଇ ବେନାମୀ ୱେବ୍‌ସାଇଟ୍ ମଧ୍ୟ ଖୋଲାଯାଇଥିଲା । କଟକ, ଭୁବନେଶ୍ୱର, ଆନ୍ଧ୍ର, ପଶ୍ଚିମବଙ୍ଗ, ହିମାଚଳପ୍ରଦେଶ ପ୍ରଭୃତି ଅଞ୍ଚଳରେ ମିଟିଂ କରି ଲୋକଙ୍କ ବିଶ୍ୱାସଭଜନ ହେଉଥିଲେ । ବିଭିନ୍ନ ବ୍ୟାଙ୍କରେ ଭିନ୍ନ ଭିନ୍ନ କମ୍ପାନୀ ନାଁରେ ଆକାଉଣ୍ଟ ଖୋଲିଥିଲେ ।

### ୩ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ସେହି ଆକାଉଣ୍ଟ ମାଧ୍ୟମରେ ଲୋକଙ୍କ ଠାରୁ ଟଙ୍କା ସଂଗ୍ରହ କରୁଥିଲେ । ବିନିଯୋଗ କରିଥିବା ଲୋକଙ୍କୁ ଅଧିକ ଲାଭାଂଶ ଦେବା ତ (୯ ପୃଷ୍ଠାରେ)

# ଜଳବାୟୁ ସ୍ଥିରତା ବୃଦ୍ଧି, ମରୁଡ଼ି ପ୍ରଶମନ ଲାଗି ଏମ୍‌ଓୟୁ

ଭୁବନେଶ୍ୱର, ୩୦ ।୧ (ସବ୍ୟୁ): ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ(ଓଏଡିଏମପି) ଆରମ୍ଭ ହୋଇଛି । ମରୁଡ଼ି ପ୍ରବଣ ଜିଲ୍ଲାଗୁଡ଼ିକରେ ଜଳବାୟୁ ସ୍ଥିରତା ଆଣିବା, ଉତ୍ପାଦନରେ ବୃଦ୍ଧି ଓ ଫସଲ ବିବିଧିକରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏନେଇ ବୁଝାମଣାପତ୍ର ସ୍ୱାକ୍ଷରିତ(ଏମ୍‌ଓୟୁ) ହୋଇଛି ।

ନୂଆପଡ଼ାର କୋମନ, ନବରଙ୍ଗପୁରର କୋଷାଗୁମୁଡା ଏବଂ ମୟୂରଭଞ୍ଜର ରରୁଆଁ ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ଓଡ଼ିଶା କୃଷି କ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଆଦିବାସୀ, ମହିଳା ଏବଂ ଯୁବ ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖିଛି । ସିଆରଆଇଏସ୍ଏଟି, ଆଇସିଏଆର - ସିଆରଆଇଡିଏ ଏବଂ ଆଇଆରଆରଆଇ ବୈଷୟିକ ସହାୟତାରେ ୧୪୧.୫୦ କୋଟି ଟଙ୍କାର ଏହି ପଦକ୍ଷେପ ପ୍ରାୟ ୨୪,୦୦୦ ପରିବାରକୁ ଲାଭ ପହଞ୍ଚାଇବ । ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବ ଏବଂ ପ୍ରବାସ ହ୍ରାସ କରିବ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସକ୍ରିୟ ମରୁଡ଼ି ପରିଚାଳନା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଜୀବନ ଜୀବିକା ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଜଳବାୟୁ ସ୍ଥିରତା ନିହାତି ଜରୁରୀ । ତୃଣମୂଳସ୍ତରରେ ସମନ୍ୱୟ ରକ୍ଷା କରି ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । (୯ ପୃଷ୍ଠାରେ)

## ଡିମେନସିଆ

ଡିମେନ୍ସିଆ କୌଣସି ଏକ ନିର୍ଦ୍ଦିଷ୍ଟ ରୋଗ ନୁହେଁ, ବରଂ ଏହା ମାନସିକ ସାମର୍ଥ୍ୟ ହ୍ରାସ ପାଇବାର ଏକ ସମୂହ ଅବସ୍ଥାକୁ ବୁଝାଏ । ଏହା ବ୍ୟକ୍ତିର ଦୈନନ୍ଦିନ ଜୀବନଶୈଳୀ, ସ୍ମୃତିଶକ୍ତି ଏବଂ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ ।

**ଲକ୍ଷଣ-** ଡିମେନ୍ସିଆର ଲକ୍ଷଣ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ, କିନ୍ତୁ କିଛି ସାଧାରଣ ଲକ୍ଷଣ ରହିଛି ଯାହା ସମସ୍ତଙ୍କ ନିକଟରେ ଦେଖିବାକୁ ମିଳିଥାଏ । ପ୍ରଥମରେ ରହିବ ସ୍ମୃତିହ୍ରାସ, ଯେଉଁଥିରେ ନିକଟରେ ଘଟିଥିବା ଘଟଣା ସମ୍ପର୍କରେ ଲୋକମାନେ ଭୁଲିଯାଇଥାଆନ୍ତି । ଆଉ ଏକ ହେଲା ଭାଷାରେ ଅସୁବିଧା । କଥାବାର୍ତ୍ତା ବେଳେ ସଠିକ୍ ଶବ୍ଦ ଖୋଜି ପାଇବାରେ ରୋଗୀମାନେ କଷ୍ଟ ଅନୁଭବ କରିଥାଆନ୍ତି । ଏପରିକି ସେମାନଙ୍କୁ ଛୋଟ ଛୋଟ କାମ ପାଇଁ ନିଷ୍ପତ୍ତି ନେବାରେ ସମସ୍ୟା ହୋଇଥାଏ । ଅଯଥାରେ ଚିଡିଚିଡା ହେବା, ଅବସାଦରେ ରହିବା କିମ୍ବା ବ୍ୟକ୍ତିତ୍ୱରେ ହଠାତ୍ ପରିବର୍ତ୍ତନ ଆସିବା ।

**କାରଣ-** ମସ୍ତିଷ୍କର କୋଷଗୁଡ଼ିକ ନଷ୍ଟ ହେବା କାରଣରୁ ଡିମେନ୍ସିଆ ହୋଇଥାଏ । ଏହାର କିଛି ପ୍ରମୁଖ କାରଣ ରହିଛି ଯାହା ଏହି ରୋଗ ହେବାର ଆଶଙ୍କାକୁ ବଢାଇଥାଏ । ଆଲଜାଇମର ରୋଗ , ଏହା ଡିମେନ୍ସିଆର ସବୁଠାରୁ ବଡ ସାଧାରଣ କାରଣ । ଏହାସହ ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ମଧ୍ୟ ସ୍ମୃତିହ୍ରାସ ହୋଇପାରେ । ଅନ୍ୟକାରଣ ଭିତରେ ଭିଟାମିନ୍‌ର ଅଭାବ କିମ୍ବା ଥାଇରଏଡ୍ ଜନିତ ସମସ୍ୟା ମଧ୍ୟ ରହିଛି । ତେବେ ଏହି ରୋଗର ଲକ୍ଷଣ ଚିହ୍ନି ତୁରନ୍ତ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି । ସେହିଭଳି ଜୀବନଶୈଳୀରେ କିଛି ପରିବର୍ତ୍ତନ କରିପାରିଲେ ମଧ୍ୟ ଏହି ରୋଗ ହେବାର ଆଶଙ୍କା କମା ଯାଇପାରିବ । ଖୁସି ରହିବା, ବ୍ୟାୟାମ କରିବା, ସୁଷମ ଖାଦ୍ୟ ଖାଇବା, ଅନ୍ୟ ମାନଙ୍କ ସହିତ ମନକଥା ବାଣ୍ଟିବା ଭଳି କିଛି କଥାକୁ ଧ୍ୟାନରେ ରଖିଲେ ଏହି ରୋଗଠୁ ଆମେ ଦୂରରେ ରହି ପାରିବା । ହେଲେ ଆଖପାଖରେ ଏହି ରୋଗୀ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ ।



## ସୋସିଆଲ କୋଟ୍ସ

୪୦ ବର୍ଷର କ୍ୟାରିୟର ଭିତରେ ମୁଁ ମାୟା ସଭାର କାହାଣୀ ଭଳି ସ୍କ୍ରିପ୍ଟ ଦେଖିନି । ଏହା ମୋତେ ଖୁବ ପାୱାରଫୁଲ ଲାଗିଥିଲା, ତେଣୁ ମୁଁ ପଢୁ ପଢୁ ହଁ କରିଥିଲି ।

**ଜାଭେଦ ଜାଫରି, ଅଭିନେତା**





ମୋ ମାଆ ମୋତେ ଏକ ଭଲ ଜୀବନ ଦେବା ପାଇଁ ଖୁବ ପରିଶ୍ରମ କରିଛନ୍ତି । ଅନ୍ୟଘରେ ବାସନ ମାଜି ସେ ମୋତେ ବଡ କରିଛନ୍ତି । ସବୁବେଳେ ଗୋଟିଏ ଲକ୍ଷ ମାଆଙ୍କୁ କିଭଳି ଗର୍ବିତ କରିବି ।

**ବିଶାଲ ଜେଠୱା, ଅଭିନେତା**

ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିବା କଥା ମିଛ । ବଡର ୨ ଗୀତ ଗାଇବା ପାଇଁ ଅରିଜିତଙ୍କ ଉପରେ କୌଣସି ପ୍ରେସର ନଥିଲା । ଏହାକୁ ତାଙ୍କ ଅବସର ସହ ଯୋଡନ୍ତୁ ନାହିଁ ।

**ଭୂଷଣ କୁମାର, ପ୍ରଯୋଜକ**



## ଇତିହାସ

୧୫୯୯- ବ୍ରିଟେନ୍‌ର ରାଣୀ ଏଲିଜାବେଥ୍ ପ୍ରଥମଙ୍କ ଆଦେଶରେ ଭାରତରେ ପ୍ରଥମ ଇଷ୍ଟ ଇଣ୍ଡିଆ କମ୍ପାନୀ ସ୍ଥାପିତ ହେଲା ।

୧୮୯୩- ଆମେରିକାରେ ପ୍ରଥମକରି କୋକାକୋଲା ଟ୍ରେଡ୍‌ମାର୍କର ପେଟେଣ୍ଟ କରାଗଲା ।

୧୯୧୫- ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଋଷ ବିରୋଧରେ ଜର୍ମାନୀ ପକ୍ଷରୁ ବିଷାକ୍ତ ଗ୍ୟାସ୍ ବ୍ୟବହାର କରାଗଲା ।

୧୯୫୮- ଆମେରିକା ପକ୍ଷରୁ ପ୍ରଥମ ଭୂ-ଉପଗ୍ରହ ପ୍ରକ୍ଷେପଣ କରାଗଲା ।

୧୯୬୩- ମୟୂରକୁ ଭାରତର ଜାତୀୟ ପକ୍ଷୀ ରୂପେ ଘୋଷଣା କରାଗଲା ।

୧୯୬୬- ଭୋଭିଏତ୍ ସଂଘ ପକ୍ଷରୁ ମାନବରହିତ ଲୁନାର୍ **ସ୍ପେସ୍‌କ୍ରାଫଫ** ଲଞ୍ଚ୍ କରାଗଲା ।

୧୯୬୮- ନେବାଦାରେ ଆମେରିକାର ପରମାଣୁ ପରୀକ୍ଷଣ ।

୨୦୦୭- ଆଙ୍ଗ୍ଲୋ ଡଚ୍ ଷ୍ଟିଲ୍ ନିର୍ମାଣକାରୀ କମ୍ପାନୀର ଅଧିଗ୍ରହଣ ପରେ ଟାଟାଷ୍ଟିଲ୍ ବିଶ୍ୱର ପଞ୍ଚମ ସର୍ବବୃହତ୍ କମ୍ପାନୀ ରୂପେ ପରିଚିତ ହେଲା ।

## ନୂଆ ସୁପର ଫୁଡ ବାଉଁଶକରଡ଼ି

ଆଙ୍ଗ୍ଲିଆ ରସ୍କିନ୍ ୟୁନିଭର୍ସିଟି (ଏଆରୟୁ) ର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁସାରେ ବାଉଁଶ ଗଜା ବା କଅଁଳ ବାଉଁଶ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏଥିରେ ଅନେକ ରୋଗ ସହ ଲଢ଼ିବାର କ୍ଷମତା ରହିଛି । 'ଆଡଭାନ୍ସେସ୍ ଇନ୍ ବାମ୍ବୁ ସାଇନ୍ସ' ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ବାଉଁଶ ଗଜାରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଆମିନୋ ଏସିଡ୍, ପୋଟାସିୟମ୍, ସେଲେନିୟମ୍ ଏବଂ ଭିଟାମିନ୍ ଏ, ବି୬ ଓ ଇ ରହିଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ସହ ହୃଦରୋଗ ଓ ମଧୁମେହ ଭଳି ଆଧୁନିକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ଏହା ଏକ ଉଚ୍ଚ ଫାଇବରଯୁକ୍ତ ଖାଦ୍ୟ ହୋଇଥିବାରୁ ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ । ଏଥିସହିତ ବାଉଁଶରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ପେଟରେ ଉପକାରୀ ବ୍ୟାକ୍ଟେରିଆ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ତେବେ ଗବେଷକ ପ୍ରଫେସର ଲି ସ୍ମିଥ୍‌ଙ୍କ ଅନୁଯାୟୀ, ବାଉଁଶ ଗଜାକୁ 'ସୁପରଫୁଡ୍' ଭାବେ ଗ୍ରହଣ କରାଯାଇପାରେ, କିନ୍ତୁ ଏହାକୁ ଖାଇବା ପୂର୍ବରୁ ସଠିକ୍ ଭାବେ ପ୍ରସ୍ତୁତ କରିବା ଜରୁରୀ; କାରଣ କଞ୍ଚା ବାଉଁଶ ଖାଇବା କ୍ଷତିକାରକ ହୋଇଥାଏ । ତେଣୁ ଏହାକୁ ପ୍ରସ୍ତୁତ କରିବା ଆଗରୁ ଏକ୍ସପର୍ଟଙ୍କ ସହାୟତା ନିଅନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶରେ ଏହାକୁ ଖାଆନ୍ତୁ ।






## ଟ୍ରେନରେ ମନ୍ଦିର

ବିହାରରେ ଚାଲୁଥିବା ଏକ ଟ୍ରେନରେ ମନ୍ଦିରର ନିର୍ମାଣ କରାଯାଇଛି, ଯାହା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ଚାଲୁଥିବା ଭାରତ ଗୌରବ ଟୁରିଷ୍ଟ ଟ୍ରେନର ସ୍ଲିପର କୋଚରେ ପ୍ରଭୁ ଗଣେଶଙ୍କର ମନ୍ଦିର ନିର୍ମାଣ କରାଯାଇଛି । ଏଠାରେ ପ୍ରତି ସମୟରେ ଶ୍ରଦ୍ଧାଳୁମାନେ ପୂଜା କରିବା ସହ ଭଜନ ଆରତୀ ଗାଉଥିବାର ଦେଖିବାକୁ ମିଳେ । ଏହି ଟ୍ରେନ ସହାୟତାରେ ଶ୍ରଦ୍ଧାଳୁମାନେ ଦକ୍ଷଣ ଭାରତର ସମସ୍ତ ଧାମ ଯାତ୍ରା କରିଥାଆନ୍ତି । ଏଠାରେ ଟ୍ରେନର ଗୋଟିଏ ଅପର ବର୍ଥରେ ବିଧି ବିଧାନ ଅନୁସାରେ ଗଣେଶଙ୍କୁ ସ୍ଥାପନା କରାଯାଇ ପୂଜା କରଯାଉଛି । ଏହାର ଉଦ୍ଦେଶ୍ୟ ଯାତ୍ରୀମାନେ ଶ୍ରଦ୍ଧାର ସହିତ କିଭଳି ଏହି ଯାତ୍ରା ସପୂର୍ଣ୍ଣ କରିପାରିବେ, ତେଣୁ ଟ୍ରେନର ନିର୍ମାଣ କରାଯାଇଛି ।

## ସୁନାର ରାସ୍ତା

ବର୍ତ୍ତମାନ ଭାରତରେ ସୁନା ନିଜର ଦର ପାଇଁ ଚର୍ଚ୍ଚାରେ ରହିଛନ୍ତି । ହେଲେ ଦୁବାଇରେ ବର୍ତ୍ତମାନ ନିର୍ମାଣ ହେବାକୁ ଯାଉଛି ସୁନାର ରାସ୍ତା । ଏନେଇ ଦୁବାଇର ରିଅଲିଷ୍ଟେଟ କମ୍ପାନୀ ଇଥରା ଦୁବାଇ ଏନେଇ ଘୋଷଣା କରିଛି, ଯାହାର ନାମ ରହିଛି ଗୋଲ୍ଡ ଷ୍ଟ୍ରିଟ । ଏହି ରାସ୍ତାକୁ ଗୋଲ୍ଡ ଡିଷ୍ଟ୍ରିକ ନାମକ ଏକ ସହରରେ ନିର୍ମାଣ କରାଯିବ । ଏହା ବିଶ୍ୱର ଏଭଳି ଏକ ରାସ୍ତା ଯାହାକୁ ନିର୍ମାଣ କରିବାରେ ପ୍ରଥମଥର ପାଇଁ ସୁନା ଲାଗିବ । ତେବେ ରାସ୍ତା ନିର୍ମାଣର ଟେକ୍ନିକାଲ ଡିଟେଲ୍ସ କି ଡିଜାଇନ ନେଇ କମ୍ପାନୀ ପକ୍ଷରୁ କିଛି ସୂଚନା ଦିଆ ଯାଇ ନାହିଁ । ସୁନା ଦୁବାଇର ପରମ୍ପରା ସହିତ ଜଡିତ ଥିବାରୁ ଏହି ପରମ୍ପରାକୁ କମ୍ପାନୀ ଆଧୁନିକତାର ଛାପ ଦେବାକୁ ଏହି ରାସ୍ତା ନିର୍ମାଣ କରୁଛି । ତେବେ ଏହାକୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଛି । କିଭଳି ଏହି ରାସ୍ତାର ନିର୍ମାଣ ହେବ ତାହା ଜାଣିବାକୁ ଲୋକଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳୁଛି ।



## ହାଃହାଃ

ଡାକ୍ତର: ମୁଁ ତୁମକୁ ଗୋଟିଏ ପ୍ରଶ୍ନ ପଚାରିବି, ଯଦି ଠିକ୍ ଉତ୍ତର ଦେବ ତେବେ ଜାଣିବି ତୁମେ ଭଲ ହୋଇଗଲଣି ।

ପାଗଳ: ପଚାରନ୍ତୁ ସାର୍ ।

ଡାକ୍ତର: କୁହ, ଯଦି ମୁଁ ତୁମର ଗୋଟିଏ କାନ କାଟିଦେବି ତେବେ କ'ଣ ହେବ?

ପାଗଳ: ମତେ କମ୍ ଶୁଭାଯିବ ।

ଡାକ୍ତର: ବାଃ! ବହୁତ ବଢ଼ିଆ । ଆଉ ଯଦି ଦୁଇଟିଯାକ କାନ କାଟିଦେବି?

ପାଗଳ: ତେବେ ମତେ କିଛି ଦେଖାଯିବନି!

ଡାକ୍ତର (ଚକିତ ହୋଇ): କାହିଁକି?

ପାଗଳ: କାହିଁକି ନା ମୋ ଚଷମା ମୁଁ କେଉଁଠି ଲଗେଇବି?



## ଅର୍ଥ ସବୁକିଛି

ବର୍ଷକୁ ଦର୍ଶକଙ୍କୁ ଲଗାତାର ଫିଲ୍ମ ଦେଇ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି ଅକ୍ଷୟ କୁମାର । ହେଲେ ନିକଟରେ ଅକ୍ଷୟଙ୍କ ନେଇ ଏକ ଷ୍ଟେଟମେଣ୍ଟ ଆସିଛି ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଷ୍ଟେଟମେଣ୍ଟ ଦେଇଛନ୍ତି ଫିଲ୍ମ ମେକର ଶୈଲନ୍ଦ୍ର ସିଂହ । ତାଙ୍କ ମତରେ ଅକ୍ଷୟ କୁମାର ମନି ମାଇଣ୍ଡେଡ । ଅକ୍ଷୟ ସବୁବେଳେ ଅର୍ଥ କଥା ହିଁ ଚିନ୍ତା କରନ୍ତି । ନିକଟରେ ଏକ ସାକ୍ଷାତକାରରେ ତାଙ୍କ ସହ ଅକ୍ଷୟ କୁମାରଙ୍କ ଥିବା ଅନୁଭୂତିକୁ ସେ ବଖାଣିଛନ୍ତି । ୨୦୦୯ ରେ ଏକ ଫିଲ୍ମ ଫ୍ଲପ ହେବାପରେ ସେ ଅକ୍ଷୟଙ୍କୁ କିଛି ଉତ୍ତରଦାୟିତ୍ୱ ନେବାକୁ ଅନୁରୋଧ କରିଥିଲେ । ସେ ଅକ୍ଷୟଙ୍କୁ ନିଜ ଫିସରୁ କିଛି ଅଂଶ ଫେରେଇବାକୁ କହିଥିଲେ । ହେଲେ ଅକ୍ଷୟ ଏଭଳି କରିନଥିଲେ କି ତାଙ୍କୁ କିଛି ବି ଅର୍ଥ ଫେରାଇ ନଥିଲେ । ଅକ୍ଷୟଙ୍କର ତାଙ୍କ ସହିତ ଭଲ ସମ୍ପର୍କ ଥିଲା ତଥାପି ଅକ୍ଷୟ ତାଙ୍କୁ କିଛି ବି ସାହାଯ୍ୟ କରି ନଥିଲ । ଯାହା ପରେ ସେ ଫିଲ୍ମ ପ୍ରସ୍ତୁତ କରିବା ହିଁ ବନ୍ଦ କରିଦେଇଥିଲେ । ସେହିଭଳି ଅକ୍ଷୟ ଅର୍ଥ ମାମଲାରେ ଖୁବ ଷ୍ଟ୍ରାଟେଜି କରି ଥାଆନ୍ତି । ପ୍ରଥମରୁ ତାଙ୍କର ଫିସ ଗୋଟିଏ ଥାଏ ହେଲେ ଫିଲ୍ମ ପାଇଁ କାହାଣୀ ଆଲୋଚନା ସମୟରେ ଏହି ଫିସ୍ ବଢିବଢି ଚାଲିଥାଏ ବୋଲି ଶୈଲେନ୍ଦ୍ର ମତ ଦେଇଛନ୍ତି ।



## ଓଡ଼ିଆ ରୁଚି

## ଜଖିଆ

**ସାମଗ୍ରୀ-** ଆଳୁ, ଜଖିଆ ମଞ୍ଜି ( ପାହାଡ଼ି ଅଞ୍ଚଳର ଏକ ପ୍ରକାର କଳା ଜିରା ଭଳି ଦେଖାଯାଉଥିବା ମଞ୍ଜି ), ସୋରିଷ ତେଲ, କଞ୍ଚା ଲଙ୍କା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ, ଧନିଆ ପତ୍ର ।

**ପ୍ରସ୍ତୁତି-** ପ୍ରଥମେ ଏକ କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ । ଏବେ ସେଥିରେ ଜଖିଆ ମଞ୍ଜି ପକାନ୍ତୁ । ମଞ୍ଜିଗୁଡ଼ିକ ଫୁଟିବା ଆରମ୍ଭ କଲେ କଞ୍ଚା ଲଙ୍କା ପକାନ୍ତୁ । ଏବେ କଟା ହୋଇଥିବା ସିଝା ଆଳୁକୁ ପକାଇ ତେଲ ଏବଂ ଜଖିଆ ସହ ଭଲ ଭାବରେ ଗୋଳାଇ ଦିଅନ୍ତୁ । ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଏବଂ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ମଧ୍ୟମ ଆଞ୍ଚରେ ୫-୭ ମିନିଟ୍ ପର୍ଯ୍ୟନ୍ତ ଆଳୁକୁ ଭାଜନ୍ତୁ ଯେପରି ଆଳୁର ଚାରିପାଖ ସାମାନ୍ୟ ନାଲି ପଡ଼ିଯିବ ଏବଂ ମୁଡ଼ମୁଡ଼ିଆ ହେବ । ଶେଷରେ କଟା ଧନିଆ ପତ୍ର ଉପରେ ପକାଇ ଗରମ ଗରମ ପରଷନ୍ତୁ । ଏହା ଖୁବ ସ୍ୱାଦିଷ୍ଟ ହୋଇଥାଏ ।





**ମେଷ-** ପାରିବାରିକ ସୁଖ, କାର୍ଯ୍ୟରେ ଅସଫଳ, ଅର୍ଥଲାଭ, ସୁଖବର, ବ୍ୟବସାୟରେ ଲାଭ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଶ୍ରୀରାମ ।

**ବୃଷ-** ଧନଲାଭ, ସମ୍ମାନ ପ୍ରାପ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାନ୍ତ୍ରିକ ସମସ୍ୟା, ଶୁଭଖବର, ପାରିବାରିକ ଅଶାନ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା କମଳା ।

**ମିଥୁନ-** କଳହ, ଶରୀର ଅସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ଯାନବାହନେ ସତର୍କ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

କର୍କଟ- ସମ୍ପର୍କରେ ଉନ୍ନତି, ବ୍ୟବସାୟରେ ଶତ୍ରୁତା, ପାରିବାରିକ ଗଣ୍ଡଗୋଳ, ମାନସିକ ଅଶାନ୍ତି, ନୂତନ କାର୍ଯ୍ୟରେ ଲାଭ, ସନ୍ତାନ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ସିଂହ-** ଅର୍ଥବ୍ୟୟ, ଶୁଭଖବର, ପାରିବାରିକ ଅଶାନ୍ତି, ବନ୍ଧୁଲାଭ, ଦାମ୍ପତ୍ୟ ସୁଖ, ଉଚ୍ଚଆଶା ବିଫଳ, ଶତ୍ରୁ ସମସ୍ୟା, ଯାନବାହନେ ସତର୍କ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୧୧, ଆରାଧନା- ଭଗବାନ ନୃସିଂହ ।

**କନ୍ୟା-** ସମ୍ମାନ ପ୍ରାପ୍ତି, ଭୂସମ୍ପତ୍ତି ଲାଭ, ଆଶା ସଫଳ, ଶତ୍ରୁ ଉପଦ୍ରବ, ଶରୀର ସୁସ୍ଥ, ପାରିବାରିକ ଅଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ଆରାଧନା- ଗ୍ରାମଦେବତୀ ।

**ତୁଳା-** ଅସନ୍ତୋଷ, କାର୍ଯ୍ୟରେ ମତଭେଦ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟରେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ଶଙ୍କର ।

**ବିଛା-** ଆଘାତ ପ୍ରାପ୍ତି, ଯାନବାହନେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆର୍ଥିକ ସମସ୍ୟା, କାର୍ଯ୍ୟରେ ବିଫଳ, ଧନପ୍ରାପ୍ତି, କଚେରି ମାମଲାରେ କଷ୍ଟ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ଭଗବାନ ବିଷ୍ଣୁ ।

ଧନୁ- ମନସ୍ତାପ, ଲାଭ କମ୍ ରହିବ, ବନ୍ଧୁଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା ସମାଧାନ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଗୁରୁଜନଙ୍କ ସେବା ।

**ମକର-** ପାରିବାରିକ ଖୁସି, ନୂତନ ବ୍ୟବସାୟ, ଦ୍ରବ୍ୟପ୍ରାପ୍ତି, ସମସ୍ୟା ସମାଧାନ, ଶତ୍ରୁକଷ୍ଟ, ସାମାଜିକ ପ୍ରତିଷ୍ଠା, ଲୋକସମ୍ପର୍କ ବୃଦ୍ଧି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା- ମା ଦକ୍ଷିଣକାଳୀ ।

**କୁମ୍ଭ-** ଖୁସି ଦିନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଉଚ୍ଚଆଶାରେ ବାଧା, ଶରୀର ଅସୁସ୍ଥ, ଶୁଭ ଖବର, ଗୃହେ ଉତ୍ସବ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା- ୯, ଆରାଧନା- ମା ଭୁବନେଶ୍ୱରୀ ।

**ମୀନ-** ଅଶାନ୍ତି, କର୍ମକ୍ଷେତ୍ରେ ବିବାଦ, ଶରୀର ସୁସ୍ଥ, ସମ୍ପର୍କରେ ବାଧା, ହଠାତ୍ ଧନପ୍ରାପ୍ତି, ବ୍ୟବସାୟରେ ଲାଭ, ଶତ୍ରୁ ସମସ୍ୟା, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମାଘମାସ ଶୁକ୍ଲପକ୍ଷ, ତ୍ରୟୋଦଶୀ,ଚତୁର୍ଦ୍ଦଶୀ**

**୩୧.୧.୨୦୨୬ ଶନିବାର**




ପଣ୍ଡିତ: ସତ୍ୟଶିବ ନନ୍ଦ

(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)

ମୋ:୮୯୧୭୨୮୪୩୩୮





ଗୋପାଳପୁର ବେଳାଭୂମି ମହୋତ୍ସବରେ ଯୋଗ ଦେବାପାଇଁ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଅଦାଳତ ଅବମାନନା ମାମଲା

# ଉଷା ପାଢ଼ୀ ଓ ୪ ଜଣ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ମାମଲା ପ୍ରତ୍ୟାହାର

କଟକ, (ସବ୍ୟୁ): ଅଦାଲତ ଅବମାନନା ମାମଲାରେ ହାଇକୋର୍ଟଙ୍କ କଡା ଆଭିମୁଖ୍ୟ ଯୋଗୁଁ କର୍ମଚାରୀଙ୍କୁ ୱାର୍କଚାର୍ଜଡ କର୍ମଚାରୀ ବର୍ଗରେ ନିୟମିତ କରିବା ପାଇଁ ଏକ ନୂତନ ପଦବୀ ସୃଷ୍ଟି କରାଯାଇଛି। ଆବେଦନକାରିଣୀଙ୍କୁ ୧୩.୧୧.୨୦୧୪ ମସିହାରୁ ନୂତନ ବେତନ ହାରରେ ଦରମା ଦେବା ସହ ଚାକିରି ସମ୍ବନ୍ଧୀୟ ସମସ୍ତ ସୁବିଧା ଦେବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ଆଦେଶନାମା ଜାରି କରିଛନ୍ତି ।ହାଇକୋର୍ଟଙ୍କ ଆଦେଶ ପାଳନରେ ବିଳମ୍ବ ପାଇଁ ପ୍ରମୁଖ ସଚିବ ଉଷା ପାଢୀଙ୍କ ସମେତ ୪ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ଜଷ୍ଟିସ୍ ଦୀକ୍ଷିତ୍ କ୍ରାଷ୍ଣା ଶ୍ରୀପାଦ ଓ ଜଷ୍ଟିସ୍ ଏମ୍.ଏସ୍. ସାହୁ ଅଦାଲତ ଅବମାନନା ମାମଲାକୁ ପ୍ରତ୍ୟାହାର କରିଦେଇଛନ୍ତି।

ପ୍ରକାଶ ଯେ, ପିଲୋନା ମହାନ୍ତି ନାମ୍ନୀ ମହିଳା ୧୯୯୩ ମସିହା ଅପ୍ରେଲ ୨ ତାରିଖରେ ଡି.ଏଲ.ଆର୍ କର୍ମଚାରୀ ଭାବେ ଆଠଗଡ ସ୍ପେଶାଲ୍ ପ୍ଲାନିଂ ଅଥରୀଟି ଅଫିସରେ ଯୋଗ ଦେଇଥିଲେ। କାର୍ଯ୍ୟରତ ୧୧ ଜଣ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଏକ ତାଲିକା ୩.୮.୨୦୧୩ରେ ଗୃହ ଓ ନଗର ଉନ୍ନୟନ ସଚିବଙ୍କ ନିକଟକୁ ପଠାଯାଇଥିଲା। ଏହି ତାଲିକାରେ ଆବେଦନକାରିଣୀଙ୍କ ନାମ ଦ୍ୱିତୀୟ ସ୍ଥାନରେ ଥିବା ସତ୍ତ୍ୱେ ତାଙ୍କ ଛଡା ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା। ବିନା ନୋଟିସ୍ ବା ସୂଚନାରେ ଆଠଗଡ ସ୍ପେଶାଲ୍ ପ୍ଲାନିଂ ଅଥରୀଟି ଆବେଦନକାରିଣୀଙ୍କୁ ଚାକିରିରୁ ଅନ୍ତର କରାଗଲା ବୋଲି ଏକ ଆଦେଶ ଜାରି କରିଥିଲେ। ପୁଣି ୩୦.୪.୧୯୯୪ରେ ଆବେଦନକାରିଣୀଙ୍କୁ ପୁନଃନିଯୁକ୍ତି କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଆଦେଶ ଜାରି କରାଯାଇଥିଲା। ଆବେଦନକାରିଣୀ ନିରବଚ୍ଛିନ୍ନ ଭାବେ ୧୯୯୩

### କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ନୂତନ ପଦବୀ ସୃଷ୍ଟି

ମସିହାରୁ କାର୍ଯ୍ୟ କରି ନଥିବାରୁ ତାଙ୍କୁ ନିୟମିତ କରାଯାଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହି ମାମଲାରେ ହାଇକୋର୍ଟ ଆବେଦନକାରିଣୀଙ୍କ ଲିଖିତ ଆବେଦନପତ୍ରର ବିଚାର ତିନି ମାସ ମଧ୍ୟରେ କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ସଚିବ ଆବେଦନକାରିଣୀଙ୍କ ଆବେଦନପତ୍ରକୁ ରଦ୍ଦ କରିଦେଇଥିଲେ। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟରେ ପୁଣି ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ଆବେଦନକାରିଣୀଙ୍କୁ ଏକ ମାସ ମଧ୍ୟରେ ନିୟମିତ କରି ଚାକିରି ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ଆଦେଶକୁ ଚାଲେଞ୍ଜ କରି ଏକ ରିଟ୍ ଅପିଲ୍ ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଜଷ୍ଟିସ୍ ଦୀକ୍ଷିତ କ୍ରାଷ୍ଣା ଶ୍ରୀପାଦ ଓ ଜଷ୍ଟିସ ଏମ୍.ଏସ୍. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରିଟ୍ ଅପିଲକୁ ଖାରଜ କରି ୮ ସପ୍ତାହ ମଧ୍ୟରେ ହାଇକୋର୍ଟଙ୍କ ଜଣିଆ ପୀଠ ଦେଇଥିବା ରାୟକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ଆବେଦନକାରିଣୀ ପୁଣି ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହି ମାମଲାରେ ପ୍ରମୁଖ ସଚିବ ଉଷା ପାଢୀଙ୍କ ସମେତ ୪ଜଣ ଅଧିକାରୀଙ୍କୁ ହାଜର କରାଇବା ପାଇଁ ପୋଲିସ କମିସନରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାକୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ପରିଚାଳନା କରୁଥିଲେ।

## ଗୋପାଳପୁର ବେଳାଭୂମି ମହୋତ୍ସବର ଉଦ୍‌ଯାପନୀରେ ମୁଖ୍ୟମନ୍ତ୍ରୀ

# ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ : ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର (ସବ୍ୟୁ): ଗୋପାଳପୁର ମହୋତ୍ସବ ହେଉଛି ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ । ଏହି ମହୋତ୍ସବ ମାଧ୍ୟମରେ ଆମେ ଓଡ଼ିଶାର ଅନନ୍ୟତା, ଗଞ୍ଜାମର ଗରିମା ଓ ଆମ ସଂସ୍କୃତିର ଜୀବନ୍ତ ଐତିହ୍ୟକୁ ଉତ୍ସବରେ ପରିଣତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୬ର ଉଦ୍‌ଯାପନୀ ଅବସରରେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୪୯୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୫ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୪୪୨ କୋଟି ଟଙ୍କା ମୂଲ୍ୟର ୬୪ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି, ହଷ୍ଟେଲ ସୁବିଧା, ସଡକ ନିର୍ମାଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ମଧ୍ୟରେ ୩୨ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବେଳାଭୂମିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ରହିଛି । ଏଥି ସହିତ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି କବିସମ୍ରାଟଙ୍କ ବହୁମୂଲ୍ୟ ଅବଦାନ ପ୍ରତି ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସମ୍ମାନଜନକ 'ଉପେନ୍ଦ୍ର ଭଞ୍ଜ ଚେୟାର'ର ପୁନଃସ୍ଥାପନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ବହୁ ପୂର୍ବରୁ ଏହି ଚେୟାର ପ୍ରତିଷ୍ଠିତ



ହୋଇଥିଲେ ମଧ୍ୟ ଏହା ଦୀର୍ଘ ବର୍ଷ ଧରି ଅଚଳ ଥିଲା । ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀକୁ ଚଳିତ ବର୍ଷ ଠାରୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଛନ୍ତି । ଆସନ୍ତା ମଇ ୧୬ ତାରିଖରୁ କବି ସମ୍ରାଟଙ୍କ ଜୟନ୍ତୀ ୭ ଦିନ ବ୍ୟାପୀ ଉତ୍ସବ ଆକାରରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ପ୍ରଥମେ ସମୁଦ୍ର ଆଳତୀ କରିଥିଲେ । ପରେ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ପର୍ଯ୍ୟଟକ ଓ ଗଞ୍ଜାମ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଏଠାରେ ଆୟୋଜିତ ହୋଇଥିବା ଏହି ମହୋତ୍ସବ ହେଉଛି କଳା, ସଂସ୍କୃତି ଓ ପର୍ଯ୍ୟଟନର ସମନ୍ୱୟ । ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବବର୍ଗଙ୍କ

### ଜିଲ୍ଲାବାସୀଙ୍କୁ ଭେଟି ଦେଲେ ୪୯୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ

ପାଇଁ ଅପାର ସୁଯୋଗର ଉତ୍ସବ । ଏହି ମହୋତ୍ସବ ଆମ କଳାକାର ଓ କାରିଗରମାନଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚ ପ୍ରଦାନ କରିଆସିଛି । ମୁଖ୍ୟମନ୍ତ୍ରୀ କହିଥିଲେ, ୧୬,୫୫୪ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ କରାଯିବ । ଏହାଦ୍ୱାରା ବନ୍ଦରର ପଣ୍ୟପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ୍ ଟନ୍ ହେବ ଏବଂ ୫ ହଜାର ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ ହେବ । ଜିଲ୍ଲାର ବାହୁଦା ଠାରେ ୨୧, ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ୍ ବନ୍ଦର ସ୍ଥାପନ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ଆମର ବନ୍ଦରଭିତ୍ତିକ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହୋତ୍ସବର ସ୍ମରଣିକା 'ଶାମୁକା', ଗଞ୍ଜାମ ଉପରେ ଏକ କଫି ଟେବୁଲ ବୁକ୍ ଏବଂ ଗଞ୍ଜାମ-୩୬୦ ଆପ୍‌ର ଲୋକାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଜିଲ୍ଲାର କଳା, ସଂସ୍କୃତି ଓ ଶିଳ୍ପକ୍ଷେତ୍ରର ବିକାଶ ପାଇଁ ଆଜିକୁ ମିଶାଇ ୮ ଥର ଜିଲ୍ଲାକୁ ଆସିଲେଣି। ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିମନ୍ତ୍ରଣ ରକ୍ଷା କରି କାର୍ଯ୍ୟକ୍ରମକୁ ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ କୀର୍ତ୍ତି ଭାସନ ଭି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶୀରକେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଆଇବି ଓ ସିବିସି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସ୍ୱଚ୍ଛତା ପଖୱାଡ଼ା ୨୦୨୬ ଉଦ୍‌ଯାପିତ

# ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ : ପିଆଇବି ଏଡିଜି ଅଖିଳ ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ୨୦୨୬ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଜନ ଭାଗିଦାରୀ ଏବଂ ଅଭ୍ୟାସଗତ ପରିବର୍ତ୍ତନ ଦିଗରେ ସାମୂହିକ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟିର ଏନଏସଏସ ସେଲ ଆବାହକ ପ୍ରଫେସର ଯୋଗେନ୍ଦ୍ର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରାଯିବା ସହିତ ଜନଭାଗିଦାରୀ ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସଗତ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଥିଲା।




କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ ଯେ, ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ' କେବଳ ବାହ୍ୟ ସ୍ୱଚ୍ଛତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନସିକ ସ୍ୱଚ୍ଛତାର ଏକ ବ୍ୟାପକ ଆନ୍ଦୋଳନ। ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ। ସ୍ୱଚ୍ଛତା ଯେତେବେଳେ ଜୀବନଶୈଳୀରେ ପ୍ରତିଫଳିତ ହେବ ଏବଂ ନାଗରିକଙ୍କ ମୂଲ୍ୟବୋଧ ଭାବେ ଗ୍ରହଣୀୟ ହେବ, ସେତେବେଳେ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ।

ତନୟା ପଟ୍ଟନାୟକ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କୁ ସଚେତନ କରି କହିଥିଲେ, ସ୍ୱଚ୍ଛତାର ଅଭିଯାନ ନିଜ ଘରୁ ହିଁ ଆରମ୍ଭ ହେବା ଆବଶ୍ୟକ। କେବଳ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ଦୀର୍ଘସ୍ଥାୟୀ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ, ଏଥିପାଇଁ ଜନ ସଚେତନତା, ଉତ୍ତରଦାୟିତ୍ୱ ଏବଂ ସଚେତନ ପଦକ୍ଷେପର ଆବଶ୍ୟକତା ରହିଛି। ନିଜ ଆଖପାଖ ପରିବେଶ ଏବଂ ସାମାଜିକ ସ୍ତରରେ ପରିଚ୍ଛନ୍ନତାକୁ ବଜାୟ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତିର ସାମୂହିକ ଦାୟିତ୍ୱବୋଧ ଓ ସଚେତନତା ଏକାନ୍ତ ଅପରିହାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ପ୍ରକୃତରେ ଏକ ସ୍ୱଚ୍ଛ ଏବଂ ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ। ପ୍ରଫେସର ଯୋଗେନ୍ଦ୍ର ସିଂହ କହିଥିଲେ ଯେ, ଭିତ୍ତିଭୂମି ଅପେକ୍ଷା ସ୍ୱଚ୍ଛତା ପାଇଁ ବ୍ୟକ୍ତିଗତ ସଚେତନତା ଆବଶ୍ୟକ। ଗ୍ରାମାଞ୍ଚଳରେ ଏହି ସଚେତନତା ଅଧିକ ଦେଖାଯାଏ । ସହରାଞ୍ଚଳରେ ସ୍ୱଚ୍ଛତା ଘର ପର୍ଯ୍ୟନ୍ତ ସୀମିତ ରହିଯାଏ ବୋଲି ମତ ରଖିବା ସହିତ ବ୍ୟାପକ ସାମାଜିକ ସମ୍ପୃକ୍ତି ପାଇଁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସିବିସି, ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା 'ବିକଶିତ ଭାରତ ୨୦୪୭' ବାର୍ତ୍ତା ଉପରେ ଆଧାରିତ ଏକ ନାଟକ ପରିବେଷଣ କରାଯାଇଥିଲା। କଳାକାରମାନେ ସୃଜନଶୀଳ ଉପସ୍ଥାପନା ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିଥିଲେ । କାର୍ଯ୍ୟକ୍ରମର ସମାପନ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

# କାଇପଦର କ୍ଲଷ୍ଟରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବ୍ଲକ କାଇପଦର ଆଂଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସାତୋଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ର ୩୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପସ୍ଥିତି ରେ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା କାଇପଦର ମାଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ସାଧନ କେନ୍ଦ୍ର ସଂଯୋଜିକା ବାଗେଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରବୀନ୍ଦ୍ର କୁମାର ସାହୁ, ଫଂଚ ଶାଖା ଶିକ୍ଷା ସେତୁ କମିଟି ର ସଭାପତି ଦିଲୀପ କୁମାର ସାହୁ, ସମାଜସେବୀ ଭିକାରି ଚରଣ ବଳିୟାରସିଂହ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଟୁନୀ ଦେଇ, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ଦେବୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ର ଉପସଭାପତି ଅଗାଧୁ ସେଠୀ, ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ତିଲୋତମା ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ ସମ୍ବଳ ଶିକ୍ଷକ ଜଗନ୍ନାଥ ମାଝୀ, ହସ୍ତ ଶିଳ୍ପ ମାଧ୍ୟମରେ କିପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଯିବା ସହିତ ସରଳ ଓ ସାବଲୀଳ ଢଙ୍ଗ ରେ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରାଯାଇ ପାରିବ ସେ ବିଷୟରେ ତାଲିମ୍ ଦେବା ସହିତ ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ।



## ବୁଡିଯିବକି ଖୋର୍ଦ୍ଧା କ୍ରସର ଶିଳ୍ପ : ଦିନ ଦିନ ଧରି ଝୁଲୁଛି ତାଲା, ମିଳୁନି କଞ୍ଚାମାଲ

# ଚିନ୍ତାରେ ମାଲିକ, ଦାଦନ ମୁହାଁ ଶ୍ରମିକ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା କ୍ରସର ଶିଳ୍ପ ଉପରେ ଖୋର୍ଦ୍ଧା ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଶ୍ରମିକ ନିର୍ଭର କରୁଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ଧରି ବନ୍ଦ ପଡିଛି କ୍ରସର ଶିଳ୍ପ। ଏହି ଶିଳ୍ପ ଏବେ ବୁଡିବାକୁ ବସିଥିବାବେଳେ କ୍ରସର ଉପରେ ନିର୍ଭର କରୁଥିବା ଶ୍ରମିକ ଏବେ କାମ ଅନ୍ୱେଷଣରେ ବାହାରକୁ ଗଲାଣି ତ ଆଉ କିଏ ଭୋକ ଉପାସରେ ପଡିଛି। କେବଳ ସେତିକି ନୁହେଁ କ୍ରସର ଶିଳ୍ପ କୁ ଦୃଷ୍ଟିରେ ରଖି କରାଯାଇଥିବା ଆସବାବପତ୍ର ଯଥା: ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି ଏବେ ପଡି ଖତ ଖାଉଥିବା ଦେଖାଯାଇଛି।

ଅନ୍ୟପକ୍ଷରେ ଧାର କରଜ କରି କ୍ରସର ଶିଳ୍ପ କରିଥିବା ମାଲିକଙ୍କ ଅବସ୍ଥା କହିଲେ ନସରେ। କେଉଁଠି ବ୍ୟାଙ୍କ କର୍ତ୍ତୃପକ୍ଷ କିସ୍ତି ପାଇଁ ଦ୍ୱାର କୁ ଆସିଲେଣି ତ ଆଉ କେଉଁଠି ମହାଜନ ଟଙ୍କା ଫେରାଇବାକୁ ଦାବି କଲାଣି। ଏଥିସହିତ ଟ୍ରକ, ଜେସିବି ମେସିନ୍, ଟ୍ରାକ୍ଟର, ବ୍ରେକର, ପ୍ରୋକଲିନ୍ ପ୍ରଭୃତି କରିଥିବା ମାଲିକଙ୍କ ଅବସ୍ଥା ମଧ୍ୟ ସମାନ। ଯାହା ଆଜି କିଛି କ୍ରସର ମାଲିକ କୋହଭରା କଣ୍ଠ ରେ ପ୍ରକାଶ କରିବା ଘଟଣା ସ୍ପଷ୍ଟ କରୁଛି। ଗାଡି ଓ କ୍ରସର ବାବଦ ବ୍ୟାଙ୍କ ଋଣ ଅର୍ଥ ସୁଝିବାକୁ ଯାଇ ଘରେ ଥିବା ସୁନା ଗହଣା ବ୍ୟାଙ୍କରେ ବନ୍ଧା ପଡିଥିବାବେଳେ ତାହା ମଧ୍ୟ ଏବେ ବୁଡିବାକୁ ବସିଲାଣି। ସେପଟେ କ୍ରସର ଶିଳ୍ପ ଚାଲିବା ଲାଗି କୌଣସି ବାଟ ଫିଟୁନଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଯେଉଁ ଜମିରେ କ୍ରସର ବସିଛି ତାର ପାଉଣା ଲାଗି ତାଗିଦ କରିବା ଏବେ ମାଲିକମାନଙ୍କୁ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି।

ପ୍ରକାଶ ଥାଉକି, ଖୋର୍ଦ୍ଧାର ଦଲେଇପୁଟ, କୁରାଢମଲ୍ଲ, ଦୁର୍ଗାପୁର, ବାଜପୁର, ଛତ୍ରମା, ଦଧିମାଛଗାଡିଆ, ତାପଙ୍ଗ, ମଳିପଡା, କଁପୁର, ଗୋଡା ପ୍ରଭୃତି ଅଂଚଳରେ ରହିଛି ୪୫୦ରୁ ଉଦ୍ଧ୍ୱର୍ କ୍ରସର ଶିଳ୍ପ। କ୍ରସର ଶିଳ୍ପ ଚାଲିଲେ ଖୋର୍ଦ୍ଧା ବଜାର ସମେତ ଏହାର ଉପକଣ୍ଠ ଅଂଚଳ ବଜାର ସରଗରମ ହେଉଥିଲା। ମାତ୍ର କିଛି ବର୍ଷ ହେବ ଉପରୋକ୍ତ ଅଂଚଳମାନଙ୍କରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚାଲୁଥିବା ସାପ୍ତାହିକ ହାଟ ଓ ବ୍ୟବସାୟିକ ଅନୁଷ୍ଠାନ କ୍ରସର ଶିଳ୍ପ ବନ୍ଦ ଯୋଗୁ ଏବେ ଧିରେ ଧିରେ ତାଲା ପଡିବାକୁ ବସିଲାଣି। ସେହିପରି କ୍ରସର ଶିଳ୍ପ ବନ୍ଦ ଯୋଗୁ ହଜାର ହଜାର ଶ୍ରମିକଙ୍କ ପରିବାର ଅନ୍ଧାକାରମୟ ଭିତରକୁ ଠେଲି ହୋଇଛନ୍ତି।

## ନାଲ୍‌କୋର ଆର୍ଥିକ ବର୍ଷ ୨୦୨୫ - ୨୬ର

# ତୃତୀୟ ତ୍ରୈମାସିକରେ ସର୍ବକାଳୀନ ସର୍ବାଧିକ ୧୬୦୧ କୋଟି ଟଙ୍କାର ନିଟ୍ ଲାଭ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫ - ୨୬ ର ତୃତୀୟ ତ୍ରୈମାସିକଫଳାଫଳ ଘୋଷିତ ହୋଇଛି। ଡିସେମ୍ବର ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀର ନିଟ ଲାଭ ସର୍ବକାଳୀନ ସର୍ବାଧିକ ୧୬୦୧କୋଟି ଟଙ୍କା ହୋଇଥିବା ବେଳେ, ବିଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୧୫୮୩ କୋଟି ଟଙ୍କା ଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଫଳାଫଳ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ର ତୃତୀୟ ତ୍ରୈମାସିକରେ କମ୍ପାନୀର ମୋଟ ଆୟ୪,୯୨୫ କୋଟି ଟଙ୍କା ହୋଇଥିବା ବେଳେ ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୪,୭୬୧ କୋଟି ଟଙ୍କା ଥିଲା।



ଡିସେମ୍ବର ୨୦୨୫ରେ ଶେଷହୋଇଥିବା ୯ମାସର ଫଳାଫଳ ଅନୁସାରେ କମ୍ପାନୀର ମୋଟ କାରବାର ୧୨,୮୩୦ କୋଟି ଟଙ୍କା ସହ ନିଟ ଲାଭ ୪୦୯୮କୋଟି ଟଙ୍କା ହୋଇଛି ଯାହାକି ପୂର୍ବଆର୍ଥିକବର୍ଷରସମାନ ସମୟରେ ଯଥାକ୍ରମେ ୧୧,୫୨୦ ଏବଂ ୩,୨୪୬କୋଟି ଟଙ୍କା ଥିଲା। ନିଟ ଲାଭ ପରିମାଣ ୨୬ପ୍ରତିଶତ ବୃଦ୍ଧି ହେବା ସହ ମୋଟକାରବାରରେ୧୧ ପ୍ରତିଶତବୃଦ୍ଧିପାଇଛି।ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକ ତଥା ୯ ମାସର କାରବାରରୁ ନାଲକୋ ସର୍ବକାଳିନ ସର୍ବାଧିକ ଆୟ ଓ ଲାଭ ଅର୍ଜନର ରେକର୍ଡ ହାସଲ କରିଛି।

କର୍ମଚାରୀମାନଙ୍କୁ ଏହି ସଫଳତାର ଶ୍ରେୟ ଦେବା ସହ, ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ,ମୂଲ୍ୟ ଅପ୍ଟିମାଇଜେସନ୍, ମାର୍ଜିନ୍ ପରିଚାଳନା ଏବଂ ଗୁଣବତ୍ତା ବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱଦ୍ୱାରା ଏହି ଫଳାଫଳ ହାସଲ ହୋଇପାରିଛି।ଚଳିତ ତ୍ରୈମାସିକ ଫଳାଫଳ ମୁଖ୍ୟତଃ ଆଲୁମିନା ଏବଂ ଧାତୁ ବିକ୍ରିରେ ଅଭିବୃଦ୍ଧିସହକ୍ୟାପ୍ଟିଭ କୋଇଲା ଖଣିରବର୍ଦ୍ଧିତ ଉପଯୋଗଏବଂ ଧାତୁ ବିକ୍ରିରୁ ବର୍ଦ୍ଧିତ ଲାଭାଂଶ ହାସଲ ଯୋଗୁଁ ସମ୍ଭବ ହୋଇଛି। ବର୍ତ୍ତମାନ,ନବସୃଜନ, ଶିଳ୍ପ ୪.୦ କୌଶଳ ବ୍ୟବହାର, ଗବେଷଣା ତଥା ବିକାଶ ଏବଂ କାର୍ବନ ହ୍ରାସ, ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ ପରିସମାପ୍ତି ଦ୍ୱାରା କମ୍ପାନୀ ଦୀର୍ଘକାଳୀନ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି ବୋଲି, ସେ କହିଛନ୍ତି।ନାଲକୋ କୁ ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷ ହାସଲ ଦିଗରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ଏବଂଓଡ଼ିଶା ସରକାରଙ୍କ ନିରନ୍ତର ସମର୍ଥନ ନିମନ୍ତେ ଶ୍ରୀ ସିଂହ କୃତଜ୍ଞତା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ସେୟାର ପ୍ରତି ୪.୫୦ଟଙ୍କାର ଦ୍ୱିତୀୟ ଇଣ୍ଟେରିମ ଡିଭିଡେଣ୍ଡ ମଧ୍ୟ ଘୋଷଣା କରାଯାଇଛି ।

# ରାଜ୍ୟସ୍ତରୀୟ ଶହୀଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାସୁମନ

ଭୁବନେଶ୍ୱର, (ସବ୍ୟୁ): ମହାତ୍ମା ଗାନ୍ଧୀଙ୍କ ନାମ କାନରେ ବାଜିଲେ, ମନ ଓ ହୃଦୟରେ ସତ୍ୟ ଓ ଅହିଂସା ଭାବ ସ୍ୱତଃ ଉଦ୍ରେକ ହୋଇଥାଏ । ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ନିଷ୍ଠାପର ପୂଜାରୀ ଓ ସାଧକ, ଖୁବ୍ ଉଚ୍ଚମନା, ଦେଶପ୍ରେମୀ, ସେବକ ଓ ତ୍ୟାଗୀ । ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଉପେକ୍ଷା-ଅସହଯୋଗ ତାଙ୍କର ପ୍ରଚଣ୍ଡ ଆତ୍ମଶକ୍ତିର ଅଭିବ୍ୟକ୍ତି । ଗାନ୍ଧିଜୀ ଏହି ମହାନ୍ ସମର ତୁରୀ ବଜାଇ ତତ୍କାଳୀନ ଶାସକ ଗୋଷ୍ଠୀର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲେ । ରାମ ନାମ ସ୍ମରଣ ଓ ସତ୍ୟ ଏବଂ ଅହିଂସାକୁ ଆନ୍ଦୋଳନର ପ୍ରଧାନ ଅସ୍ତ୍ର ରୂପେ ବ୍ୟବହାର କରି ସେ ଦେଇଥିଲେ ଭାରତକୁ ସ୍ୱାଧୀନତା ।

ବିଂଶ ଶତାବ୍ଦୀର ଶ୍ରେଷ୍ଠ ମାନବ ସତ୍ୟର ପୂଜାରୀ ତଥା ଅହିଂସାର ପ୍ରତୀକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଇଛି । ବିଧାନସଭା ପରିସରରେ ଆଜି ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଶହୀଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଭାସ୍କର ଚନ୍ଦ୍ର ମଢ଼େଇଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରମୁଖ ଜାତିର ଜନକ ସଙ୍କେତ ସ୍ୱରୂପ ଦ୍ୱିତୀୟବାର ତୋପଧ୍ୱନି କରାଯାଇଥିଲା । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଂଗୀତ ବାଦନ ପରେ କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ କରାଯାଇଥିଲା ।ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ । ପୋଲିସବାହିନୀ ଦ୍ୱାରା ବୀର ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ସମାପ୍ତିର । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ଓ ଅନ୍ୟ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ହତ୍ୟାକାରୀକୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗର ଅଞ୍ଚଳରେ ୨୦୧୯ ଜାନୁଆରୀ ମାସରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ଆସାମୀ ଅନିସା ମିତ୍ରଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ମିଳିଛି ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରୁ । ଜେଲ୍ ଦଣ୍ଡାଦେଶ ସହ ୨୦ ହଜାର ଜରିମାନା ପାଇଁ ରାୟରେ କୁହାଯାଇଛି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ଦୁଇବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ମୃତ ଅଳକାନନ୍ଦା ଦାସ ହେଉଛନ୍ତି ଅଭିଯୋଗକାରିଣୀ ମଧୁଛନ୍ଦା ଦାସଙ୍କ ସାନ ଭଉଣୀ । ମୃତ ଅଳକାନନ୍ଦା ଏବଂ ଅନିସା ମିତ୍ର ଉଭୟେ ଲିଭ୍‌ଇନ୍‌ରେ ଗୌରୀନଗର ଫ୍ଲାଟ୍ ନଂ ୩୬୦୪ରେ ଭଡାକୁ ରହୁଥିଲେ । ନିଜ ବିବାହ ନିର୍ବନ୍ଧ ସ୍ଥିର ହୋଇଥିବାରୁ ୨୦୧୯ ଜାନୁଆରୀ ମାସ ୧୯ ତାରିଖରେ ସେ ଗାଁକୁ ଯିବା ଲାଗି ବାହାରିଥିଲେ । ଏହା ଜାଣିବା ପରେ ଅନିସା ତାଙ୍କୁ ଘରକୁ ଯିବା ଲାଗି ବାରଣ କରିଥିଲା । ଯଦି କଥା ନମାନି ଘରକୁ ଯାଆନ୍ତି, ତେବେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଶୁଣାଇ ଦେଇଥିଲେ ଅନିସା । ଏହା ବ୍ୟତୀତ ସେ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲା । ଅଳକାନନ୍ଦା ଭଉଣୀ ମଧୁଛନ୍ଦାଙ୍କୁ ଏନେଇ ଜଣାଇବାରୁ ସେହିଦିନ ଗାଁକୁ ନବାହାରି ତା'ପରଦିନ ସକାଳେ ଯିବା ପାଇଁ ମଧୁଛନ୍ଦା ତାଙ୍କୁ କହିଥିଲା । କିନ୍ତୁ ତା'ପରଦିନ ଅର୍ଥାତ୍ ୨୦ ତାରିଖ ସକାଳ ସମୟରେ ଅଭିଯୋଗକାରିଣୀ ମଧୁଛନ୍ଦା ଭଉଣୀ ଅଳକାନନ୍ଦଙ୍କ ମୃତ୍ୟୁ ଖବର ପୋଲିସ ନିକଟରୁ ଜାଣିବାକୁ ପାଇଥିଲେ । ସୂଚନା ପାଇବା କ୍ଷଣି ମଧୁଛନ୍ଦା ଭୁବନେଶ୍ୱରସ୍ଥିତ ଗୌରୀନଗର ଭଡାଘରକୁ ଯାଇ ଅଳକାନନ୍ଦାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପଡିଥିବା ଦେଖିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ଶ୍ରୀଲିଙ୍ଗରାଜ ଥାନାରେ ଅନିସାଙ୍କ ବିରୋଧରେ ହତ୍ୟା ଅଭିଯୋଗ ଏତଲା ଦାଏର କରିଥିଲେ ।

ମଧୁଛନ୍ଦାଙ୍କ ଏତଲା ଆଧାରରେ ପୋଲିସ ୧୪/୨୦୧୯ରେ ଆଇପିସି ଧାରା ୩୦୨ ଲାଗୁ କରି ମାମଲା ପଞ୍ଜୀକୃତ କରିଥିଲା । ଇନ୍ସପେକ୍ଟର ଜନାର୍ଦ୍ଦନ ପାଢୀ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲେ । ତଦନ୍ତ ତ୍ୱରାନ୍ୱିତ ହେବା ପରେ ଆସାମୀ ଅନିସା ମିତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଚାର୍ଜସିଟ୍ ନିର୍ଦ୍ଧାରିତ ସମୟରେ ସୁଦୃଢ ଭାବେ ହୋଇଥିଲା । ୧୦ଜଣ ସାକ୍ଷୀ ଓ ୩୦ ଦସ୍ତାବିଜ୍‌କୁ ନେଇ ମାନ୍ୟବର କୋର୍ଟ ଆସାମୀ ଅନିସା ମିତ୍ରଙ୍କୁ ଆଇପିସି ୩୦୨ ଧାରାରେ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା ପାଇଁ ରାୟରେ କୁହାଯାଇଛି । ତାହା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି ।

## ବିଶିଷ୍ଟ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତିସନ୍ଧ୍ୟା

କଟକ, (ସବ୍ୟୁ): ରଘୁନାଥ ଦାସ (ଜଟାୟୁ) ପ୍ରଗତିବାଦୀ ଚେତନାର ଜଣେ ପ୍ରଭାବଶାଳୀ କବି । ଜନଚେତନା ଜାଗ୍ରତ କରିବା ସହିତ ଏକ ସୁନ୍ଦର ଓ ସମୃଦ୍ଧ ସମାଜ ଗଢ଼ିତୋଳିବା ଦିଗରେ ତାଙ୍କ ରଚନାବଳୀ ବେଶ୍ ଖୋରାକ୍ ଯୋଗାଏ । ତାଙ୍କ ପରି କବି ଆଜିର ସାହିତ୍ୟ ଜଗତରେ ବିରଳ ବୋଲି ଶୁକ୍ରବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ବିଶିଷ୍ଟ ପ୍ରଗତିବାଦୀ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଭାଷାବିତ୍ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଓ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଜଟାୟୁଙ୍କ ଜୀବନ ଓ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

## ରାଜ୍ୟର ସବୁ ସହରାଞ୍ଚଳ ପାର୍କର ବଦଳିବ ରୂପରେଖ

# ସ୍ଥାପିତ କୌଣସି ପ୍ରତିମୂର୍ତ୍ତିର ଅସମ୍ମାନ ସହିବେନି ସରକାର

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟର ସହରାଞ୍ଚଳରେ ଜୀବନଧାରଣର ମାନ ବୃଦ୍ଧି ଏବଂ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି ଗୃହ ଓ ନଗର ଉନ୍ନୟନ ବିଭାଗ । କେବଳ ଭୁବନେଶ୍ୱର କିମ୍ବା କଟକ ନୁହେଁ, ବରଂ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ (ୟୁଏଲବି) ଥିବା ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ଉନ୍ନତି ପାଇଁ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକଫର କୃଷ୍ଣ ଚନ୍ଦ୍ର ମହାପାତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।



ଶୁକ୍ରବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ତାଙ୍କର ନିକଟ ଅତୀତର ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କ ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ । ପାର୍କର ଦୁରାବସ୍ଥା ଦେଖି ସେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ, ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ । ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସିଧାସଳଖ ଜଡ଼ିତ । ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଯନି ନେବାକୁ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଏଥିରେ ଅବହେଳା ଜନସାଧାରଣଙ୍କ ଭାବନା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅସମ୍ମାନ ବୋଲି ସେ କହିଛନ୍ତି । କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ଉପର ଠାଉରିଆ ସଜବାଜ ନୁହେଁ, ବରଂ ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏହି ପରିପ୍ରେକ୍ଷୀରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ-ମୋଡରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି ।

## ଡକାୟତି ଯୋଜନା ଜେଲ ଗଲେ ୪ ଅଭିଯୁକ୍ତ

ପୁରୀ, (ସବ୍ୟୁ): ଡକାୟତି ଯୋଜନା କରିବା ଅଭିଯୋଗରେ କୁମ୍ଭାରପଡା ଥାନା ପୁଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ଅଭିଯୁକ୍ତ ମାନଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି କ୍ଷ ଅଭିଯୁକ୍ତ ମାନେ ହେଲେ ନରେନ୍ଦ୍ରକୋଣ ମଙ୍ଗଳସାହିର ଟିକିନା ଓରଫ ପ୍ରଶାନ୍ତ ବେହେରା ୩୨,ରାହୁଲ ବେହେରା ୧୯, ଗୋଖସାହିର ବିଜୁ ଓରଫ ବିଜୟ ବେହେରା ୩୬, ମାର୍କଣ୍ଡେଶ୍ୱର ସାହିର ଧରଣୀ ଓରଫ ଧରଣୀଧର ବେହେରା ୩୮ । ଅଭିଯୁକ୍ତ ମାନଙ୍କ ନିକଟରୁ ୨ଟି ଆଇରନ ଖଣ୍ଡା, ଗୋଟିଏ ଛୁରୀ, ଗୋଟିଏ ଆଇରନ ରଡ଼, ଖାଲି ମଦ ବୋତଲ ସହ ପ୍ଲାଷ୍ଟିକ ଗ୍ଲାସ ଜବତ କରିଛି ପୁଲିସ । ଗତ ଗୁରୁବାର ରାତ୍ରରେ ପୁଲିସ ଦ୍ୱାରା ରାତ୍ର ପ୍ରାଟୋଲିଂ କରାଯାଉଥିଲା କ୍ଷ କେତେକ ଯୁବକ ନବକଳେବର ରୋଡ ଏକ ଘରୋଇ ହସ୍ପିଟାଲ ପଛପଟେ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା । ପରେ ପୁଲିସ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ କ୍ଷ ଜଣେ ଅଭିଯୁକ୍ତ ଖସି ପଳାଇ ଯାଇଥିବା ବେଳେ ୪ଜଣକୁ ପୁଲିସ ଗିରଫ କରିଥିଲା । ଥାନା ଆଇଆଇସି ବିଜୟ କେତନ ବେହେରା ତଦନ୍ତ କରିଥିଲେ । ପରେ ୫୮/୨୦୨୬ ନମ୍ବର ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା କ୍ଷ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା ।

## ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଅଭିଯୋଗ, ୨ ଭାଇ ଗିରଫ

ପୁରୀ, (ସବ୍ୟୁ):: ଜମି ବାଡ଼ି ବିବାଦ କୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବାସେଳୀ ସାହି ଥାନା ପୁଲିସ ସମଙ୍ଗ ବେହେରା ସାହିର ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଦୁଇଭାଇ ହେଲେ ଏହି ଥାନା ଅଧୀନ ସମଙ୍ଗ, ବେହେରା ସାହିର ବଣ୍ଟି ଓରଫ ମୁକେଶ କୁମାର ସେନାପତି (୨୬) ଓ ହାପି ଓରଫ ଶୁଭମ ସେନାପତି (୨୧) । ଆକ୍ରମଣରେ ବ୍ୟବହୃତ ଏକ କୋଦାଳ ଓ ଏକ ବେଲେଚା ପୁଲିସ ଜବତ କରିଛି କ୍ଷ ବାସେ ଳି ସାହି ଥାନା ଆଇଆଇସି ଅଭିନା ଶ ରାଉତଙ୍କ ସୂଚନା ମୁତାବକ ସମଙ୍ଗ ବେହେରା ସାହିର ଶୂନ୍ୟବାସୀ ସେନାପତିଙ୍କ ପତ୍ନୀ ତୁଳସୀ ବେହେରା ଜମି ବାଡ଼ି ବିବାଦକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ନେଇ ଗତ ୨୮ ତାରିଖ ରାତ୍ରରେ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ତାଙ୍କର ଜମିରେ ନିର୍ମାଣ କାର୍ଯ୍ୟ କରୁଥିଲେ । ବଣ୍ଟି, ହାପି ତାଙ୍କ ପିତା ମୁରଲୀଧର ସେନାପତି ଓ ମା ସବିତା ସେନାପତି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ । ଏଥିରେ ସେ ପ୍ରତିବାଦ କରିବାରୁ ବଣ୍ଟି, ହାପି ଦୁଇ ଭାଇ କୋଦାଳ ଏବଂ ବେଲେଚା ଯୋଗେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏଥିସହ ବିଭିନ୍ନ ଧମକ ଦେଇଥିଲେ । ଫଳରେ ସେମାନଙ୍କ ଶରୀରରେ ଆଘାତ ଲାଗିଥିଲା ବୋଲି ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗ କ୍ରମେ ୩୪/୨୦୨୬ ନମ୍ବର ମାମଲା ରୁଜୁ କରାଯାଇ ବଣ୍ଟି ଓ ହାପିକୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରା ଯାଇଛି ।

## ଗଦି ଗୋଦାମରେ ନିଆଁ

ନିମାପଡା,(ସବ୍ୟୁ): ନିମାପଡା ପୁରୁଣା ବସଷ୍ଟାଣ୍ଡରୟୁକୋ ବ୍ୟାଙ୍କ ନିକଟରେ ଥିବା ଏକ ଗଦି ଗୋଦାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ନିମାପଡା ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିବା ଯୋଗୁଁ ଏକ ବଡଧରଣ ଅଗ୍ନିକାଣ୍ଡକୁ ରୋକାଯାଇ ପାରିଛି। । ପାଣି ମୋଟରରୁ ବିଦ୍ୟୁତ ସର୍ଟସର୍କିଟ ହୋଇ ଗୋଦାମ ଘରକୁ ନିଆଁ ଲାଗିଥିଲା। ଚାରିଆଡ ଧୂଆଁମୟ ହୋଇ ଉଠିଥିଲା। ଧୂଆଁ ଦେଖି ବ୍ୟବସାୟୀ ଓ ଲୋକେ ଭୟଭୀତ ହୋଇ ପଡିଥିଲେ। ଖବରପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ବହୁ ପରିଶ୍ରମ ପରେ ନିଆଁ ଆୟତ ହୋଇଥିଲା। ଏହି ନିଆଁରେ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଜଳିଯାଇଥିବା ଜଣାପଡିଛି। ।

## ଆଇଏଚ୍‌ଏମ୍ ଭୁବନେଶ୍ୱରରେ ଶିଶୁ ସୁରକ୍ଷା ଅଧିକାରୀଙ୍କ ପାଇଁ କ୍ୟାରିଅର ସଚେତନତା କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍), ଭୁବନେଶ୍ୱର ଓଡ଼ିଶାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଅଧିକାରୀମାନଙ୍କ ପାଇଁ ହସ୍ପିଟାଲିଟି ମ୍ୟାନେଜମେଣ୍ଟକୁ ଏକ ପ୍ରତିଶ୍ରୁତିପୂର୍ଣ୍ଣ କ୍ୟାରିଅର



ବିକଳ୍ପ ଭାବେ ପରିଚୟ କରାଇବା ଉଦ୍ଦେଶ୍ୟରେ ଦିନିକିଆ ସଚେତନତା କର୍ମଶାଳା ଆୟୋଜନ କରିଛି। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୪୦ ଜଣ ଅଧିକାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି, ଆଇଏଚ୍‌ଏମ୍ ଭୁବନେଶ୍ୱରର ପ୍ରିନ୍ସିପାଲ୍, ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଡିଗ୍ରୀ ଏବଂ ଡିପ୍ଲୋମା କାର୍ଯ୍ୟକ୍ରମ ବିଷୟରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ ଏବଂ ବିଶେଷକରି ଓଡ଼ିଶା ରାଜ୍ୟ ମଧ୍ୟରେ ପ୍ରଶିକ୍ଷିତ ଆତିଥ୍ୟ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଚାହିଦା ଉପରେ ଆଲୋକପାତ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ଆଇଏଚ୍‌ଏମରେ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ମାଧ୍ୟମରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ସ୍କଲାରସିପ୍ ସହାୟତା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏକ୍ସପୋଜର ପରିଦର୍ଶନର ଅଂଶ ସ୍ୱରୂପ, ଅଂଶଗ୍ରହଣକାରୀମାନେ ଭୁବନେଶ୍ୱରର ହୋଟେଲ ମେଫେୟାର ଲାଗୁନ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନେ ସଂସ୍ଥାଗତ ତାଲିମରୁ ଶିଳ୍ପ ଅଭ୍ୟାସକୁ ପରିବର୍ତ୍ତନର ପ୍ରତ୍ୟକ୍ଷ ଅନୁଭବ କରିଥିଲେ। ଏହି କର୍ମଶାଳାକୁ ଅଂଶଗ୍ରହଣକାରୀମାନେ ପ୍ରଶଂସା କରିବା ସହ ସାରା ଓଡ଼ିଶାରେ ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ଜୀବିକା ତଥା ମର୍ଯ୍ୟାଦାଜନକ ନିଯୁକ୍ତି ସକ୍ଷମ କରିବାରେ ଆତିଥ୍ୟ ଶିକ୍ଷାର ପ୍ରାସଙ୍ଗିକତାକୁ ସ୍ୱୀକାର କରିଥିଲେ।

## ତତଲା ପେଜ ପଡ଼ି ୫ ବର୍ଷର ଶିଶୁ ଗୁରୁତର

ବାଲିପାଟଣା, (ସବ୍ୟୁ): ତତଲା ପେଜ ଉପରେ ଢାଳି ହୋଇଯିବାରୁ ଜଣେ ୫ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛି । ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଆଇତଳଙ୍ଗ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି । ଅସାବଧାନତାରୁ ଛୋଟ ଶିଶୁ ଉପରେ ଗରମ ପେଜ ଢାଳି ହୋଇ ଯିବାରୁ ଶିଶୁଟିର ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଛି । ବାଲିପାଟଣା ଥାନା ଅନ୍ତର୍ଗତ ଆଇତଳଙ୍କ ଗ୍ରାମର ମଣ୍ଟୁ ଭୋଇଙ୍କ ୫ ବର୍ଷର ଶିଶୁ ପୁତ୍ର ଘର ପାଖରେ ଖେଳୁଥିଲା । ନିକଟରେ ମା,ଭାତ ଗାଳି ପେଜ ଢାଳିବାକୁ ନେଉଥିଲେ । ସେହି ସମୟରେ ଶିଶୁ ପୁତ୍ର ଦୌଡି ଆସି ମା'କୁ କୁ଼ଇ ପକାଇଲା । ଅସାବଧାନତାରୁ ଶିଶୁଟି ତଳେ ପଡ଼ି ଯିବାରୁ ମାଆ ହାତରେ ଧରିଥିବା ପେଜ କରେଇ ଶିଶୁଟି ଉପରେ ଢାଳିହୋଇଗଲା । ।

## ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ସ୍ୱାଧୀନ ସାଂସଦ ପ୍ରାର୍ଥୀଙ୍କ ସମେତ ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେପିରେ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। କଂଗ୍ରେସ ନେତା ଓ କର୍ମୀ ବିଜେପି ମୁହାଁ ହେବାରେ ଲାଗିଛନ୍ତି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା ଜିଲ୍ଲାର ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ସଂସଦୀୟ



କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ଅଭିନାଶ ଗମାଙ୍ଗୋ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାୟଗଡା ଗୁଣୁପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତ୍ରୀ ରୁନା ବାଉରୀ, କରୁଣାକର ଶବର, ସଞ୍ଜୀବ କୁମାର ଶବର, ବରିଷ୍ଠ ନେତା ଅମର କୁମାର ଶବର, ପିତାମ୍ବର ଶବର, ମୁରଲୀ ଶବର, ଜଳନ୍ଧର ଶବର, ବରିଷ୍ଠ ନେତ୍ରୀ ଗୌରୀ ଶବର, ରଶ୍ମିତା ଶବର, ବବି ଶବର, ହାରାବତୀ ଶବର, ଯୁବନେତା ଶିବ ଖିଲା, ବାବୁଲି ଖିଲା, ଆଦର୍ଶ ନାୟକ, ମୋସେସ ପିତାର ନାଗ, ରାହୁଲ ଖିଲା, ବିପିନ ଖରା, ସୁଶୀଲ ଗୁଂଠ, ଜେମ୍ସ ଖରା, ଆକାଶ ଚପାଡି ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଆଜି ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଉଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ବିଗଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦିକା ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ରାୟଗଡା ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ରାୟଗଡା ଜିଲ୍ଲା ସଭାପତି ଗୋପିଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲା : ୫ ଆସମୀଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,(ସବ୍ୟୁ): ବହୁ ଚର୍ଚ୍ଚିତ କ୍ଷୀର ବ୍ୟବସାୟୀ ଲମ୍ବୋଧର ମୁନି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟ ପ୍ରକାଶ ପାଇଛି । ଜର୍ଜ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ପ୍ରମାଣ ଥିବା ଦର୍ଶାଇ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୮ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ ରୂପେଶ ପାଢ଼ୀ ଓରଫ ଲାଲା, ଶିବ ମହାଙ୍କୁଡ଼, ରଞ୍ଜିତ ସାହୁ ଓରଫ ନାକା ,ଶ୍ରୀନୁ ପାତ୍ର ଓ ଶଙ୍କର ସାହୁ । ୨୦୨୦ମସିହା ଜୁନ ୧୨ତାରିଖ ରାତିରେ ହିଲପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀଙ୍କୁତାଙ୍କ କ୍ଷୀର ଗୋଦାମ ଭିତରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା । ଲମ୍ବୋଦରଙ୍କ ନିକଟରେ କାମ କରୁଥିବା କର୍ମଚାରୀ ସମେତ ମୋଟ ୫ଜଣ ମିଶି କ୍ଷୀର ଗୋଦାମରୁ ଟଙ୍କା ଲୁଟିବାକୁ ଯାଇଥିବାବେଳେ ଲମ୍ବୋଦର ନିଦରୁ ଉଠି ପଡ଼ିବାରୁ ଧରାପଡ଼ିଯିବା ଭୟରେ ହତ୍ୟା କରି ପରେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଇଥିଲେ ।

ପୁଲିସ ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ ପାଢୀ, ଶ୍ରୀନୁ ରେଡି,ରଞ୍ଜିତ ସାହୁ ଓ ଶିବା ମହାକୁଡଙ୍କୁ ଗିରଫ କରିଥିଲା । ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି । ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁ ଏକ ଡକାୟତି ମାମଲାରେ ଢେଙ୍କାନାଳ ସଦର ପୁଲିସ ଦ୍ୱାରା ଗିରଫ ହୋଇ ସେଠାକାର ଜେଲରେ ରହିଥିବା ଜଣାପଡିଛି । ତତ୍କାଳୀନ ଇନ୍ସପେକଟର ସୁମିତ ସୋରେନ କୋର୍ଟ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ୪୧ ଜଣ ସାକ୍ଷୀ ମାନଙ୍କ ବୟାନ ଓ ଉପଯୁକ୍ତ ଚାର୍ଜ ସିଟକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମକଦ୍ଦମା ପରିଚାଳନା କରିଥିଲେ ।

# ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭୫ୟୁନିଟ୍ ରକ୍ତ ସଂଗ୍ରହ




ବାରିପଦା, (ସବ୍ୟୁ) : ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ତାୟ ସେବା ଯୋଜନା (ଏସ୍‌ଏସ୍‌ଏସ୍) ଶାଖା ପକ୍ଷରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ଜିଲ୍ଲା ଏନ୍‌ଏସଏସ ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ବସନ୍ତ କୁମାର ମହାନ୍ତ, ଏନ୍‌ଏସଏସ ଜିଲ୍ଲା ନୋଡାଲ ଅଫିସର ଡଃ ଅନାମ ଚରଣ ରାଉଳ, ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଆଲବର୍ଟିନା ତିର୍କୀ, ଇତିହାସ ବିଭାଗ ମୁଖ୍ୟ ରାଇମଣି ମାରାଣ୍ଡି ପ୍ରମୁଖ ଅତିଥି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିର ରେ ୭୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଅଭିଜ୍ଞ ଡାକ୍ତର, ନର୍ସଙ୍କ ସମେତ ଦକ୍ଷ ଚିକିତ୍ସକ ଦଳ ଶିବିରରେ ରକ୍ତ ସଂଗୃହୀତ କରିଥିଲେ ।

ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା ନୋଡାଲ ଅଫିସର ଡଃ ଅନାମ ଚରଣ ରାଉଳ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ । ଏହାପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଅଧ୍ୟାପକ/ ଅଧ୍ୟାପିକାମାନେ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । । ଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ଦେଇ ଶିବିରକୁ ଉଦ୍‌ଯାପିତ ହୋଇଥିଲା ।

## ଖଞ୍ଜାମାହାଲ ପଥର ଖାଦାନରୁ ୩ ଡମ୍ଫର ଜବତ

ସୋର, (ସବ୍ୟୁ): ସୋର ଥାନା ମହୁମୁହାଣ ଏବଂ ଖଞ୍ଜାମାହାଲ ପଥର ଖାଦାନରୁ ପଥର, ମାଟି ଓ ମୋରମ ଚୋରା ଚାଲାଣ ଯୋରଦାର ହେଉଥିବା ବେଳେ ଜିଲ୍ଲା ପ୍ରଶାସନର କୌଣସି ପଦକ୍ଷେପ କାମ ଦେଉନି ।

ଶୁକ୍ରବାର ସକାଳେ ଏହି ଖାଦାନରୁ ଦୁଇଟି ପାହାଡ ମାଟି ବୋଝେଇ ଡମ୍ଫର ଓ ଗୋଟିଏ ମୋରମ ବୋଝେଇ ଡମ୍ଫର ସୋର ଅଭିମୁଖେ ଯାଉଥିବା ବେଳେ ଏଠାରେ ବସିଥିବା ପୁଲିସ କ୍ୟାମ୍ପ ପକ୍ଷରୁ ଗାଡିକୁ ଅଟକାଇ ଖଣି ଅଧିକାରୀଙ୍କୁ ଖବର ଦିଆଯାଇଥିଲା ।

ଖବର ପାଇ ଖଣି ଅଧିକାରୀ ସମସ୍ତ ଗାଡିକୁ ଜବତ କରି ସୋର ଥାନା ପରିସରରେ ରଖାଯାଇଛି ।

ସେହିପରି ଭାବେ ଗତକାଲି ରାତିରେ ଖଣି ବିଭାଗ ପକ୍ଷରୁ ୩୯ ନମ୍ବର କ୍ୱାରୀରେ ଚାଉ କରାଯାଇ ପଥର ଲୁଟରେ ବ୍ୟବହୃତ ହେଉଥିବା ଏକ କମ୍ପ୍ରେସର ମେସିନକୁ ଜବତ କରାଯାଇଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ଶହୀଦ ଦିବସ-୨୦୨୬ ପାଳିତ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଶହୀଦ ଦିବସ -୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ନୀରବ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା ।

ଦେଶ ପାଇଁ ପ୍ରାଣବଳି ଦେଇ ଶହୀଦ ହୋଇଥିବା ମହାମନୀଷୀ ବୀର ମହାପୁରୁଷ ମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ "ଦୁଇ ମିନିଟ ନୀରବ ପ୍ରାର୍ଥନା' କରାଯାଇଥିଲା। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ସପନ କୁମାର ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଡେପୁଟି କଲେକଟର, ସହକାରୀ ଜିଲ୍ଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହକାରୀ ଲଳିତ ରଞ୍ଜନ ନାଏକ ଓ କର୍ମଚାରୀ ଲିଜତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ ।

# ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ନିକଟରୁ ବନ୍ଧୁକ ଜବତ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖନ୍ତାପ ଥାନା ଶ୍ରୀଜଙ୍ଗ ଗାଁରେ ଥିବା ଦାସମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ନିକଟରୁ ବନ୍ଧୁକ ଉଦ୍ଧାର ହୋଇଥିବା ଜଣା ପଡ଼ିଛି । ଛାତ୍ର ଜଣକ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସ୍କୁଲ ଛୁଟି ହେବାକୁ କିଛି ସମୟ ବାକିଥିବା ବେଳେ କିଛି ଛାତ୍ରଛାତ୍ରୀ ସେହି ଛାତ୍ରଙ୍କ ନିକଟରେ ବନ୍ଧୁକ ଥିବା ଦେଖିବାକୁ ପାଇଥିଲେ । ତେଣୁ ସେମାନେ ବିଦ୍ୟାଳୟର ଶିକ୍ଷକଙ୍କୁ ଅବଗତ କରାଇଥିଲେ । ପରେ ସ୍କୁଲ କମିଟି ପହଞ୍ଚି ଖନ୍ତାପଡ଼ା ପୁଲିସକୁ ଖବର ଦେଇଥିଲେ । ଖନ୍ତାପଡ଼ା ପୁଲିସ ଏ ଏସ ଆଇ ଉଦୟନାଥ ଭକ୍ତା ପ୍ରଥମେ ସାଦା ପୋଷାକରେ ଘଟଣାସ୍ଥଳକୁ ଆସିଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ । ପରେ ଅନ୍ୟ ପୁଲିସ କର୍ମଚାରୀମାନେ ଆସି ସାଧାରଣ ଲୋକଙ୍କ ଉପରେ ବିରକ୍ତି ପ୍ରକାଶ କରିବାରୁ ସେମାନଙ୍କୁ ମଧ୍ୟ ଅଟକ ରଖିଥିଲେ ।

ତେବେ ଉକ୍ତ ସମୟରେ ଖନ୍ତାପଡ଼ା ପୋଲିସକୁ ନାକେଦମ ହେବାକୁ ପଡିଥିଲା । ଅନ୍ୟପଟେ ଛାତ୍ର ଜଣକ ବନ୍ଧୁକ କେଉଁଠୁ ଆଣିଲା ତାହା ସମସ୍ତଙ୍କୁ ସନ୍ଦେହ ସୃଷ୍ଟି କରିବା ସହିତ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି କରିଛି । ଯେଉଁ ବୟସରେ ଛାତ୍ରଛାତ୍ରୀମାନେ ହାତରେ କଲମ ଧରି ଲେଖିବା ଶିଖିବାର ସମୟ, ସେହି ସମୟରେ ଛାତ୍ରଛାତ୍ରୀମାନେ ବନ୍ଧୁକ ଧରିବାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।ତେବେ ଜିଲ୍ଲା ପ୍ରଶାସନ ଘଟଣା ଉପରେ ବିଶେଷ ଭାବେ ଦୃଷ୍ଟି ଦେଇ ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି ।

# ମାଣିକ୍ୟପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ମାଣିକ୍ୟପୁର ପଞ୍ଚାୟତ ବୀଣା ଛଟେଇ ଉଚ୍ଚ ବିଦ୍ୟାଳୟରେ ଦଶମ ବାର୍ଷିକ ଉଚ୍ଛବ ପାଳିତ ହୋଇଯାଇଛି । ଏହି ଉଚ୍ଛବରେ ମୁଖ୍ୟ ଅତିଥି ରୂପେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ,ମୁଖ୍ୟବକ୍ତା ଭାବେ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ,ସମ୍ମାନିତ ଅତିଥି ଅତିରିକ୍ତ ଶିକ୍ଷା ଅଧିକାରୀ ସୌରୀ ଶଙ୍କର ବେହେରା ସମେତ ଅନେକ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଶିକ୍ଷକ, କର୍ମଚାରୀ, ଛାତ୍ର ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଶିକ୍ଷା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ କହିଥିଲେ ଏହି ବିଦ୍ୟାଳୟରେ ପାସ ହାର ୯୮ ପ୍ରତିଶତ ରହିଥିବା ବେଳେ ପ୍ରଥମ ସ୍ଥାନ ଅନେକ ଛାତ୍ର ଅଧିକାର କରୁଛନ୍ତି ଯଦି ଚଳିତ ବର୍ଷ ଯେଉଁ ଛାତ୍ର ଛାତ୍ରୀ ୯୦ ପ୍ରତିଶତ ମାର୍କ ରଖିବେ ନିଜ ପାଣ୍ଠିରୁ ୧୦୦୦୦/- ଟଙ୍କା ଦେବି ଶ୍ରୀ ଜେନା କହିବା ସହ କୃତି ଛାତ୍ରଙ୍କୁ ସମ୍ମାନିତ କରିବା ସହ ନିଜ ଅଭି ଭାଷଣରେ ଛାତ୍ର ଛାତ୍ରୀ ମାନଙ୍କ କୃତିତ୍ୱ ଉପରେ ବଖାଣିଥିଲେ ।

ଉକ୍ତ ଉତ୍ସବରେ ବିଦ୍ୟାଳୟର ସଭାପତି ଅଶୋକ କୁମାର ସୁବୁଦ୍ଧି, ସାବା ପୂର୍ବତନ ସରପଞ୍ଚ ହାଂବୁଲୁ ବିଷୋୟୀ, ବିଦ୍ୟାଳୟ କମିଟି ସଦସ୍ୟ ଉପସ୍ଥିତ କରିଥିଲେ ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା , (ସବ୍ୟୁ) :ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହିଉତ୍ସବରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ଆକାଶବାଣୀ ବ୍ରହ୍ମପୁରର ଅବସର ପ୍ରାପ୍ତ ନିର୍ଦ୍ଦେଶକ ଡ. ହୃଷିକେଶ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିରୂପେ ପ୍ରମାତ୍ରା (କ୍‌ୱାଣ୍ଟମ) ପ୍ରଯୁକ୍ତି କେନ୍ଦ୍ର, କିଟ ଭୁବନେଶ୍ୱରର ଅବସରପ୍ରାପ୍ତ ବୈଜ୍ଞାନିକ ଓ ନିର୍ଦ୍ଦେଶକ ପ୍ରଫେସର ଅରୁଣ କୁମାର ପତି ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ ।

ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପାଢ଼ୀ ମହାବିଦ୍ୟାଳୟର ଆନୁଷଙ୍ଗିକ କାର୍ଯ୍ୟ ସହିତ ଖେଳ ପଡ଼ିଆପାଚେରୀ, ୫୦ ଶଯ୍ୟା ବିଶିଷ୍ଟ ବାଳକ ଏବଂ ୫୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ନିର୍ମାଣର ଅନୁଦାନ ପ୍ରଦାନ ନେଇ ମତ ପ୍ରକାଶ କରି ଯେ କୌଣସି ସମୟ ରେ ମଧ୍ୟ ମହାବିଦ୍ୟାଳୟ ଉନ୍ନୟନକାର୍ଯ୍ୟ ପ୍ରତି ବଦ୍ଧ ପରିକର ଥିବା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଡ. ପାଣିଗ୍ରାହୀ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ନିଜ ଛାତ୍ର ଜୀବନର ଅଧ୍ୟାପକ ଏବଂ ଅଧ୍ୟାପିକାମାନଙ୍କ ଶୈକ୍ଷିକ ଏବଂ ନୈତିକତାର ବାର୍ତ୍ତା ର ଇତିହାସ ଉପସ୍ଥାପନା କରି ଆସିକା ଅଞ୍ଚଳର ଗୌରବମୟ ଇତିହାସ, ଆସିକା ଅଞ୍ଚଳର ଅନେକ ମହାନୁଭବ, ମହାପୁରୁଷଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ପ୍ରଫେସର ପତି ଗୁରୁମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ଥିଲେ । ପ୍ରଶାସନିକ ଅଧିକାରୀ ପ୍ରଫେସର ବିଭୁତି ଭୂଷଣ ବେବର୍ତ୍ତା ଏବଂ ଅଧ୍ୟାପକ ସରୋଜ କୁମାର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।

ଶୈକ୍ଷିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଡ. ଶୁଭେନ୍ଦୁ କୁମାର ରଥ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥି, ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ଦ୍ୱାରା ବାର୍ଷିକ ଉତ୍ସବ ପ୍ରତି ଆୟୋଜିତ ହୋଇଥିବା ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସର୍ବଶ୍ରେଷ୍ଠ ଛାତ୍ର ସାହିତ୍ୟିକ ହିମାଂଶୁ ରୟଜିତ ଜେନା ଏବଂ ସର୍ବଶ୍ରେଷ୍ଠ ସାସ୍କୃତିକ ଛାତ୍ରରୂପେ ଓମକାର ପ୍ରିୟଦର୍ଶୀ ଦାଶଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିପାରିଥିଲା । ଅଧ୍ୟାପକ ଡ. ଅଜିତ କୁମାର ମୁନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

ବ୍ରହ୍ମପୁର (ସବ୍ୟୁ) : ଏକ ୬ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକେସୋ କୋର୍ଟର ବିଚାରପତି ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ଦଣ୍ଡସହ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଭଞ୍ଜନଗର ଥାନା ଅଞ୍ଚଳର ଜଗବନ୍ଧୁ ଗୌଡ଼ (୬୧) । ଅନ୍ୟପକ୍ଷରେ ପୀଡିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ଦେବାକୁ କୋର୍ଟ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୫ ମସିହା ମାର୍ଚ୍ଚ ୨୦ ତାରିଖ ପୂର୍ବାହ୍ନ ସମୟରେ ଭଞ୍ଜନଗର ଥାନା ଅଞ୍ଚଳର ଜଣେ ନାବାଳିକା(୬)ଙ୍କୁ ଘର ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଗବନ୍ଧୁ ଗୌଡ଼ ସମ୍ପୃକ୍ତ ନାବାଳିକାଙ୍କୁ ଟେକି ନେଇ ଦୁଷ୍କର୍ମ କରିଥିଲା । ଘଟଣାକୁ ନେଇ ଭଞ୍ଜନଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ( ୩୯/୨୫) ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଗବନ୍ଧୁ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ପରଠାରୁ ଅଭିଯୁକ୍ତ ଜଗବନ୍ଧୁ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହୁଥିଲେ ।

ଏହି ମାମଲାର ବିଚାରଣ ବେଳେ ଏକାଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି କୋର୍ଟ ଶୁକ୍ରବାର ଉପରୋକ୍ତ ରାୟ ଶୁଣାଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

# ମହିଳାଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ : ପୋଲିସ ତଦନ୍ତ ଜାରି

ଆନନ୍ଦପୁର, (ସବ୍ୟୁ): ବୋହୂଙ୍କୁ ଘର ଭିତରେ କବାଟ ଦେଇ ପୋଡି ମାରିଦେବାକୁ ଉଦ୍ୟମ କଲେ ଶ୍ୱଶୁର ଘର ଲୋକେ । ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଥାନା ପଦ୍ମପୁର ଗ୍ରାମରେ ।

ସୂଚନା ଅନୁଯାୟୀ, ଘସିପୁରା ଥାନା ବେଲବାହାଲି ଗ୍ରାମର ଗୋଲାପ ମଞ୍ଜରୀ ସାହୁ ପଦ୍ମପୁର ଗ୍ରାମର ରାଜେଶ କୁମାର ସାହୁଙ୍କୁ ୭ ବର୍ଷ ପୂର୍ବେ ବିବାହ କରିଥିଲେ । ଗତ ଡିସେମ୍ବର ମାସ ୨୫ ତାରିଖ ଗୋଲାପଙ୍କୁ ଘର ଭିତରେ କବାଟ ଦେଇ ପୋଡି ମାରିବାକୁ ଉଦ୍ୟମ କରିଥିଲେ ଶାଶୁ ଶ୍ୱଶୁର ଓ ସ୍ୱାମୀ । ଗୋଲାପଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ଓ ସେଠାରୁ ଆସି ସେ ବାପଘର ବେଲବାହାଲିରେ ରହୁଥିଲେ । ଗୋଲାପଙ୍କ ସ୍ୱାସ୍ଥ୍ୟରେ ଧୀରେ ଧୀରେ ସୁଧାର ଆସିବାରୁ ଶାଶୁ ଘର ଲୋକେ କିପରି ତାଙ୍କୁ ଦିଆସିଲି ମାରି ପୋଡି ମାରିବା ପାଇଁ ଯୋଜନା କରିଥିଲେ ସେ ସବୁର ସମ୍ପୂର୍ଣ୍ଣ ଘଟଣା ନିଜ ପରିବାର ଆଗରେ ବଖାଣିଥିଲେ । ଏବେ ପୁନର୍ବାର ଗୋଲାପଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବାପଘର ଲୋକେ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛନ୍ତି । ଏନେଇ ଗୋଲାପଙ୍କ ବାପା ଅଯୋଧ୍ୟା ସାହୁ ଆନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀ ରାଜେଶ, ଶ୍ୱଶୁର ହାଡିବନ୍ଧୁ ସାହୁ ଓ ଶାଶୁ ଶକୁନ୍ତଳାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି । ଏତଲା ଆଧାରରେ ଆନନ୍ଦପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବସ୍‌କୁ ଧକ୍କା ଦେଲା ଟ୍ରକ : ୨୬ ଏସଆଇଏସଏଫ ଯବାନ ଆହତ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନାର ୫୨୦ ନମ୍ବର ଜାତୀୟ ରାଜପଥର ତଡୁଆବାହାଲ ନିକଟରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସଏଫ) ଯବାନଙ୍କୁ ନେଇ ଯାଉଥିବା ଏକ ବସକୁ ପଛରୁ ଧକ୍କା ଦେଲା ଟ୍ରକ । ଫଳରେ ଭାରସାମ୍ୟ ହରାଇ ବସଟି ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା । ତେବେ ଦୁର୍ଘଟଣାରେ ୨୬ ଜଣ ଯବାନ ଆହତ ହୋଇଥିବା ବେଳେ ବସର ଆଗ ଓ ପଛ କାଚ ଭାଙ୍ଗି ଯାଇଥିବା ସୂଚନା ରହିଛି ।ବସରେ ଥିବା ସମସ୍ତ ୨୬ ଜଣ ଯବାନ ଆହତ ହୋଇ ସ୍ଥାନୀୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ବସଟି ଗୁଆଲିରୁ ଘଟଗାଁ ସ୍ଥିତ ଆନୁଆଲ କୋର୍ସ ଫାଇରିଙ୍ଗ ପରୀକ୍ଷା କେନ୍ଦ୍ରକୁ ଯାଉଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଧରିବାକୁ ଚମ୍ପୁଆ ପୋଲିସ ଉଦ୍ୟମ ଜାରି ରଖିଛି । ଏନେଇ ଏସଡିପିଓ ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି ଯେ ୨୬ ଜଣ ସାମାନ୍ୟ ଆହତ ହୋଇ ଚିକିତ୍ସିତ ଅଛନ୍ତି । ସେମାନେ ଫାଇରିଂ ଟ୍ରେନିଂ ପାଇଁ ଯାଉଥିବା ବେଳେ ଦୁର୍ଘଟଣା ହୋଇଛି ।

## ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଏନଫୋର୍ସମେଣ୍ଟ ଟିମ ଚଢ଼ାଉ

# ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆସୁଥିବା ଧାନ ଜବତ

ବାଲେଶ୍ୱର, (ସବ୍ୟୁ): ଜଳେଶର ଥାନା ଅଧୀନସ୍ଥ ୬୦ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରୁ ଗୁରୁବାର ରାତିରେ ପଶ୍ଚିମବଙ୍ଗରୁ ଆସୁଥିବା ୩ଟି ଧାନ ଟ୍ରକକୁ ଯାଞ୍ଚ ଦାୟିରେ ଥିବା ଏନଫୋର୍ସମେଣ୍ଟ ଜବତ କରିଛି । ଏହି ୩ ଟ୍ରକ ରେ ୧୮ ଶହ ବ୍ୟାଗ ଧାନ ଯାହାର ଓଜନ ୯ ଶହ କ୍ୟୁଣ୍ଟାଲ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତି ୧୧ ଟା ସମୟରେ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଯୋଗାଣ ବିଭାଗ ଦ୍ୱାରା ନିୟୋଜିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ ପେଟ୍ରୋଲିଂ କରୁଥିବା ବେଳେ ୩ଟି ମାଲ ବୋଝେଇ ଟ୍ରକ ପଶ୍ଚିମବଙ୍ଗରୁ ଓ ଭିତରକୁ ପ୍ରବେଶ କରୁଥିଲା । ଏନଫୋର୍ସମେଣ୍ଟ ଟିମର ସନ୍ଦେହ ହେବାରୁ ଟ୍ରକ ୩ ଟିକୁ ଅଟକ ରଖି ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ୩ ଟି ଟ୍ରକରେ ସମୁଦାୟ ୧୮୦୦ ବ୍ୟାଗ ଧାନ ଥିବାବେଳେ ଏହାର ଓଜନ ୯ ଶହ କ୍ୟୁଣ୍ଟାଲ ବୋଲି ଜଣାପଡିଥିଲା ।

ପଶ୍ଚିମବଙ୍ଗର ବିଜୟ ମାହାନା ନାମକ ଜଣେ ବ୍ୟବସାୟୀ ଏହି ଧାନ ପଶ୍ଚିମବଙ୍ଗର ଚାଷୀଙ୍କ ଠାରୁ କିଣି ଆନ୍ଧ୍ରପ୍ରଦେଶକୁ ନେଉଥିବାର କାଗଜପତ୍ର ଦର୍ଶାଇଥିଲେ ମଧ୍ୟ ସେସବୁ କାଗଜପତ୍ରରେ ବିଭିନ୍ନ ତ୍ରୁଟି ଥିବା ଏନଫୋର୍ସମେଣ୍ଟ ଧରିଥିଲେ । ପଶ୍ଚିମବଙ୍ଗ ଅପେକ୍ଷା ଓ ଧାନର ସହାୟକ ମୂଲ୍ୟ ଅଧିକ ଥିବାରୁ ଏହି ଧାନକୁ ନେଇ ଏନଫୋର୍ସମେଣ୍ଟ ଟିମର ସନ୍ଦେହ ହୋଇଥିଲା । ସବୁଠାରୁ ବଡ଼ କଥା ପଶ୍ଚିମବଙ୍ଗରୁ ଧାନ ନେଉଥିବା ବ୍ୟକ୍ତିଙ୍କ ପାଖରେ ଧାନ କିଣିବା ପାଇଁ ଟ୍ରେଡିଂ ଲାଇସେନ୍ସ ମଧ୍ୟ ନଥିଲା । ଫଳରେ ଧାନ ଟ୍ରକଗୁଡିକୁ ଅଟକ ରଖାଯାଇ ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା ।

ଶୁକ୍ରବାର ସକାଳେ ବାଲେଶର ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଜଳେଶରରେ ପହଞ୍ଚି ଖୋଳତାଡ଼ କରିଥିଲେ । ଧାନ ଟ୍ରକର ମାଲିକ ସନ୍ତୋଷଜନକ କାଗଜପତ୍ର ଦର୍ଶାଇ ନ ପାରିବାରୁ ଡବ୍ଲୁବି ୩୩ଇ-୮୨୯୪, ଡ ବ୍ଲୁ ବି ୩ ୩ ଇ - ୮ ୮ ୩ ୮ , ଡବ୍ଲୁବି୩୩ଏଫ-୧୮୩୮ ନମ୍ବରର ୩ ଟି ଧାନ ଟ୍ରକ ସହ ୯ ଶହ କ୍ୱିଣ୍ଟାଲ ଧାନକୁ ଜବତ କରାଯାଇଛି ।

# ସାମ୍ବାଦିକଙ୍କ ଭଗ୍ନୀ ବିୟୋଗରେ ଶୋକ

ବୁଗୁଡା (ସବ୍ୟୁ) : ବୁଗୁଡ଼ା ବ୍ଲକର ଜଣାଶୁଣା ସାମ୍ବାଦିକ ହରପ୍ରସାଦ ପାଢୀଙ୍କ ବଡ ଭଉଣୀ ସୌଭାଗିନୀ ପାଢୀ (୫୯)ଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ସେ କିଛି ମାସ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ରୋଡସ୍ଥିତ ସ୍ୱବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟ ଶଯ୍ୟା ନିକଟରେ ସ୍ୱାମୀ ପୂର୍ଣ୍ଣେନ୍ଦୁ ଶେଖର ପାଣିଗ୍ରାହୀ, ଦୁଇ ପୁଅ ଚନ୍ଦନ ଓ ଚର୍ଚ୍ଚିତ, ଭାଇ ହରପ୍ରସାଦ,ଭଉଣୀ ବିନୋଦିନୀ ଓ ମାଆଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ । ମୃତ୍ୟୁ ଖବର ଶୁଣି ସାହିବାସିନ୍ଦା ଅନ୍ତିମ ଦର୍ଶନ ପୂର୍ବକ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।



# ଜାତୀୟ ସର୍ବ-କନିଷ୍ଠ ଖୋ ଖୋ ପ୍ରତିଯୋଗିତା : ଓଡିଶା ଦଳରେ ୨ଭାଇ ଲବ ଓ କୁଶ




ବାରିପଦା, (ସବ୍ୟୁ): କୁରୁକ୍ଷେତ୍ର, ହରିୟାଣା ଠାରେ ଅନୁଷ୍ଠିତ ହେବାକୁ ଥିବା ୩୫ତମ ସର୍ବକନିଷ୍ଠ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଓଡିଶା ଦଳରେ ସ୍ଥାନ ପାଇ ନିଜ ବିଦ୍ୟାଳୟ, ଅଂଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଜଗତସିଂହପୁର ଠାରେ ଅନୁଷ୍ଠିତ ୧୭ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ଖେଳର ପ୍ରଦର୍ଶନ କରି ଦୁହେଁ ଓଡିଶା ଦଳରେ ସ୍ଥାନ ପାଇଛନ୍ତି।

କୁଳିଅଣା ବ୍ଲକ ଅନ୍ତର୍ଗତ ଚାଲୁଣିଆ ଗ୍ରାମ ନିବାସୀ ରାମଚନ୍ଦ୍ର ମୁର୍ମୁ ଓ ରାଇମଣୀ ମୁର୍ମୁଙ୍କ ଦୁଇପୁତ୍ର ଲବ ଓ କୁଶ ମୁର୍ଗାବାଡି ସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଛନ୍ତି। ଖବର ପାଇ ପରିବାର, ଗ୍ରାମବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି ।

## ଦହୁଣ୍ଡା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ

ବାଲେଶ୍ୱର, (ସବ୍ୟୁ) : ସରକାରୀ ଟଙ୍କା ହେରଫେର କରି ଗିରଫ ହେଲେ ସମବାୟ ସମିତିର ପୂର୍ବତନ ସମ୍ପାଦକ। ଫସଲ ବୀମା ଯୋଜନାରେ ବ୍ୟାପକ ସରକାରୀ ଅର୍ଥ ହରିଲୁଟ କରିବା ଅଭିଯୋଗରେ ଭିଜିଲାନ୍ସ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦହୁଣ୍ଡା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁବଳ କୁମାର ସାହୁଙ୍କୁ ଗିରଫ କରିଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଫସଲ ବୀମା ଯୋଜନା ଅଧୀନରେ ଅଯୋଗ୍ୟ ସଦସ୍ୟମାନଙ୍କୁ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ସୁବଳ ସାହୁ ସରକାରୀ ନଥିପତ୍ରରେ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସେ ପ୍ରାୟ ୧୯.୮୦ ଲକ୍ଷରୁ ଅଧିକ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ କରିଥିବା ତଦନ୍ତରୁ ଜଣାପଡିଛି ।

# ୩ଦିନିଆ ପ୍ରାଦେଶିକ ଖେଳକୁଦ ସମାରୋହ ଉଦଘାଟିତ




ଛତ୍ରପୁର, (ସବ୍ୟୁ): ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଓଡିଶା ଙ୍କ ଦ୍ୱାରା ଛତ୍ରପୁର ଷ୍ଟାଡିଅମ ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୁଲ୍ୟ ୩ଦିନିଆ ୩୭ତମ ପ୍ରାଦେଶିକ ଖେଳକୁଦ ସମାରୋହ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ । ଏହା ସହିତ ରାଜ୍ୟ ସ୍ତରୀୟ କ୍ରୀଡାକୁ ଆୟୋଜିତ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ଶ୍ରୀ ନାୟକ ଧନ୍ୟବାଦ ପ୍ରଦାନ କରିଥିବା ସହ ସମସ୍ତ ଖେଳାଳୀ,ପରିଚାଳକ, ନିର୍ଣ୍ଣାୟକ, ଗୁରୁଜୀ, ଗୁରୁମାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଆୟୋଜିତ ଉଦ୍‌ଘାଟନୀ ସଭାରେ ଦକ୍ଷିଣ-ପୂର୍ବ ସମ୍ଭାଗର ସଭାପତି ତାରା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ-ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ସମ୍ମାନୀତ ଅତିଥି ରୂପେ ଛତ୍ରପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ସର୍ମିଷ୍ଠା ପ୍ରଧାନ, ସରସ୍ୱତ୍ରୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ପଦ୍ମ ଚରଣ ସାହୁ, ସଂପାଦକ ସନ୍ତୋଷ କୁମାର ସାହୁ, ପ୍ରାନ୍ତ ଖେଳକୁଦ ସଂଯୋଜକ ସଂଜୟ କୁମାର ମିଶ୍ର, ଏବଂ ମୁଖ୍ୟବକ୍ତା ତଥା ଓଡିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ଡଃ. ସରୋଜ କୁମାର ହାତୀ ଉପସ୍ଥିତ ଥିଲେ ।

ଏହି ଉତ୍ସବ ପ୍ରାନ୍ତ ଖେଳକୁଦ ସଂଯୋଜକ ସଂଜୟ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିବ । ଏହି କାର୍ଯ୍ୟକ୍ରମରେ ସାରା ଓଡିଶାରୁ ୬୫୦ ପ୍ରତିଭାଗୀ ଉପସ୍ଥିତ ଅଛନ୍ତି । ଶେଷରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଂପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ




ଜଗତସିଂହପୁର, (ସବ୍ୟୁ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ପିଲା ମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇ ଜିଲ୍ଲା ତଥା ଦେଶ ମାଟିକୁ ଗର୍ବିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନର ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଶିକ୍ଷା, ଶିକ୍ଷକ ଓ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ସଦା ସର୍ବଦା ସଜାଗ ଅଛନ୍ତି ବୋଲି ସେ ମତ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ ।

ଆକାଂକ୍ଷୀ ମେଳା ଇନସ୍ପିରିଙ୍ଗ ଓଡିଶା, ଆକାଂକ୍ଷୀ ଛାତ୍ର ପରିଷଦ ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ଆଦି ଶତାଧିକ ପ୍ରଦର୍ଶନୀ ମଧ୍ୟରୁ ୧୭ ଟି ବିଭାଗରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରଯାଇଥିଲା ।

ଦୁଇଦିନ ଧରି ଉକ୍ତ କାର୍ଯ୍ୟକ୍ରମରେ ୧୦ଟି ପିଏମ ଶ୍ରୀ ବିଦ୍ୟାଳୟ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଶିକ୍ଷକ ମାନେ ପାଭିଲିଆନ ମାନ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଦରାଜ ଉମାକାନ୍ତ ନାୟକ (ପଞ୍ଚ ଶିକ୍ଷା ସେତୁ ସଂଗଠନର ଦାୟିତ୍ୱ), ଚନ୍ଦ୍ରଜିତ ପରିଜା, ସମଗ୍ର ଶିକ୍ଷା, ଜଗତସିଂହପୁର, ପ୍ରଧାନ ଶିକ୍ଷକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷା ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ କର୍ମଚାରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଦି ସହଯୋଗ କରିଥିଲେ ।

ଏହି ଉତ୍ସବରେ ୮ଟି ପିଏମଶ୍ରୀ ବିଦ୍ୟାଳୟର ୫୬ ଜଣ ପିଲାମାନଙ୍କ ମଧ୍ୟରେ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ବେଶ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା।ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧରକାରୀ ରାଜଶ୍ରୀ ସାହୁ,ଜଗତସିଂହପୁର ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି ପ୍ରମୁଖ ଉପସ୍ଥିର ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ।ଏହି ଉତ୍ସବକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ପରିଚାଳନା କରିଥିଲେ।

# ରାତି ପାହିଲେ ଶାଳଜଙ୍ଗା ମଠରେ ମାଘମେଳା, ଅଧା ରାସ୍ତାରୁ ବାବାଙ୍କୁ ଉଠାଇ ନେଲା ପୋଲିସ

ପାରାଦୀପ,( ଜି ପ୍ର ): ରାତି ପାହିଲେ ଶାଳଜଙ୍ଗା ମଠରେ ମାଘ ମେଳା , କିନ୍ତୁ ଅଧା ରାସ୍ତାରୁ ବାବାଙ୍କୁ ଉଠାଇ ନେଲା ପୋଲିସ। ଏଭଳି ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେପଟେ ଶାଳଜଙ୍ଗା ଗ୍ରାମବାସୀ ମାନେ ବାବାଙ୍କୁ ମଠ ଭିତରେ ପୂରାଇ ନଦେବାକୁ ଜଗି ବସିଛନ୍ତି। ଶାଳଜଙ୍ଗା ମହିମା ଆଶ୍ରମ ସିଦ୍ଧ ପୁରୁଷ ବାବା ସ୍ୱର୍ଗତ କୁଳମଣୀ ଦାଶଙ୍କ ଦ୍ୱାରାପ୍ରତିଷ୍ଠା ଲାଭ କରିଥିବା ବେଳେ ଏଠାରେ ଅଖଣ୍ଡ ଧ୍ୱନି ଜଳୁଚି। ଏହି ମଠରେ ବାବା କୁଳମଣୀଙ୍କ ଦେହାନ୍ତ ପରେ ବାବା ଗଦାଧର ଦାସ ମଠର ମଠାଧୀଶ ଭାବେ ରହି ଆସୁଥିଲେ।

କିନ୍ତୁ ଗତ କିଛିଦିନ ତଳେ ମଠର ସମ୍ପତ୍ତି, ଟଙ୍କା ପଇସାରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀମାନେ ଜାଣିବା ପରେ ସେମାନେ ବାବା ଗଦାଧର ଦାସ ଓ ମଠର ଅନ୍ତେବାସୀ ରିନା ମାତାଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ କୌଶଳକ୍ରମେ ମଠରୁ ଖସି ଚାଲି ଯାଇଥିବା ଗ୍ରାମବାସୀ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଦିନ ଠାରୁ ବାବା ଓ ସମ୍ପୃକ୍ତ ଅନ୍ତେବାସୀ ରିନାମାତା ମଠକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ ମଧ ଗ୍ରାମବାସୀ ଓ ଭକ୍ତ ମାନଙ୍କ ପ୍ରବଳ ବିରୋଧ ଯୋଗୁ ସେମାନେ ମଠ ମାଡି ପାରୁ ନଥିଲେ। ଆସନ୍ତା କାଲି ଏହି ମଠର ବଡ ପର୍ବ ମାଘ ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ବାବା ଗଦାଧର ଦାସ ରାତି ସମୟରେ ମଠ ଆଡକୁ ଯାଉଥିବା ବେଳେ ପୋଲିସ ଖବର ପାଇ ବାବାଙ୍କୁ ଅଧା ବାଟରୁ ଥାନାକୁ ଉଠାଇ ନେଇଛି। ସେପଟେ ଶାଳଜଙ୍ଗା ମହିମା ଆଶ୍ରମ ନିକଟରେ ଗ୍ରାମବାସୀ ଓ ଭକ୍ତ ମାନେ ବାବାଙ୍କୁ ମଠ ଭିତରେ ପୂରାଇ ନଦେବାକୁ ଜଗିବସି ଥିବା ବେଳେ ଏବେ ମଠ ପରିସର ମଧ୍ୟରେ ମଧ ପୋଲିସ ପ୍ରହରା ଦେବା ଆରମ୍ଭ କରିଛି।



# ଶ୍ରୀମଦ ଭାଗବତ କଥାମୃତ, ୫୫ ଦଶ ଭାଗବତ ସପ୍ତାହ

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼ନିରଞ୍ଜନ ପୁର ଗରିପୁର ରେ ଗୋକୁଳବୃନ୍ଦାବନ ଗୋ ସେବା ଓ ଭିକାରି ବଳ ସ୍ମୃତି ସଂସଦ ପକ୍ଷରୁ ୫୫ ଦଶ ଭାଗବତ ସପ୍ତାହ ଭାଗବତ କଥାମୃତ ମରଣ କାଳେ ନିଦ୍ରା ଗଲେ ଯମ କି ଛାଡି ଦେବ ଭଲେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ସଂଗୀତ ଶିକ୍ଷକ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଅର୍ଜୁନ ଚରଣ ସାହୁ, ନରୋତ୍ତମସାହୁ, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ, ବିଷ୍ଣୁ ଚରଣ ଦାଶ, କୁଳମଣି ମିଶ୍ର, ହାଡିବନ୍ଧୁ ବାଭି, ହଳଧର ବାଭି, ଜଳଧର ବାଭି, ସୌମ୍ୟ ପ୍ରକାଶ ବାଭି ଯୋଗଦେଇ ଭାଗବତ କଥା, ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, କୁଳ ପୁରୋହିତ ଭାସ୍କର ଚନ୍ଦ୍ର ରଥ, ନୃସିଂହ ବାଭି, କୃଷ୍ଣ ଚନ୍ଦ୍ର ବାଭି ପ୍ରମୁଖ ଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସମ୍ପାଦକ ନରେନ୍ଦ୍ର ବାଭି ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା

ଯାଜପୁରସଦର ,(ସବ୍ୟୁ) : ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଭିନ୍ନ ମାର୍ଗରେ ଯାନବାହନ ଚଳାଚଳ ଉପରେ କଟକଣା। ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଫେବୃଆରୀ ୩ ତାରିଖରେ ଯାଜପୁରର ମା ବିରଜାଙ୍କ ଦର୍ଶନ ଓ ନାଭିଗୟାରେ ପିଣ୍ଡଦାନ ପାଇଁ ଆସୁଛନ୍ତି। ରାଷ୍ଟ୍ରପତି ଏବଂ ଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ପୋଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ବିଞ୍ଝାରପୁର ଆଡୁ ଯେଉଁ ଯାନବାହନ ଗୁଡିକ କଟକ ଯିବେ ସେ ଗାଡି ସବୁ ରସିକ ଛକରୁ ଅଳକୁଣ୍ଡ, ପ୍ରିତିପୁର, ଭାୟା ରାମବାଗ ଛକରେ ବାହାରି ମାନସା ପୋଲ ରାସ୍ତା ଦେଇ କୁଆଖିଆ ଯିବେ। ୨ ଚକିଆ ଓ ୩ ଚକିଆ ଯାନ ମଙ୍ଗଳା ମନ୍ଦିର ଡାଆଣୀ ବନ୍ଧ ଠାରୁ ପ୍ରହରାଜପୁର ଦେଇ ସିନ୍ଧୁରି ମୁହଁରେ ବାହାରି ନଦୀବନ୍ଧ ରାସ୍ତାକୁ ଆସିବେ। ସେହିପରି କଟକରୁ ଆସୁଥିବା ଯାନବାହନ ରିଙ୍ଗ ରୋଡ ଦେଇ ରାମବାଗ ଛକରୁ ପ୍ରିତିପୁର, ଅଳକୁଣ୍ଡ ଦେଇ ବି୍‌ଧାରପୁର ଯିବେ। ୨ ଚକିଆ ଓ ୩ ଚକିଆ ଯାନ ଡକ୍ ଛକ,କିଲା ଛକ ଓ ରିଙ୍ଗ୍ ରୋଡ ଦେଇ ରାମବାଗ ଛକରୁ ପ୍ରିତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ । ଗରିଆପୁର ଛକରୁ କୌଣସି ଯାନବାହନ ଯୋଡିକୁଅ ପଟକୁ ଛଡାଯିବ ନାହିଁ ମହିଳା କଲେଜ୍ ଛକରୁ କୌଣସି ଯାନବାହନ କୁସୁମା ଆଡକୁ ଛଡାଯିବ ନାହିଁ ମଙ୍ଗଳା ମନ୍ଦିର ଛକରେ ସମସ୍ତ ଗାଡିକୁ ଅଟକାଇ ଦିଆଯିବ। ବିରଜା ହାଇସ୍କୁଲ୍ ଛକରୁ କୌଣସି ଯାନବାହନ ମନ୍ଦିରପଟକୁ ଛଡାଯିବ ନାହିଁ ଯେତେ ସବୁ ଗଳି ରାସ୍ତା ଅଛି ସେ ସବୁ ଯାନବାହନ ମୁଖ୍ୟ ରାସ୍ତାକୁ ବାହାରିବେ ନାହିଁ ସେମାନେ ସାହିର ଅନ୍ୟ ରାସ୍ତା ବ୍ୟବହାର କରିବେ। ବ୍ରଜରାଜପୁର ପୋଲ ଛକରୁ କୋଣସି ଯାନବାହନ ଅଠରନଳା ଛକକୁ ଛଡାଯିବ ନାହିଁ। ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଲିସ୍ ପ୍ରଶାସନର ଏହି ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି ।

# କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ

ଦାନଗଦି ,(ସବ୍ୟୁ): କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ନିଳାଚଳ ଇସ୍ପାତ ନିଗମ ଲିମିଟେଡ୍ ବର୍ତ୍ତମାନ ଟାଟା ଲଙ୍ଗ ପ୍ରଡକଫ ଦ୍ୱାରା ପରିଚାଳିତ କାରଖାନାର ମ୍ୟାନେଜମେଣ୍ଟ କଳିଙ୍ଗନଗର ଶ୍ରମିକ ସଂଘ କର୍ମର୍ତ୍ତାଙ୍କ ବିରୁଦ୍ଧରେ ନିଆଯାଇଥିବା ପଦକ୍ଷେପ ପ୍ରତିବାଦରେ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ସୁକିନ୍ଦା ପ୍ରେସ୍ କ୍ଲବ ସଭାଗୃହ ଡୁବୁରିଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।

ଭାରତରେ ଧର୍ମଘଟ କରିବାର ଅଧିକାର ଏକ ଆଇନଗତ ସାମ୍ବିଧାନିକ ଅଧିକାର ,୧୯୨୬ ମସିହାର ଟ୍ରେଡ୍‌ୟୁନିୟନ୍ ଆଇନ ଧର୍ମଘଟ ପାଇଁ ସୀମିତ ଆଇନଗତ ସୁରକ୍ଷା ପ୍ରଦାନ କରେ। ପୁନର୍ବାସ ଏବଂ ପାରିପାର୍ଶ୍ୱକ ବିକାଶ ପରାମର୍ଶଦାତା କମିଟିର ସୁପାରିଶ ଅନୁଯାୟୀ ନିଳାଚଳ ଇସ୍ପାତ ନିଗମ କର୍ତ୍ତୃପକ୍ଷ ୧୭ ଜଣ ବିସ୍ଥାପିତ ପରିବାରଙ୍କୁ ଚାକିରୀ ପ୍ରଦାନ କରିଥିଲେ। ମାତ୍ର ଏହା ପରେ ନିଳାଚଳ ଇସ୍ପାତର ୬୦ ରୁ ଉର୍ଦ୍ଧ୍ୱ ବାସଚ୍ୟୁତ କର୍ମଚାରୀଙ୍କ ମୃତ୍ୟୁ ପରେ ସେମାନଙ୍କ ଉତ୍ତରାଧିକାରୀଙ୍କୁ ଚାକିରୀ ନଦେବାରୁ ନିଳାଚଳ ବିସ୍ଥାପିତ ପରିବାର ଓ କଳିଙ୍ଗନଗର ଶ୍ରମିକ ସଂଘ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଓ ନିଳାଚଳ ମ୍ୟାନେଜମେଣ୍ଟ କୁ ଜଣାଇ ସେମାନଙ୍କୁ ଚାକୀରି ଦାବିରେ ଦିବାରାତ୍ର ଶାନ୍ତିପୂର୍ଣ୍ଣ ଧାରଣାରେ ୨୦୨୪ ମସିହା ଫେବୃଆରୀ ୯ ତାରିଖରୁ ୨୦୨୪ ମସିହା ମଇ ୨୦ ତାରିଖ ପର୍ଯ୍ୟନ୍ତ ବସିଥିଲେ। ଏହା ଭିତରେ କଳିଙ୍ଗନଗର ଶ୍ରମିକ ସଂଘ ତଥା ବିସ୍ଥାପିତ ପରିବାରର ବାବୁଲି ପୂର୍ତ୍ତି ଓ ବିଜୟ ମହାନ୍ତ ମଧ ଆମରଣ ଅନଶନରେ ବସିଥିଲେ। ଶାନ୍ତିପୂର୍ଣ୍ଣ ଧାରଣା ରେ କୌଣସି ଅପ୍ରିତିକର ଘଟଣା ଏଡାଇବା ପାଇଁ ଜିଲ୍ଲା ପ୍ରଶାସନର ଏକ ଟିମ୍ ମଧ ୨୪ ଘଣ୍ଟା ଧାରଣା ସ୍ଥଳରେ ଉପସ୍ଥିତ ଥିଲେ। ଆମରଣରେ ବସିଥିବା ବିସ୍ଥାପିତ ତଥା ଶ୍ରମିକ ସଂଘ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ କଳିଙ୍ଗନଗର ଶ୍ରମିକ ସଂଘର ସଂପାଦକ ପ୍ରତାପ କୁମାର ଜେନା ଆମରଣ ଅନଶନକାରୀଙ୍କୁ ସେଠାରୁ ଉଠିବାକୁ ଅନୁରୋଧ କରିଥିଲେ। ଏହି ଧାରଣାକୁ ସହଯୋଗ କରୁଥିବା ଭାବି ପ୍ରଥମେ ପ୍ରତାପ କୁମାର ଜେନା ଏଠାରୁ ଅନତ୍ର ବଦଳି କରିବା ଓ ଶେଷରେ ଚାକିରୀରୁ ବହିଷ୍କାର କରାଯିବାର ପଦକ୍ଷେପକୁ ଦୃଢ ନିନ୍ଦା କରିବା ସହିତ ଅଗାମି ଦିନରେ ଏହି ଘଟଣାକୁ ନେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ କଳିଙ୍ଗନଗର ଶ୍ରମିକ ସଂଘ କାର୍ଯ୍ୟକାରୀ ସଭାପତି ସୁଶାନ୍ତ ନାୟକ, ଶ୍ରମିକ ନେତା ବାବୁଲି ପୂର୍ତ୍ତି, ନାରୀ ନେତ୍ରୀ ସୀନି ସଏ, ଅର୍ଜୁନ ସିଂ ପୁର୍ତି, ସିପିଆଇ ନେତା ଆଲୋକ ମହାନ୍ତି, ବିଶ୍ୱରଂଜନ ସ୍ୱାଇଁ, ଶ୍ରମିକ ସଂଘ ଉପଦେଷ୍ଟା ମୃତ୍ୟୁଞ୍ଜୟ ଦେଓ ପ୍ରମୁଖଙ୍କ ସମେତ ଅନେକ ବିସ୍ଥାପିତ ଓ ଏନଓକେ ପରିବାରର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଆମକୁ ବହୁ ଘାତପ୍ରତିଘାତ ଅତିକ୍ରମ କରିବାକୁ ପଡ଼ିବ

ରଘୁନାଥପୁର ,(ସବ୍ୟୁ) : ଲକ୍ଷ ସ୍ଥଳରେ ପହଞ୍ଚିବାକୁ ହେଲେ ଆମକୁ ବହୁ ଘାତ ପ୍ରତିଘାତ ଅତିକ୍ରମ କରିବାକୁ ପଡ଼ିବ ବୋଲି ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଓଡପଡା ସ୍ଥିତ ସଂକେତ ଆଟିଆଇର ୧୯ତମ ବାର୍ଷିକ ଉତ୍ସବରେ ରେଭେନ୍ସା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡ଼. ତ୍ରିଲୋଚନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଏତଦ୍ ଭିନ୍ନ ପାଠ ସହିତ ନିଜକୁ ଜଣେ ଭଲ ମଣିଷ ଭାବେ ଗଢି ତୋଳିବାକୁ ସେ ଗପ ମାଧ୍ୟମରେ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସୁଲେଖିକା ଶିବାନୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଆଜିର ଯୁବସମାଜ କୁପଥଗାମୀ ହେଉଥିବା ନେଇ ଚିନ୍ତା ପ୍ରକଟ କରିବା ସହିତ ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ସଂକେତରେ ପାଠ ପଢୁଥିବା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିପିସି ଶଶାଙ୍କ ଶେଖର ସ୍ୱାଇଁ ଏଥିରେ ଯୋଗଦେଇ ସଂକେତର ପାଠ୍ୟକ୍ରମ ଅନନ୍ୟ ଏବଂ ଏଠାରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଗୁରୁ ମାନେ ମଧ କିଛି ଶିକ୍ଷା ଲାଭ କରିଥାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂକେତ ସ୍କୁଲ ଅଫ୍ ବିଜିନେସ ମ୍ୟାନେଜମେଣ୍ଟର ଚେୟାରମ୍ୟାନ ବଦ୍ରିନାରାୟଣ ମହାନ୍ତି ପୌରୋହିତ କରିଥିବା ବେଳେ ପ୍ରତିଷ୍ଠାନର ପ୍ରିନସପାଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଖେଳକୁଦରେ ପାରଦର୍ଶିତା ଲାଭ କରିଥିବା ୩୭ଜଣ ଛାତ୍ର ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ବୈଷୟିକ ନିର୍ଦ୍ଦେଶକ ବିରେଞ୍ଚି ନାରାୟଣ ମହାନ୍ତି ପରିଚାଳନା କରିଥିବା ବେଳେ ଆଲୋକ ରଂଜନ ଦାଶ ବିବରଣୀ ପାଠ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା।




# ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟରେ ଜାତିରପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଇତ୍ୟବସରରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭାଛଆୟୋଜିତ ହୋଇ ଗାନ୍ଧୀଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବାର ସମ୍ପାଦକ ପ୍ରକାଶକୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶରତଚନ୍ଦ୍ର ବଳ, ସିରିଶ ସାମଲ,ପବିତ୍ରକୁମାର କର,କୈଳାସଚନ୍ଦ୍ର ସାମଲ,ସୁବ୍ରତକୁମାର ସ୍ୱାଇଁ, ଜିତେନ୍ଦ୍ର ତ୍ରିପାଠୀ, ଖଗେଶ୍ୱର ରାଉତ,ସତ୍ୟବ୍ରତ ସିଂ , ଲୋମାରାଣୀ ନାୟକ, ପ୍ରତିମାରାଣୀ ସାହୁଙ୍କ ସହ ବହୁ ଆଇନଜିବୀ ଏଥିରେ ଯୋଗଦେଇ ଗାନ୍ଧୀଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୋର୍ଟ ପରିସରରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସଙ୍ଗେସଙ୍ଗେ ଆଇନଜୀବୀ ମାନେ ଗାନ୍ଧୀଜୀଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ନିମ୍ନ ସ୍ତରରେ ରହିଥିବା ଗରିବ ଓ ଅବହେଳିତ ବର୍ଗଙ୍କୁ ସଠିକ ଓ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ନିଜନିଜର ଅଙ୍ଗିକାର ବଦ୍ଧତା ପ୍ରକାଶ କରିଥିଲେ।

# ୨ରୁ ପାରାଦୀପରେ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ

ପାରାଦୀପ ,( ଜପ୍ର ): ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର ଓ ବନ୍ଦର ନଗରୀର ଅଗ୍ରଣୀ ଅନୁଷ୍ଠାନ କାନମାସର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ଜୟଦେବ ସଦନ ଠାରେ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବ ଭାରତର ୪୩ ଗୋଟି ସହରରେ ଆୟୋଜିତ ହେବ ଏବଂ ସେଥି ମଧ୍ୟରୁ ପାରାଦୀପ ଅନ୍ୟତମ ଯାହାକି ପାରାଦୀପବାସିଙ୍କ ପାଇଁ ଗୌରବର ବିଷୟ ବୋଲି ଆଜି ଅଫିସର୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସି ଏମ ଇ ସୁଶିଲ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଆସନ୍ତା ୨ ତାରିଖ ଦିନ ଉ'ଟନୀ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର କେ ଶ୍ରୀନିବାସ ରାଓ, ବନ୍ଦର ଅଧକ୍ଷ ପି ଏଲ ହରନାଧ, ସିନେ କଳାକାର ସମରେଶ ରାଉତରାୟ, ସ୍ତମ୍ଭକାର ଗୌରହରି ଦାସ, ପାରାଦୀପ ରିଫାଇନରୀ ମୁଖ୍ୟ କୌସିକ ବସୁ ଆନୁଷ୍ଠାନିକ ଭାବେ ମହୋତ୍ସବଟିକୁ ଉଦଘାଟନ କରିବେ। ଏହି ମହୋତ୍ସବରେ ଭୁବନେଶ୍ୱର, କଲିକତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ସିଂହଳି ଭାଷାରେ ନାଟକ ପରିବେଷଣ କରିବେ। ପ୍ରଥମ ଥର ପାଇଁ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନର କଳାକାର ଆସନ୍ତା ୫ ତାରିଖ ଦିନ ସେମାନଙ୍କର ସିଂହଳି ଭାଷାର ନାଟକ ମଞ୍ଚସ୍ଥ କରିବେ ଯାହାକି ପାରାଦୀପ ପରି ସହର ପାଇଁ ଗୌରବ ଆଣିଦେବ। ଆଜିର ସାମ୍ବାଦିକ ସମ୍ମିଳନୀରେ କାନ୍ମାସର ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ ଓ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ରଙ୍ଗ ମହୋତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରିଥିଲେ।

# ଚମାଦାସ ମଠ ପଡ଼ିଆରେ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା, (ସବ୍ୟୁ) : ଆଜି ଚେମାଦାସ ମଠ ପଡ଼ିଆ, ନିଳିକଣା, ଅଳାବାଙ୍କ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ହିନ୍ଦୁ ସମ୍ମିଳନୀ ରେ ଅତିଥି ଭାବେ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ ରାଧାବଲ୍ଲଭ ମଠ ପୁରୀ , ଶ୍ରୀମତୀ କଳ୍ପନା ତ୍ରିପାଠୀ ତ୍ରୈଲୋକ୍ୟ ଭାରତୀ ମହାରାଜ ଯୋଗ ଦେଇ ସେମାନଙ୍କ ଆସ୍ରିବଚନ ପ୍ରଦାନ କରି ଥିଲେ । ପୂଜ୍ୟ ଅତିଥି ମାନେ ହିନ୍ଦୁ ଧର୍ମ ଓ ମା ଭାରତୀ ଙ୍କ ପାଇଁ ଏକାଠୀ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସର ରେ ଆମ ସଂସ୍କୃତି ରକ୍ଷା ପାଇଁ କାର୍ଯ୍ୟ କରୁଥିବା ରଞ୍ଜନ କୁମାର ମୁଦୁଲି, ଅକ୍ଷୟ କୁମାର ନାଥ, ଖଗେଶ୍ୱର ଲେଙ୍କା, ପ୍ରସନ୍ନ ହୋତା, ଶଶାଙ୍କ କୁମାର ଜେନା, ମାଧବ ପ୍ରଧାନ, ଲକ୍ଷ୍ମୀ ସାଗର ମହାନ୍ତି, ସୁଶିଲ ଦାସ, ଦେବାଶିଷ ନାୟକ, ପଙ୍କଜ ପ୍ରଧାନ ପୂର୍ଣ୍ଣଚନ୍ଦ୍ର ଦାଶ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ ରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ ନାରାୟଣ ମହାପାତ୍ର ଭାରତୀ ଭୂଷଣ ପଟ୍ଟନାୟକ ତ୍ରିଲୋଚନ ନାୟକ ବିଜୟ ପଣ୍ଡା ଶ୍ରୀନିବାସ ରାଓ ଚକ୍ରଧର ମାଝୀ ଓ ଶରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କୋରେଇ ବିଜେପିର ମିଶ୍ରଣ ପର୍ବ : ନେତା ଓ କର୍ମୀ ସାମିଲ



ବ୍ୟାସନଗର, (ସବ୍ୟୁ) : ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଦେଢବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଂଚାୟତ ପ୍ରତିନିଧି ଏବଂ କର୍ମୀ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ କୋରେଇ ବ୍ଲକ୍ ଅନ୍ତର୍ଗତ ଅସନଝର ଗ୍ରାମପଂଚାୟତର ସରପଂଚ ମମତା ମଞ୍ଜରୀ ସ୍ୱାଇଁ, ବିଜେପି ଅସନଝର ଶକ୍ତିକେନ୍ଦ୍ର ସଭାପତି ପ୍ରହଲ୍ଲାଦ ଜେନା, ବିଜେପି ଅସନଝର ଶକ୍ତିକେନ୍ଦ୍ର ଯୁବମୋର୍ଚ୍ଚା ସଭାପତି ସୁରେଶ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅସନଝର ଗ୍ରାମ ପଂଚାୟତର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ସମସ୍ତ ଆଗନ୍ତୁକ ଅସନଝର ପଂଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ।

ଆଜିର ଏହି ମିଶ୍ରଣ ପର୍ବରେ ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ସଂପାଦକ ଶୁଭଞ୍ଜନ ଦାଶ, କୋରେଇ ବିଜେପିର ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ପୂର୍ବତନ ସରପଂଚ ଦିପ୍ତିମୟୀ କୁଅଁର, ଅଶୋକ ବାରିକ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବ୍ୟାସଦେବ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର କୁମାର ବେହୁରା, ସୁରେନ୍ଦ୍ର ମଲ୍ଲ, ମଳୟ ଖଟୁଆ, ସୁବ୍ରତ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ନନ୍ଦ, ଅନାଦି ଚରଣ ବାରିକ, ବିଚିତ୍ର ରାଉତଙ୍କ ଉପସ୍ଥିତିରେ ମନୁ ସେଠୀ, ଟିକିନ ସେଠୀ, ଦୋଳଗୋବିନ୍ଦ ଯେନା, ବିଷ୍ଣୁ ନାୟକ, ବୁଲୁ ଦଳେଇ, ମହେଶ୍ୱର ନାୟକ, ଗୋବର୍ଦ୍ଧନ ନାୟକ, ବିଦ୍ୟାଧର ନାୟକ, ବିଶ୍ୱନାଥ ରାଉତ, ଦିଲ୍ଲୀପ ପରିଡା, ରଘୁନାଥ ଭଳି ପ୍ରମୁଖ ବିଜେଡି ଛାଡି ବିଜେପିରେ ଯୋଗଦେଇଥିଲେ। ଆଜିର ଏହି ମିଶ୍ରଣ ପର୍ବକୁ ଅନେକ ବିଜେପି କର୍ମକର୍ତ୍ତା ସହଯୋଗ କରିଥିଲେ।

# ସଚିବଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କଲା ଓଡ଼ିଶା ବନ ସେବା ସଂଘ

## ରେଞ୍ଜ କାର୍ଯ୍ୟାଳୟରେ ଏସିଏଫଙ୍କୁ ଆଇଆଇସିଙ୍କ ଧମକ ଘଟଣା

ରାଜନଗର ,(ସବ୍ୟୁ) : ବିରଳ ବଜ୍ରକାପ୍ତା କାତି ଜବତ ହେବା ଘଟଣା ପରେ ପୋଲିସ ରେଞ୍ଜ କାର୍ଯ୍ୟାଳୟରେ ପଶି ଦବଦବା ଦେଖାଇବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଏକ ସଂବେଦନଶୀଳ ଘଟଣାରେ ପୋଲିସ ବନବିଭାଗକୁ ସହଯୋଗ କରିବା ବଦଳରେ ଅଭିଯୁକ୍ତ ମାନଙ୍କ ମନୋବଳ ବଢାଇବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀ ଏସିଏଫଙ୍କ ଉପରେ ବର୍ଷିବା ଓ ଧମକ ଦେବା ଘଟଣା ସବୁ ମହଲକୁ ଚକିତ କରିଛି। ଏହି ଘଟଣାରେ ସରକାରୀ ବିଧି ବ୍ୟବସ୍ଥାକୁ ପାଳନ ନକରି ପୋଲିସ ବିଭାଗ ପାଇଁ ଅପବାଦ ଆଣିଥିବା ଆଇଆଇସି ବିରୁଦ୍ଧରେ ଆଜି ଯାଏଁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟନୁଷ୍ଠାନ ନିଆନଯିବା ବିଭାଗ ର ସାଧୁତା ଉପରେ ସନ୍ଦେହ ବଢାଇଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

ଘଟଣାକୁ ନେଇ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଲିଖିତ ଭାବେ କାର୍ଯ୍ୟନୁଷ୍ଠାନ ଦାବି କରିଥିଲେ। ଡିଏଫଓ ମଧ ପିସିସିଏଫ ଓ କେନ୍ଦ୍ରାପଡା ଏସପି ଏ ପୋଲିସ ଡିଜିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଘଟଣାକୁ ଗମ୍ଭୀର ଭାବେ ନେବା ସହ ଓଡ଼ିଶା ବନ ସେବା ସଂଘ ଆଜି ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଭେଟି ଲିଖିତ ଭାବେ ଜଣାଇବା ସହ ଦୃଢ଼ କାର୍ଯ୍ୟନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା ଅବୈଧ ଭାବେ ରଖିବା ଏବଂ ବାଣିଜ୍ୟ ସହିତ ଜଡିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଦବଦବା ଦେଖାଇବା ଏବଂ ନିଜର ଆଚରଣ ରେ ଅନ୍ୟକୁ କଷ୍ଟ ଦେବା ଭଳି ବ୍ୟବହାର କରିଥିଲେ। ଯାହାକୁ ନେଇ ଏସିଏଫ ଏ ବନକର୍ମଚାରି ମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ଘଟଣା ସମ୍ପର୍କରେ ବନଖଣ୍ଡ ଅଧିକାରୀ ଓ ଉଚ୍ଚ ପଦାଧିକାରୀ ମାନଙ୍କୁ ଜଣାଇଥିଲେ। ଗଣମାଧ୍ୟମ ପ୍ରତିନିଧି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ଆଇଆଇସିଙ୍କ ଭୟଭୀତ କରିବା ଘଟଣା ଘଟିଥିଲା। ଯାହା ଆଇନଗତ ତଦନ୍ତରେ ଗଭିର ବ୍ୟାଘାତ ସୃଷ୍ଟି କରିଥିଲା ଏବଂ ବିଭାଗର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଥିଲା। ଉକ୍ତ ଘଟଣା ଆସୋସିଏସନର ଦୃଷ୍ଟିକୁ ନିଆଯାଇଥିଲା । ତଦନ୍ତକାରୀ ଅଧିକାରୀମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଏବଂ ମନଗଢ଼ା ଅପରାଧିକ ମାମଲା ସହିତ ଧମକ ଦେଇଥିଲେ, ଯାହା ଫଳରେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା।

ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ। ଘଟଣାର ନିରପେକ୍ଷ ତଦନ୍ତ ସହିତ ଦୁର୍ବ୍ୟବହାରର ଶିକାର ହୋଇଥିବା ରାଜନଗର ଏସିଏଫ ଏବଂ ବନକର୍ମଚାରୀ ମାନଙ୍କୁ ଯେକୌଣସି ପ୍ରତିଶୋଧମୂଳକ କିମ୍ବା ପ୍ରେରଣାଦାୟକ କାର୍ଯ୍ୟରୁ ସୁରକ୍ଷା ଦେବା ପାଇଁ ସାଂଗଠନିକ ଏବଂ ଆଇନଗତ ସହାୟତା ପ୍ରଦାନ ସହିତ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଓଡ଼ିଶା ବନ ସେବା ସଂଘ (ଓଏଫଏସଏ) ପକ୍ଷରୁ ଦାବିପତ୍ର ଦିଆଯାଇଛି। ସଂଘ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ଏଥି ସହିତ ପିସିସିଏଫ , ପୋଲିସ ଡିଜିଙ୍କୁ ଦାବିପତ୍ର ଦିଆଯିବ ବୋଲି ସୂଚନା ମିଳିଛି ।

# ଗୁରୁକୃପା ଆଶ୍ରମ ଓ ରାମେଶ୍ୱର ମହାଦେବଙ୍କ ତ୍ରୟୋଦଶ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ଚଡେଇଧରା/ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଗୋଡିପାଟିଆ ଗ୍ରାମରେ ପ୍ରତିଷ୍ଠିତ ଆଧ୍ୟାତ୍ମିକ ପୀଠ ଶ୍ରୀଗୁରୁକୃପା ଆଶ୍ରମ ଓ ପୀଠର ଅଧିଷ୍ଠାତା ରାମେଶ୍ୱର ମହାଦେବଙ୍କ ତ୍ରୟୋଦଶ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଗୁରୁବାର ରାତିରେ ଉଦଯାତିତ ହୋଇଥିଲା। ପବିତ୍ର ଶ୍ରୀପଞ୍ଚମୀ ତିଥି ଠାରୁ ସପ୍ତାହେ ଧରି ଏହି ମହୋତ୍ସବ ଚାଲିଥିଲା। ଏକାଦଶୀ ତିଥିରେ ମହାଯଜ୍ଞର ପୂର୍ଣ୍ଣାହୂତି ପରେ ମହୋତ୍ସବ ଉଦଯାପିତ ହୋଇଥିଲା। ବ୍ରହ୍ମଲୀନ ବାବା ସନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଧ୍ୟାତ୍ମିକ ସ୍ଥଳ ଶ୍ରୀଗୁରୁକୃପା ଆଶ୍ରମ ଓ ରାମେଶ୍ୱର ମହାଦେବଙ୍କ ପୀଠରେ ଏବେ ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜ ସ୍ୱାମୀଜୀ ଭାବେ ଅଧିଷ୍ଠିତ ଥିଲେ। ତେବେ ଶ୍ରୀଗୁରୁ ଆଶ୍ରମରେ ଏକ ଆକସ୍ମିକ ଦୁର୍ଘଟଣାରେ ସ୍ୱାମୀ ଜ୍ଞାନାନନ୍ଦ ମହାରାଜ ଗୁରୁତର ଆହତହୋଇ ଚିକିତ୍ସାଧିନ ଥିବାରୁ ଚଳିତ ବର୍ଷ ବାର୍ଷିକ ମହୋତ୍ସବ ଅତି ଯାକଯକମରେ ପାଳନ କରାନଯାଇ କେବଳ ମହାଯଜ୍ଞ ଓ ଆଧ୍ୟାତ୍ମିକ ନିତି ଅନୁଯାଇ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଆଶ୍ରମର ବିଧି ଅନୁଯାଇ ଶ୍ରୀପଞ୍ଚମୀ ଠାରୁ ସାତଦିନ ଧରି ଶ୍ରୀମଦ୍ ଭାଗବତ ପାରାୟଣ ଓ ପଠନ ହେବା ସାଙ୍ଗକୁ ବିଶ୍ୱଶାନ୍ତି ଗିତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ଜ୍ଞାନାନନ୍ଦ ମହାରାଜଙ୍କ ଅନୁପସ୍ଥିତିରେ ବାବା ପର୍ଶୁରାମ ଦାସ ମହାରାଜଙ୍କ ଉପସ୍ଥିତିରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଶିବସଂକର ପଣ୍ଡାଙ୍କ ପୌରହିତ୍ୟରେ ଭାଗବତ ପାରାୟଣ ଓ ଯଜ୍ଞାଦି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପ୍ରଫୁଲ୍ଲକୁମାର ସାହୁ ଶସ୍ତ୍ରୀକ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦିତ କରିଥିଲେ। ଆଶ୍ରମ ପକ୍ଷରୁ ସେବକ ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା,ସହଦେବ ସାହୁ, ରବିନ୍ଦ୍ରକୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ଦାସ, ଆନନ୍ଦଚନ୍ଦ୍ର ବେହେରା, ଗଣେଶ୍ୱର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଗୋପାଳଚନ୍ଦ୍ର ରାଉତ, ରାମଚନ୍ଦ୍ର ବାରିକ, ବଟକୃଷ୍ଣ ସାହୁ, ରଞ୍ଜନକୁମାର ବେହେରା, ମଙ୍ଗୁଲି ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



# ବାଲି ,ମାଟି ମାଫିଆ ସକ୍ରିୟ:ପ୍ରଶାସନ ଜଳକା

ନିମାପଡା,(ସବ୍ୟୁ): ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡା କୁଶଭଦ୍ରା ନଦୀରୁ ଚୋରାରେ ଚାଲାଣ ହେଉଛି ଦୈନିକ ଶହ ଶହ ଟ୍ରିପ ବାଲି ଓ ମାଟି । ଏଠାରେ ବାଲି ଓ ମାଟି ମାଫିଆ ମାନେ ସକ୍ରିୟ ହୋଇଉଠିଥିବା ବେଳେ ସ୍ଥାନୀୟ ପ୍ରଶାସନ ଜଳକା ସାଜିଥିବା ନେଇ ଅଭିଯୋଗ ହେଉଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନ ପକ୍ଷରୁ ବାଲିଘାଟ ନିଲାମ ଦିଆଯାଇନଥିବା ବେଳେ ନଦୀ ପଠାରୁ କିଭଳି ଦୈନିକ ବାଲି ଓ ମାଟି ତଡାଯାଇ ନିଆଯାଉଛି ତାହା ଜନସାଧାରଣଙ୍କୁ ଅଶ୍ଚର୍ଯ୍ୟଚକିତ କରିଛି । ସତେ ଯେମିତି ସରକାରଙ୍କ ନିୟମ କାନୁନ ଏଠାରେ ସବୁ ଅଲଗା ରହିଛି । ଦିଘାଳ,ଡେଣୁଅ,କୁଶୁପୁର,ଆଳିପିଙ୍ଗଳ,ଅରିଷଣ୍ଡ ଆଦି ବିଭିନ୍ନ ସ୍ଥାନର କୁଶଭଦ୍ରା ନଦୀ ପଠାରେ ଡ୍ରୋଜର ସହାୟତାରେ ବାଲି ଓ ମାଟି ତଡାଯାଇ ଟ୍ରାକ୍ଟର,ହାଇୱା ଆଦି ଗାଡିରେ ଚାଲାଣ କରାଯାଉଛି । ମୁଖ୍ୟ ରାସ୍ତା ପାର୍ଶ୍ୱରେ ଶହ ଶହ ଟ୍ରିପ ବାଲି ଗଚ୍ଛିତ ରଖି ଚଢାଦରରେ ବିକ୍ରି କରି ମାଫିଆ ମାନେ ମାଲାମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି । ଖାଲି କୁଶଭଦ୍ରା ନଦୀ ନୁହେଁ ସେମାନେ ଗୋଚର ଜମିକୁ ତାଡି ମାଟି ନେଇ ବିକି ଦେଉଛନ୍ତି । ଯିଏ ପ୍ରତିବାଦ କରୁଛି ତାଙ୍କୁ ସେମାନେ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାନ୍ତି । ଦୈନିକ ନିମାପଡା ବଜାର ଦେଇ ହାଇୱା ଓ ଟ୍ରାକ୍ଟରରେ ବାଲି ଓ ମାଟି ବୁହା ଚାଲିଛି । ବାଲି ଓ ମାଟି ନେଇ ରାସ୍ତାରେ ଯାଉଥିବା ଟ୍ରାକ୍ଟ ଗୁଡିକ ମଧ୍ୟରୁ ଅନେକ ଟ୍ରାକ୍ଟର ଇଂଜିନ ଓ ଡାଲାରେ ନମ୍ବର ପ୍ଲେଟ ନଥିବା ବେଳେ ନାବାଳକ ମାନେ ଏହାର ଚାଳକ ଥିବା ଦେଖିବାକୁ ମିଳୁଛି । ବାଲି ଓ ମାଟି ଚୋରା ଚାଲାଣ ନେଇ ଦୀର୍ଘଦିନ ହେବ ପରିବେଶବିତ୍ ଓ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଆସୁଥିଲେ ମଧ୍ୟ ଖଣି ବିଭାଗ,ତହସିଲପ୍ରଶାସନ ଓ ପୁଲିସ ପରସ୍ପର ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି । କେବଳ ମଝିରେ ମଝିରେ ଲୋକ ଦେଖାଣିଆ କିଛି ଚଢାଉକରି ଗାଡି ଜବତ କରି ବାହା ବାହା ନେଉଥିବା ଅଭିଯୋଗ ହେଉଛି । ଚୋରା ବାଲି ଓ ମାଟି ମାଫିଆଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ଜିଲ୍ଲାପାଳ ଚେତାବନୀ ଦେଉଥିବା ବେଳେ ମାଫିଆମାନେ ଆଦେଶକୁ ଫୁ କରି ଉଡାଇ ଦେଉଥିବା ନେଇ ଚର୍ଚ୍ଚା ହେଉଛି । ବାଲି ଓ ମାଟି ଚୋରା ଚାଲାଣକାରୀଙ୍କ ଉପରେ କଠୋର କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଂଚଳ ବାସୀଙ୍କ ପକ୍ଷରୁ ଦାବୀ ହେଉଛି ।

# ଚିଲିକାରୁ ୨୦୦୦ ଏକର ଖନ୍ଦା ଜାଲ ସହ ଘେରି ଉଚ୍ଛେଦ



ବାଲୁଗାଁ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକାରେ ବେଆଇନ ଘେରି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ଶୁକ୍ରବାର ବାଲୁଗାଁ ନିକଟ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଗଢିଉଠିଥିବା ୨୦୦୦ ଏକର ପରିବ୍ୟାପ୍ତ ଖନ୍ଦା ଜାଲ ଓ ଘେରି ଉଚ୍ଛେଦ କରାଯାଇଥିବା ବେଳେ ବ୍ୟବହୃତ ୬ କ୍ୱିଣ୍ଟାଲ ଜାଲ ସମେତ ବାଉଁଶ ଓ କିଳା ଆଦି ଜବତ ହୋଇଛି । ଜବତ ସମସ୍ତ ଜାଲ ଓ ବାଉଁଶକୁ ପ୍ରଶାସନ ପକ୍ଷରୁ ନିଆଁ ଲଗାଇ ପୋଡି ଦିଆଯାଇଛି ।

ପ୍ରକାଶ ଯେ, ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଅସଂଖ୍ୟ ବେଆଇନ ଘେରି ଯୋଗୁଁ ମତ୍ସ୍ୟଜୀବି ମାନେ ଚିଲିକା ମଧ୍ୟକୁ ଡ଼ଙ୍ଗା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଦ୍ୱାରା ମାଛ ମାରିବାକୁ ଯାଇ ନ ପାରି ସେମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ଘୋର ପ୍ରଭାବ ପଡୁଛି । ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଠାରୁ ଅଚାନକ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼ାଇଙ୍କ ତତ୍ତ୍ୱାବଧାନରେ ଉପକୂଳବର୍ତ୍ତୀ ଗ୍ରାମ ଛେଡାପଦର, ଅଠରବାଟିଆ ଏବଂ ଗବପଦର ମୌଜା ଅଧିନ ଚିଲିକାରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସକାଳ ୯ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ୩ ଗୋଟି ଡ଼ଙ୍ଗାରେ ୨୦ରୁ ଉର୍ଦ୍ଧ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏଥିରେ ଚିଲିକା ତହସିଲଦାରଙ୍କ ସମେତ ସିଡିଏ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ସ୍ଥାନୀୟ ପୋଲିସ ଏବଂ ରାଜସ୍ୱ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅଭିଯାନ ଆଗକୁ ଅନ୍ୟାନ୍ୟ ଅଞ୍ଚଳରେ ଜାରି ରହିବ ବୋଲି ତହସିଲଦାର ଘଡେଇ କହିଛନ୍ତି ।

# ଜାଗୃତିର ବାର୍ଷିକ ଉତ୍ସବ




କଣ୍ଟାପଡ଼ା, (ସବ୍ୟୁ): ସେବା, ସାହିତ ଓ ସଂସ୍କୃତି ପ୍ରତି ସମର୍ପିତ ସାମାଜିକ ସଂଗଠନ 'ଜାଗୃତି'ର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆଇଏଏସ ରନକୁମାର ଦାସ, କଥାକାର ଓ କବି ପ୍ରଦୀପକୁମାର ମହାନ୍ତି ଓ ସାମ୍ବାଦିକ ନାରାୟଣ ବେହେରା ଅତିଥିରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ନାଟକାର ଅଧ୍ୟାପକ ଚିନ୍ମୟ ଦାସ ସଂଗଠନର ଲକ୍ଷ, ଉଦେଶ ଓ କାର୍ଯ୍ୟଧାରା ସମ୍ପର୍କରେ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ସଭାପତି ମୁରଲୀଧର ମିଶ୍ର ଓଡ଼ିଶାର ୫ଜଣ ଲବ୍ଧ ପ୍ରତିଷ୍ଠିତ ବକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସୁଧାଶ୍ରୀ ଓ ଜାଗୃତିର ସହ ସମ୍ପାଦକ ଯତୀନ୍ଦ୍ରକୁମାର ମିଶ୍ରଙ୍କଦ୍ୱାରା ଲିଖିତ ପୁସ୍ତକ 'ପ୍ରାର୍ଥନା ପୁଷ୍ପାଳି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ଆୟୋଜିତ କବିତା ଆସରରେ ୫୦ଜଣରୁ ଉର୍ଦ୍ଧ୍ୱ ସଂଖ୍ୟକ କବି ନିଜସ୍ୱ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସମ୍ପାଦକ ଡାକ୍ତର ସତ୍ୟ କାନୁନଗୋ ଉତ୍ସବ ପରିଚାଳନା କରିଥିଲାବେଳେ ସଂଗ୍ରାମକେଶରୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାମାଜିକ ନାଟକ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା।

# ରାଘବ ମଲ୍ଲିକଙ୍କ ନାମରେ ମାମଲା ଘଟଣା
## ସ୍ୱାମୀଙ୍କ ଆଭିଯୋଗକୁ ଖଣ୍ଡନ କଲା ସ୍ତ୍ରୀ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକଙ୍କ ନାମରେ ହୋଇଥିବା ଅପହରଣ ଅଭିଯୋଗ ନୂଆମୋଡ଼ ନେଇଛି । ଏହି ଘଟଣାରେ ସ୍ୱାମୀଙ୍କ ଅଭିଯୋଗକୁ ସ୍ତ୍ରୀ ଖଣ୍ଡନ କରିବା ପରେ ରାଘବଙ୍କ ନାମରେ ଆସିଥିବା ଅଭିଯୋଗରୁ ରାଘବଙ୍କୁ ଆସ୍ୱସ୍ତି ମିଳିଛି । ମୋତେ କେହି ଅପହରଣ କରି ନାହାନ୍ତି,ମୋ ସ୍ୱାମୀ ମୋ ସହିତ ଝଗଡା କରିବାରୁ ମୁଁ ମୋ ପୁଅକୁ ଧରି ପଳାଇ ଥିଲି । ଭୁବନେଶ୍ୱର ପାହଲରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ବାଲି ସିମେଣ୍ଟ କାମ କରୁଥିଲି । ରାଘବ ମଲ୍ଲିକ କିଏ ମୁଁ ଜାଣିନି ବୋଲି ଶୁକ୍ରବାର ଦିନ ଦଶପଲ୍ଲା କୋର୍ଟରେ ହଜର ହୋଇ ବନମାଳିଙ୍କ ସ୍ତ୍ରୀ ବନିତା ଏହି ବୟାନ ଦେଇଛନ୍ତି । ଫଳରେ ବନିତା ଓ ରାଘବଙ୍କୁ ନେଇ ସ୍ୱାମୀ ବନମାଳୀ ଆଣିଥିବା ଅଭିଯୋଗ ଏବେ ମିଥ୍ୟା ପ୍ରମାଣିତ ହୋଇଛି । ଫଳରେ ବନିତାଙ୍କ ସ୍ୱାମୀ ବନମାଳୀ , ତାର ସ୍ତ୍ରୀ ବନିତାକୁ ବିଜେପି ନେତା ରାଘବ ଅପହରଣ କରି ନେବା ଏବଂ ତା ସହ ସମ୍ପର୍କ ରଖିବାକୁ ନେଇ ପୋଲିସ ପକ୍ଷରୁ ମାମଲା ହେବା ପରେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା ସାମ୍ବାଦିକ ସମ୍ମିଳନୀ କରି ରାଘବଙ୍କୁ ଗିରଫ କରିବା ପାଇଁ ଯେଉଁ ଦାବି କରିଥିଲେ ତାହା ମଉଳି ଯାଇଛି । ଏହାକୁ ନେଇ ବିଜେଡି ପଦାରେ ପଡିଛି ।

# ବିଧାୟକଙ୍କ ମାରାଥନ ଶିଳାନ୍ୟାସ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସତ୍ୟବାଦୀରେ ମାରାଥନ ଶିଳାନ୍ୟାସ କରିଥିଲେ । ବିଧାୟକ ଶ୍ରୀଯୁକ୍ତ ମିଶ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସାକ୍ଷୀଗୋପାଳ ପରିସରରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ନୂତନ ର୍ନିମାଣ ନିମନ୍ତେ ୭୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଅଛି ।ଏହି ସ୍ୱାସ୍ଥ୍ୟ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଆହୁରି ସୁଦୃଢ ହେବ ଏବଂ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଡେଲାଙ୍ଗ ଉପଖଣ୍ଡ ଜଳସମ୍ପଦ ବିଭାଗ ଅନ୍ତର୍ଗତ ପୋଷଲ ମାଇନର ଚିତଳପୁର ଠାରୁ କୁଞ୍ଜର ପର୍ଯ୍ୟନ୍ତ ୭ ମିଟର ଓସାରରେ ୩.୪କିଲୋମିଟର ରାସ୍ତା ର୍ନିମାଣ ର ଶିଳାନ୍ୟାସ କରିଥିଲେ । ଅଟକଳ ମୂଲ୍ୟ ୨କୋଟି୫୧ଲକ୍ଷ ରହିଅଛି।ଏହି ରାସ୍ତା ର୍ନିମାଣ ହେଲେ ଖେଦେରା ପଡିଆ, ଚମାର ସାହି, ଡିହାପଡା, ଓ ଦଶବିଦ୍ୟାଧର ପୁର ସମେତ ଆଖପାଖ ଜନସାଧାରଣ ଉପକୃତ ହେବେ। ସତ୍ୟବାଦୀ ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ, ସାକ୍ଷୀଗୋପାଳ ଅନ୍ତର୍ଗତ ଶୁକଳ କେନାଲ ବନ୍ଧରେ ୩.୬କିଲୋମିଟର ରାସ୍ତା ର୍ନିମାଣ କରାଯିବ ଏହାର ଅଟକଳ ମୂଲ୍ୟ ୨କୋଟି ୫୯ଲକ୍ଷ ଟଙ୍କା ରହିଅଛି।ଏହି ରାସ୍ତା ର୍ନିମାଣ ଫଳରେ ଅଳଗୁମ, ମଧୁବନ ଓ ଶୁକଳ ପଞ୍ଚାୟତ ସମେତ ଆଖପାଖ ଜନସାଧାରଣଙ୍କର ଗମନାଗମନ ସୁବିଧା ହେବ।।

# ଯୁବକଙ୍କ ପରଲୋକ

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ହାଟମୁଣ୍ଡ ପାଟଣା ଯୁବକ ସୁଧାଂଶୁ (ନାଲୁ)ମହାରଣା (୪୮)ଙ୍କ ର ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଯକୃତ ଜନିତ ବ୍ୟାଧି ରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ଜଣେ ଉତ୍ସାହୀ, କ୍ରୀଡ଼ାପ୍ରେମୀ ଯୁବକ ଭାବେ ଅଞ୍ଚଳ ରେ ଜଣାଶୁଣା ଥିଲେ। ତାଙ୍କ ମୃତ ଶରୀର ଗ୍ରାମ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷକୃତ୍ୟ ନିକଟସ୍ଥ ମହିମାଶ୍ରମ ମହାନଦୀ କୂଳ ସ୍ମଶାନ ଘାଟ ରେ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ସମ୍ବିତ ମୁଖାଗ୍ନି ଅର୍ପଣ କରିଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଂଚଳର ଜଣେ ଯୁବତୀକୁ କରିଥିବା ଦୁଷ୍କର୍ମ ଅଭିଯୋଗରେ ଶୁକ୍ରବାର ଦିନ ନିରାକାରପୁର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। କି ଗତ ୨୪ ତାରିଖରେ ଜଣେ ଯୁବତୀ ନିରାକାରପୁର ଥାନା କେସ ନଂ ୨୫/୨୪.୧.୨୬ ରେ ଉକ୍ତ ଥାନା ଅନ୍ତର୍ଗତ ବଡ଼ପୋଖରିଆ ଗ୍ରାମର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିବା ଲିଖିତ ଅଭିଯୋଗ ଦେବା ପରେ ଶୁକ୍ରବାର ଦିନି ପୋଲିସ ଆଇଆଇସି ବିଶଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପଲିଶା ନାୟକ ସଦଳବଳେ ଚଢ଼ାଉ କରି ଧନଞ୍ଜୟ ବଡ଼ଜେନା (୩୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ

କଣାସ, (ସବ୍ୟୁ):ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ମଙ୍ଗଳବାର ଦିନ କଣାସ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ।ଏଥିରେ ମୋଟ ୬୬ ଗୋଟି ଅଭିଯୋଗ ମିଳିଥିଲା।ତତକ୍ଷଣାତ ୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।

# ବର୍ଷୀୟାନ କଳାକାରଙ୍କ ପରଲୋକ



ଖଣ୍ଡପଡ଼ା,(ସବ୍ୟୁ) :ଖଣ୍ଡପଡ଼ା ସହର ୧୦ ନଂ ୱାର୍ଡ ଦୋସନ୍ଧି ସାହିର ବାସିନ୍ଦା ବର୍ଷୀୟାନ କଳାକାର ଲିଙ୍ଗରାଜ ରଥ (୮୯) ଙ୍କର ପରଲୋକ ହୋଇଯାଇଛି।ଦୀର୍ଘ ବର୍ଷ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡିତ ଥିଲେ। ସ୍ୱର୍ଗତ ରଥ ଏକାଧାରାରେ ଥିଲେ ଜଣେ ନାଟ୍ୟକାର, ଅଭିନେତା,ନାଟ୍ୟ ନିର୍ଦ୍ଦେଶକ ଓ ଲୋକ ସଂଗୀତ ବିଶାରଦ।। ତାଙ୍କର ବଳିଷ୍ଠ ନିର୍ଦ୍ଦେଶନାରେ ଅନେକ ନାଟକ ମଞ୍ଚସ୍ଥ ହୋଇ ଜନାଦୃତ ହୋଇଥିବା ବେଳେ ଗଡଜାତ ଖଣ୍ଡପଡ଼ା ଅଞ୍ଚଳର ଐତିହ୍ୟ ଢୁମ୍ପା ସଙ୍ଗୀତର ମୁଖ୍ୟ ପୁରୋଧା ଭାବେ ବିଭିନ୍ନ ମହଲରେ ସେ ବେଶ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରିଷ୍ଠ ଆଇନଜୀବି ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, ସାମ୍ବାଦିକ ଶାନ୍ତିଶେଖର ରଥ, ଶିକ୍ଷାବିତ ବିନାୟକ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।ସ୍ଥାନୀୟ ମା ଉମାଦେବୀଙ୍କ ଶ୍ମଶାନ ସ୍ଥଳରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଦୁଇ ପୁଅ ଦେବାଶିଷ ଓ କମଳେଶ ମୁଖାଗ୍ନି ଦେଇଥିବା ଜଣାପଡିଛି।ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର କଳାକାର ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବାର୍ତ୍ତାରେ ପ୍ରକାଶ କରିଥିବା ଜଣାଯାଇଛି।

# ଗାନ୍ଧିଜୀଙ୍କ ଦର୍ଶନ ଆନ୍ତର୍ଜାତୀୟ ସ୍ତରର ସର୍ବଶ୍ରେଷ୍ଠ ପ୍ରତିପାଦନ



ଆଠଗଡ, (ସବ୍ୟୁ): ଆଠଗଡ ଯୁବ-ଛାତ୍ର ବିଜେଡି ପକ୍ଷରୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସହିଦ ପାଳିତ ହୋଇଯାଇଛି।ଏହି ଅବସରରେ ପ୍ରତ୍ୟୁଷରୁ ଆଠଗଡ, ତିଗିରିଆ ଅଞ୍ଚଳ ରେ ରାମଧୂନ ଓ ଗାନ୍ଧିଜୀ ଙ୍କ ପ୍ରିୟ ଭଜନ ମାନ ପରିଷେଣ କରାଯାଇଥିଲା,ପରେ ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟଭନ ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା।ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ,ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ବିଭିନ୍ନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଫଳମୂଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଆଠଗଡ ସହର ଉପକଣ୍ଠ ଶ୍ରୀ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡା ଛକ ଠାରୁ ଏକ ମୌନ ଶୋଭାଯାତ୍ରା ବାହାରି ସହର ମୁଖ୍ୟ ରାସ୍ତା ଦେଇ ସ୍ୱପ୍ନେଶ୍ୱର ଜାର ସଭାସ୍ଥଳ ରେ ପହଞ୍ଚିଥିଲେ। ଏଠାରେ ଆଠଗଡ ଏନଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦ ଙ୍କ ସଭାପତିତ୍ୱ ରେ ଏକ ପ୍ରଥପ୍ରାନ୍ତ ସ୍ମୃତିଚାରଣ ଓ ପାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥିଭାବେ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଧ୍ୟାପକ ଡଃ ନାରାୟଣ ପଣ୍ଡା ଯୋଗ ଦେଇ ତିନୋଟି ଗୁଳି ଦାରା ଗାନ୍ଧୀ ହତ୍ୟା କରିପାରିଥିଲା ମାତ୍ର ଗାନ୍ଧିଜୀ, ରାଜନୈତିକ ସାମାଜିକ, ଅର୍ଥନୈତିକ ଦର୍ଶନ ସମଗ୍ର ବିଶ ଓ ଆର୍ନ୍ତଜାତୀୟ ସ୍ତର ରେ ସର୍ବଶ୍ରେଷ୍ଠ ପ୍ରତିପାଦନ କରିଛି ବୋଲି କହିଛନ୍ତି।ଏହି ପ୍ରରୀପ୍ରେକ୍ଷୀର ଦେଶରେ ସଂମ୍ପ୍ରତି ନାରୀ ନିର୍ଯାତନା ସାମ୍ପ୍ରଦାୟିକ ଉତ୍ପିଡନ, ଘୃଣା ଜାତିଆଣ ଆକ୍ଷେପ, ବିଦ୍ୱେଷ ବଢ଼ିଚାଲିଛି ଓ ମୌଳାଦୀ ଶକ୍ତି ର ଅଭ୍ୟୁଦୟ ହୋଇଥିବା ଲେ ଗାନ୍ଧୀବାଦ ର ପ୍ରାସଙ୍ଗିକତାକୁ ଯୁବକ ମାନେ ଆପଣେଇବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଛାତ୍ର ନେତା ରିଙ୍କୁପତ୍ରୀ,ଗିରିଜା ପ୍ରସାଦ ପରିଜା, ଦିନେଶ ପ୍ରଧାନ,ଜନ୍ମେଜୟ ଦାସ, ଶଶିକାନ୍ତ ସାହୁ,ଯୁବ ବିଜେଡି ସଭାପତି ନୋଦ ମାଝି ତୋଫାନ ସାମଲ,ମନୋଜ ଦଳେଇ,ହିମାଂଶୁ ଶେଖର ସାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



ଫୁଲନଖରା ,(ସବ୍ୟୁ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଶ୍ରଦ୍ଧା, ଭକ୍ତି ଓ ଗମ୍ଭୀର ପରିବେଶ ମଧ୍ୟରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ଅମର ଆଦର୍ଶ ଓ ଅହିଂସା ନୀତିକୁ ସ୍ମରଣ କରାଯାଇଥିଲା।। କାର୍ଯ୍ୟକ୍ରମର ପ୍ରାରମ୍ଭରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ପତାକା ଉତ୍ତୋଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଜାତିର ପିତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।। ସର୍ବଧର୍ମ ସମଭାବର ପ୍ରତୀକ ଭାବରେ ସଭା ପ୍ରାରମ୍ଭରେ ଗୀତା, କୋରାନ ଓ ବାଇବେଲ ପାଠ କରାଯାଇଥିଲା, ଯାହା ଗାନ୍ଧିଜୀଙ୍କ ଧାର୍ମିକ ସହିଷ୍ଣୁତା ଓ ମାନବତାବାଦୀ ଚିନ୍ତାଧାରାକୁ ପ୍ରତିବିମ୍ବିତ କରିଥିଲା।। ଏହି କାର୍ଯ୍ୟକ୍ରମରେ ସି.ଏମ.ସି କମିଶନର ସୁଶ୍ରୀ କିରଣଦୀପ କୌର ସହୋଟା, ଅତିରିକ୍ତ ଜିଲ୍ଲାପାଳ, ସାଂସଦଙ୍କ ପ୍ରତିନିଧି ପ୍ରତାପ ରାଉତରାୟ, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତିଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।ଏହି ଅବସରରେ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି ଅହିଂସା ହିଁ ପରମ ଧର୍ମ ବୋଲି ଉଲ୍ଲେଖ କରି ଗାନ୍ଧିଜୀଙ୍କ ଶାନ୍ତି ଓ ସହଅବସ୍ଥାର ସନ୍ଦେଶକୁ ସ୍ମରଣ କରିଥିଲେ। ସୂଚନା ଅନୁଯାୟୀ, ଏହି ସ୍ମୃତି କାର୍ଯ୍ୟକ୍ରମ ତିନି ଦିନ ଧରି ପାଳନ କରାଯିବ । ଏହାର ଅଂଶ ଭାବେ ଆଲୋଚନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗାନ୍ଧୀ ଦର୍ଶନ ଉପରେ ବିଭିନ୍ନ କାର୍ଯ୍ୟସୂଚୀ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକମାନଙ୍କ ଉପସ୍ଥିତି ଗାନ୍ଧୀଜୀଙ୍କ ପ୍ରତି ସାଧାରଣ ଲୋକଙ୍କ ଅଗାଧ ଶ୍ରଦ୍ଧାକୁ ପ୍ରତିଫଳିତ କରିଥିଲା।

# ସ୍ୱାଧିନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ଶ୍ରାଦ୍ଧଦିବସ

ନିମାପଡା,(ସବ୍ୟୁ): ନିମାପଡା ପତିତପାବନ ସେବା ସଂଘ ଠାରେ ମହାନ ସ୍ୱାଧିନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ୩୩ତମ ଶ୍ରାଦ୍ଧ ଦିବସ ଗୁରୁବାର ଦିନ ପାଳିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ନିମାପଡା ସହୀଦ ସ୍ମୃତି ସଂସଦର ସଭାପତି ସମୀର ରଂଜନ ଦାଶ ଯୋଗଦେଇ ପଦ୍ମଚରଣ ଅନେକ ସମବାୟ ସଂଗଠନ ଗଠନ କରିବା ସଙ୍ଗେ ସଙ୍ଗେ ପୁରୀ ଜିଲାରେ ଶିକ୍ଷାର ବିକାଶ ପାଇଁ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଶିକ୍ଷାର ବିକାଶ ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପତିତପାବନ ସେବା ସଂଘର ସଂପାଦକ ଜଗତ୍‌ପ୍ରସାଦ ସାବ୍ରତ,ସମାଜସେବୀ ବସନ୍ତ ପାତ୍ର,ବରିଷ୍ଠ ନେତା ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତସିଂହାରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସହୀଦ ସ୍ମୃତି ସଂସଦର ସଂପାଦକ ବେଣୁଧର ସେନାପତି ଏକ ଶ୍ରଦ୍ଧାଞ୍ଜଳିବାର୍ତ୍ତା ପ୍ରେରଣ କରିଯୁବ ସମାଜ ସ୍ୱର୍ଗତ ସାମନ୍ତସିଂହାରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ ।

# ସାମ୍ବାଦିକ ସଂଘର ସାଧାରଣ ତନ୍ତ୍ର ଦିବସ ପାଳିତ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ସକାଳ ୮ଟା ରେ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ସମ୍ମୁଖରେ ବୟୋଜ୍ୟେଷ୍ଠ ଗଣ ମାଧ୍ୟମ ପ୍ରତିନିଧି ଦୁଃଶାସନ ନାୟକ ଜାତୀୟ ପତାକା ଉତ୍ତଳନ ପୂର୍ବକ, ବ୍ୟକ୍ତବ ପ୍ରଦାନ କରିଥିଲେ ।ଏଥିରେ ଉପଦେଷ୍ଟା ନିରଞ୍ଜନ ଦାସ, ସମ୍ପାଦକ ଲୋକନାଥ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ସମୀର କର, ଉପ ସଭାପତି ସମୀର ବେଉରା, ଦିବ୍ୟଦର୍ଶୀ ବିଶ୍ୱାଳ,ପ୍ରଶାର ଖୁଣ୍ଟିଆ , ମୁନା ସ୍ୱାଇଁ, ସୂର୍ଯ୍ୟ କର ଅଶୋକ ପରିଡା, ସୁଧୀର କର ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ର ଦିବସ ର ତାତ୍ପର୍ଯ୍ୟ ଉପରେ ନିଜ ନିଜର ମତ ରଖିଥିଲେ ।ସେହିପରି, ଅସ୍ତରଙ୍ଗ ବ୍ଲକ ଠାରେ ଅଧ୍ୟକ୍ଷା ଆରତୀ ନାୟକ, ତହସିଲ ଠାରେ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ଥାନା ଠାରେ ଆଇ ଆଇ ସି ଦୁର୍ଗାପ୍ରସାଦ ମହାପାତ୍ର,ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିବା ଦେଖିବାକୁ ମିଳିଥିଲା । ଦୁର୍ଗା କ୍ଲବ, ସବୁଜଶାଖ, ଗଣପତି କ୍ଲବ, ସୁରେନ୍ଦନାଥ ବିଦ୍ୟାପିଠ ସୁନ୍ଦର, ବେଳାଭୂମି ହାଇ ସ୍କୁଲ, ଲବଣ ସତ୍ୟାଗ୍ରହ ହାଇ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, କୁଆଁରପୁର ପ୍ରଭୃତି ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଥିବା ବେଳେ, ଲକ୍ଷ୍ମୀ କ୍ଲବ ଅସ୍ତରଙ୍ଗ, ତରଫରୁ ରକ୍ତଦାନ ସିବିର ଅନୁଷ୍ଠିତ ହେବା ସହ ଗଣତନ୍ତ୍ର ଦିବସ ମଧ୍ୟ ପାଳିତ ହୋଇ ଯାଇଛି।

# ମହାତ୍ମା ଗାନ୍ଧୀଙ୍କ ପୂଣ୍ୟତିଥି ଦିବସ ପାଳିତ




ଭୁବନେଶ୍ୱର, (ସବ୍ୟୁ):ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ସଭା କକ୍ଷଠାରେ ବୁଦ୍ଧିଷ୍ଟ ଇଣ୍ଟରନ୍ୟାସ୍‌ନାଲ୍ ଫୋରମ୍ ଫର୍ ପିସ୍ ଆନୁକୂଲ୍ୟରେ ଶୁକ୍ରବାରପୂର୍ବାହ୍ନ୧୧ଟାରେ ମହାତ୍ମା ଗାନ୍ଧୀଙ୍କର ୭୯ ତମ ପୂଣ୍ୟତିଥି ଦିବସ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ମୁଖ୍ୟ ଅତିଥ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଓ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଗାନ୍ଧିଜୀଙ୍କର ସ୍ୱାଧିନତା ସଂଗ୍ରାମଙ୍କୁ ଦାନ ସମ୍ପର୍କରେ ସମସ୍ତଙ୍କୁ ସ୍ମରଣ କରାଇ ଦେଇଥିଲେ।

ପ୍ରାରମ୍ଭ ଅନୁଷ୍ଠାନର ଜାତୀୟ ଆବାହକ, ଡଃ କାଳୀଚରଣ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ୍ ଡଃ ମୁରଲୀଧର ବିଶ୍ୱାଳ ଶେଷରେ ଧନ୍ୟବାଦ ଦେଇଥିଲେ ।

# ଏନଏସଇରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର , (ସବ୍ୟୁ): ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ପକ୍ଷରୁ ସଂସ୍କାର ମିଳିତ ମୂଲ୍ୟବୋଧ ଓ ଜାତୀୟ ନୀତିକୁ ପ୍ରତିଫଳନ କରିଥିବା ଏକ ସ୍ୱ ନ୍ତ୍ର କାର୍ଯ୍ୟକ୍ରମ ସହିତ ମୁମ୍ବାଇସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ଭାରତର ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି । ଏହି ସମାରୋହ ଏନଏସଇର ନେତୃବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଏକାଠି କରିଥିଲା । ଦେଶର ପ୍ରମୁଖ ଏକ୍ସଚେଞ୍ଜରେ ଏହି କାର୍ଯ୍ୟକ୍ରମ ଏନଏସଇ କ୍ଲିୟରିଂ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ବିକ୍ରମ କୋଠାରି ଏବଂ ଏନଏସଇର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶରଦ ଧକାଟେଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ଏବଂ କର୍ମଚାରୀମାନେ ଏକତା, ଅଖଣ୍ଡତା ଓ ବିବିଧତାର ସିଦ୍ଧାନ୍ତକୁ ସ୍ୱୀକୃତି ଦେବା ପାଇଁ ଏକାଠି ହୋଇଥିଲେ । ଏହି ଅବସର ଗର୍ବ, ଦେଶପ୍ରେମ ଓ ଏକତାର ଏକ ଭାବନା ଦ୍ୱାରା ଚିହ୍ନିତ ହୋଇଥିଲା । ଗଣତନ୍ତ୍ର ଦିବସ ସନ୍ଧ୍ୟାରେ ଏନଏସଇ ମୁଖ୍ୟ କାର୍ଯ୍ୟାଳୟଗୁଡିକୁ ଭାରତୀୟ ଜାତୀୟ ପତାକାର ରଙ୍ଗ ଯଥା ନାରଙ୍ଗି, ଧଳା ଓ ସବୁଜରେ ଆଲୋକିତ କରାଯାଇଥିଲା । ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ ଜାତୀୟସ୍ତରୀୟ ପହଂଚ ସହିତ ଏକ ଆଧୁନିକ, ସ୍ୱୟଂଚାଳିତ ଟ୍ରେଡିଂ ପ୍ଲାଟଫର୍ମର ପରିଚାଳନା କରୁଛି ଏବଂ ସ୍ୱଚ୍ଛତା, ଦକ୍ଷତା ଓ ନିବେଶକ ସୁରକ୍ଷା ମାଧ୍ୟମରେ ଭାରତର ପୁଞ୍ଜି ବଜାରଗୁଡିକର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

# ସିଧାମୂଳାରେ ଧାନ ମଣ୍ଡି ଉଦ୍‌ଘାଟିତ

କଣ୍ଟିଲୋ,(ସବ୍ୟୁ):ସିଧାମୁଳା ସମବାୟ ସମିତି ଅଧୀନ ବ ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଏହି ଧାନ ମଣ୍ଡି କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ସରପଞ୍ଚ ପ୍ରତିମା ପ୍ରଧାନ, ସାଂସଦ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବାଲିଆରସିଂ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ କର, ଚାଷୀ ଜଗ୍ନେଶ୍ୱର ପ୍ରଧାନ,ନବ କିଶୋର ପ୍ରଧାନ,ପ୍ରଫୁଲ୍ଲ ପ୍ରଧାନ, ବିଜୟ ଦାସ, ପ୍ରମୁଖ ଙ୍କ ଉପସ୍ଥିତ ରେ ଧାନ କ୍ରୟ ଆରମ୍ଭ କରାଯାଇଥିଲା।ପ୍ରଥମ ଦିନରେ ବାଣପୁର ଅଞ୍ଚଳ ର ୫୦କୁଇଣ୍ଟାଲ ରୁ ଉର୍ଦ୍ଧ ଧାନ ଚାଷୀ ଙ୍କ ଠାରୁ ସଂଗ୍ରହ ହୋଇଥିଲା। ଧାନ ମାନ ପରୀକ୍ଷା ପରେ ଦଶପଲ୍ଲା ର ସର୍ଦ୍ଧାର ରାଇସ ମିଲ ପକ୍ଷରୁ ଧାନ କ୍ରୟ କରାଯାଇଥିଲା।ସମବାୟ ସମିତି ସମ୍ପାଦକ କଳିଙ୍ଗ ରାଉତ ପରିଚାଳନା କରିଥିଲେ।

# ସବ-ଜେଲରେ ଯକ୍ଷ୍ମା କଏଦୀ ଚିହ୍ନଟ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ସବ ଜେଲରେ ଜଣେ ଯକ୍ଷ୍ମା କଏଦୀ ଚିହ୍ନଟ ହୋଇଛନ୍ତି । କଏଦୀର ନାମ କିଶୋର ସାହୁ ଓ ତାଙ୍କଘର ଜଗନ୍ନାଥ ପ୍ରସାଦ ଗ୍ରାମରେ । ଏକ ହତ୍ୟା ଘଟଣାରେରେ ଦଶପଲ୍ଲା ସବ ଜେଲରେ ଥିବା ଜଣା ପଡ଼ିଛି । ପୂର୍ବରୁ ତାର ଯକ୍ଷ୍ମା ରୋଗ ଥିଲା ଏବଂ ସେ ଔଷଧ ବ୍ୟବହାର କରୁଥିଲା ।

**(ଶ୍ରୀମଭଗବଦ୍ ଗୀତା ୨/୨୫)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍**
**ତଥାପି ତ୍ୱଂ ମହାବାହୋ ! ନୈନଂ ଶୋଚିତୁମର୍ହସି ।। ୨୫ ।।**

ତସ୍ମାତ୍ (ଅତଏବ) ଏନଂ (ଆତ୍ମାନଂ) ଏବଂ (ପୂର୍ବୋକ୍ତପ୍ରକାରେଣ)
ବିଦିତ୍ୱା (ଜ୍ଞାତ୍ୱା) ଅନୁଶୋଚିତୁଂ ନ ଅର୍ହସି ।। ୨୫ ।।

# ଭାରତର ଅର୍ଥନୀତି ସ୍ଥିରଭାବେ ଆଗଉଛି

ଭାରତରେ ଆର୍ଥିକ ଅଭିବୃଦ୍ଧି, ବିଶ୍ୱର ଅନିଶ୍ଚିତ ବାତାବରଣ ସତ୍ତ୍ୱେ, ଧୀରସ୍ଥିର ଭାବରେ ଆଗକୁ ପାଦ ବଢ଼ାଉଥିବା ବିଷୟରେ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପିତ କରିଥିବା ୨୦୨୫-୨୬ ଆର୍ଥନୀତିକ ସର୍ଭେ ରିପୋର୍ଟକୁ ଅନୁଧ୍ୟାନ କରିବାରୁ ଜଣାଯାଇଛି । ସାରା ବିଶ୍ୱ ଅନିଶ୍ଚିତ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ଭାରତକୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ । ଘରୋଇ ଉତ୍ପାଦ କ୍ଷେତ୍ରରେ ୬. ଦଶମିକ ୮ ପ୍ରତିଶତରୁ ଭାରତର ଅର୍ଥନୀତି ୭ ଦଶମିକ ୨ ପ୍ରତିଶତରେ ରହିବ ବୋଲି ଅନୁମାନ କରାଯାଉଛି । ତଥାପି ଏହା ନୈରାଶ୍ୟଜନକ ନୁହେଁ ଏବଂ ସମଗ୍ର ବିଶ୍ୱ ଆର୍ଥିକ ସଙ୍କଟାବସ୍ଥା ଦେଇ ଗତି କରୁଥିଲେ ମଧ୍ୟ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିର ଆଶା ଉଜ୍ଜ୍ୱଳ ବୋଲି ଏହି ସର୍ଭେ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଉଛି । ଆସନ୍ତା ଫେବୃଆରୀ ୧ (୨୦୨୬)ରେ କେନ୍ଦ୍ର ସରକାର ସଂସଦରେ ବଜେଟ ଉପସ୍ଥାପନ କରିବା ପୂର୍ବରୁ ରାଷ୍ଟ୍ରର ଆର୍ଥନୀତିକ ଅବସ୍ଥା ବିଷୟରେ ଜାଣିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଗତ ୨୦୨୫ର ଅର୍ଥନୀତି ବିଷୟରେ ଉଲ୍ଲେଖ କଲେ ମୁଦ୍ରାସ୍ଫୀତି କ୍ଷେତ୍ରରେ ଭାରତ ସର୍ବାଧିକ ୧ ଦଶମିକ ୮ ପ୍ରତିଶତ ହ୍ରାସ ସ୍ତରରେ ରହିଛି । ବିଶ୍ୱର ଆର୍ଥିକ ମାନ୍ଦାବସ୍ଥା ଉପରମୁହାଁ ରହିଥିବାବେଳେ ଭାରତରେ ଘରୋଇ ଅଭିବୃଦ୍ଧି ହାର ଆଗକୁ ବଢ଼ି ଆର୍ଥିକ କାରବାରକୁ ପ୍ରଶ୍ରୟ ଦେଉଥିଲା ।

ଏହି ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୪ ଦଶମିକ ୪ ପ୍ରତିଶତ ଗତିଶୀଳ ମୂଲ୍ୟ ଗତ ପାଞ୍ଚ ବର୍ଷ ମଧ୍ୟରେ ହାସଲ କରାଯାଇ ପାରିଛି । ସେହିପରି ଆର୍ଥିକ ବର୍ଷ ୨୦୨୫ରୁ ୨୦୨୪ ମଧ୍ୟରେ ପଶୁଧନ କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଗତ ୨୦୧୪-୨୪ ମଧ୍ୟରେ ମାଛ ଉତ୍ପାଦନ ମଧ୍ୟ ୧୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ୩, ୫୭୭୩ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଥିଲା । ବିଗତ ବର୍ଷ ତୁଳନାରେ ଏହା ୨୫୪ ଦଶମିକ ୩ ଲକ୍ଷେ ମେଟ୍ରିକ ଟନ ବୋଲି ଜଣାଯାଇଛି ।

ଏହି ଅର୍ଥନୀତିକ ସର୍ଭେ ରିପୋର୍ଟ ୨୦୨୫-୨୬କୁ ଗଭୀର ଭାବେ ଅନୁଧ୍ୟାନ କଲେ ଜଣା ଯାଇଥାଏ ଯେ ବିକଶିତ ଭାରତ ଓ ବିଶ୍ୱ ପ୍ରଭାବର ଅନୁସରଣରେ କ୍ଷମତା, ସମାଜ ଓ ନିୟନ୍ତ୍ରଣ ମୁକ୍ତିକୁ ଭାରତ ଏକାଠି କରି ଅଗ୍ରଗମନ କରୁଛି । ଏପରି ଏକ ଅନିଶ୍ଚିତତା ସମୟରେ ଭାରତ ତାହାର ଉଦ୍ୟୋଗ ନୀତି ସେ ଅନୁଯାୟୀ ପରିବର୍ତ୍ତନ କରିବା ସହିତ ଆଗାମୀ ବିପଦର ମୁକାବିଲା କରି ପାରିବ । ବିଭିନ୍ନ ପରୀକ୍ଷାରୁ ଭାରତ ଶିକ୍ଷାଲାଭ କରି ନିଜ ଗତିପଥର ସଂଶୋଧନ କରିପାରିବ । ଏହି ଅବଶସମ୍ଭାବୀ ପରିବର୍ତ୍ତନ ସହିତ ଭାରତ ଅଭ୍ୟସ୍ତ ଅଛି ଏବଂ ଅଚିରେ ଆସୁଥିବା ବିପଦର ମୁକାବିଲା ମଧ୍ୟ କରିପାରିବ । ଏଥିରେ କୁହାଯାଇଛି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜିଡିପି ଓ ଜିଭିଏ (ଗ୍ରସ ଭାଲ୍ୟୁ ଏଡେଡ୍ ବା ସକଳ ମୂଲ୍ୟ ବର୍ଦ୍ଧିତ) ଅଭିବୃଦ୍ଧିର ପ୍ରଥମ ଅଗ୍ରୀମ ଆକଳନ ଯଥାକ୍ରମେ ୭.୪ ଏବଂ ୭.୩ ପ୍ରତିଶତ । ଭାରତର ଅଭିବୃଦ୍ଧି ପ୍ରାୟ ୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଅନ୍ୟପକ୍ଷରେ ୨୦୨୭ ଆର୍ଥିକ ବର୍ଷ ପାଇଁ ପ୍ରକୃତ ଜିଡିପି ଅଭିବୃଦ୍ଧି ୬.୮ ପ୍ରତିଶତରୁ ୭.୨ ପ୍ରତିଶତ ରହିବ ବୋଲି ମଧ୍ୟ ଆକଳିତ ହୋଇଛି । ୨୦୨୫ ମାର୍ଚ୍ଚ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୫୫ କୋଟି ୨ ଲକ୍ଷ ବ୍ୟାଙ୍କ ଆକାଉଣ୍ଟ ଖୋଲା ଯାଇଛି । କେତେଗୋଟି ଦୃଷ୍ଟାନ୍ତ ଏହି ସର୍ଭେରୁ ଉଲ୍ଲେଖ କରାଯାଇ ପାରେ । ସେଗୁଡ଼ିକ ହେଲା ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଲାଗି ଗ୍ରାମୀଣ ନିଯୁକ୍ତିକୁ ଗୁରୁତ୍ୱାରୋପ କରି ମନରେଗା ସହିତ ସଂଯୋଗ କରି 'ବିକଶିତ ଭାରତ-ଜୀ ରାମ ଜୀ' ଯୋଜନା ଆରମ୍ଭ କରିବାକୁ ଆଇନ ପ୍ରଣୟନ କରାଯାଇଛି । ରେଳବାଇ ହାଇସ୍ପିଡ ଚଟାଣଗୁଡ଼ିକ ଆର୍ଥିକ ବର୍ଷ ୨୦୧୪ରେ ୫୫୦ କିଲୋ ମିଟରରୁ ୫,୩୬୪ କିଲୋମିଟର ଡିସେମ୍ବର ୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ବୃଦ୍ଧି ପାଇଛି । ଭାରତ ମଧ୍ୟ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳର ବଜାର । ୨୦୧୪ରେ ବିମାନ ବନ୍ଦର ସଂଖ୍ୟା ୭୪ଟି ଥିଲା । ୨୦୨୫ ସୁଦ୍ଧା ତାହା ୧୬୪କୁ ବୃଦ୍ଧି ପାଇଛି । ସେହିପରି ଭାରତର ସେମିକଣ୍ଡକ୍ଟର ମିଶନର ୧୦ଟି ପ୍ରକଳ୍ପରେ ପ୍ରାୟ ୧.୬୦ ଲକ୍ଷ କୋଟି ଟଙ୍କା ନିବେଶ ସହିତ ଘରୋଇ ଉତ୍ପାଦ କ୍ଷମତା ବୃଦ୍ଧି କରାଯାଉଛି ବୋଲି ଏହି ସର୍ଭେରୁ ଜଣାଯାଇଛି ।

# ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା : କେବଳ ଚୁକ୍ତି ନୁହେଁ, ଭବିଷ୍ୟତର ମାର୍ଗନିର୍ଦ୍ଦେଶକ



**ପୀୟୁଷ ଗୋଏଲ**

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆର୍ଥିକ କୂଟନୀତିର ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ଉଦ୍ଭାସିତ ହୋଇଛି । ଏହି ଚୁକ୍ତି ଭାରତର ବିଶ୍ୱବ୍ୟାପୀ ଆର୍ଥିକ ସଂଲଗ୍ନତାକୁ ଏକ ନୂଆ ଗତି ପ୍ରଦାନ କରିବା ସହ, ଦେଶକୁ ବୈଶ୍ୱିକ ମୂଲ୍ୟ ଶୃଙ୍ଖଳାରେ ଆହୁରି ସୁଦୃଢ଼ ଭାବେ ସ୍ଥାପିତ କରୁଛି । ଏହି ରାଜିନାମା ଭାରତର ଯୁବବର୍ଗ ଏବଂ କୃଷକମାନଙ୍କ ପାଇଁ ଲକ୍ଷଲକ୍ଷ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହିତ, ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ସୁଯୋଗ ପ୍ରଦାନ କରିବ । ଏହା ପ୍ରାୟ ୨୦୦ କୋଟି ଲୋକମାନଙ୍କ ପାଇଁ ସମ୍ପଦ ସୃଜନ କରିବ । ଏଭଳି ଜନସଂଖ୍ୟା ବୈଶ୍ୱିକ ଅର୍ଥନୀତିର ଏକ ଚତୁର୍ଥାଂଶ ବୋଲି ଆକଳନ କରାଯାଇଛି । ବିଶ୍ୱର ଦ୍ୱିତୀୟ ଏବଂ ଚତୁର୍ଥ ସର୍ବବୃହତ ଅର୍ଥନୀତି ମଧ୍ୟରେ ହୋଇଥିବା ଏହି ରାଜିନାମା ବର୍ତ୍ତମାନ ସୁଦ୍ଧା, ସ୍ୱାକ୍ଷରିତ ଯେକୌଣସି ଦ୍ୱିପାକ୍ଷିକ ରାଜିନାମା ମଧ୍ୟରେ ସର୍ବବୃହତ । ବସ୍ତୁତଃ ଏହାକୁ କେବଳ ଏକ ବାଣିଜ୍ୟ ରାଜିନାମା ବୋଲି କୁହାଯାଇପାରିବ ନାହିଁ । ଏହା ବ୍ୟାପକ ସହଭାଗିତା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, ଯଥା- କୃତ୍ରିମପ୍ରଜ୍ଞା, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ପାରସ୍ପରିକ ସହଯୋଗର ବିଶାଳ କ୍ଷେତ୍ର ସୃଷ୍ଟି କରିବ । ଏହି ମୁକ୍ତ ବାଣିଜ୍ୟ ରାଜିନାମା ଭାରତର ପ୍ରତ୍ୟେକ କ୍ଷେତ୍ର ଏବଂ ପ୍ରତ୍ୟେକ ନାଗରିକ, ବିଶେଷ କରି ଦେଶର ଦରିଦ୍ରବର୍ଗଙ୍କ ପାଇଁ ଉପକାରସିଦ୍ଧ ହେବ ।

ଏହି ମୁକ୍ତ ବାଣିଜ୍ୟ ରାଜିନାମା ବାଣିଜ୍ୟ କ୍ଷେତ୍ରରେ ନୀତିଆଧାରକୁ ସୁନିଶ୍ଚିତ କରେ ଏବଂ ଆର୍ଥିକ ନୀତିରେ ସ୍ଥିରତା ଆଣେ । ଏହା ଫଳରେ ଉଭୟ ଘରୋଇ ଏବଂ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ନିମନ୍ତେ ଭାରତ ଅଧିକ ଇପ୍ସିତ କ୍ଷେତ୍ରରେ ପରିଣତ ହେବ । ଏହା କ୍ଷୁଦ୍ର ବ୍ୟବସାୟୀ, ଷ୍ଟାର୍ଟଅପ ଏବଂ କୁଶଳୀ କର୍ମଶକ୍ତିଙ୍କ ପାଇଁ ଅସୁମାରୀ ସୁଯୋଗ ସୃଷ୍ଟି କରିବ ।

ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବିଶ୍ୱ ପ୍ରଶଂସା କରିଛି, ଏହାକୁ ସମସ୍ତ ଚୁକ୍ତିର ଜନନୀ ବୋଲି କହିଛି । ଏହା ବିଶ୍ୱ ଅନିଶ୍ଚିତତାର ସମୟରେ ସ୍ଥିରତାକୁ ସୁଦୃଢ଼ କରିଥାଏ । ଏହି ଚୁକ୍ତିନାମା ଭାରତ ଏବଂ ୟୁରୋପୀୟ ସଂଘକୁ ମୁକ୍ତ ବଜାର, ପୂର୍ବାନୁମାନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ବିଶ୍ୱସ୍ତ ଅଂଶୀଦାର ଭାବରେ ସ୍ଥାନିତ କରିଛି ।

ଭାରତ ବାଣିଜ୍ୟିକ ମୂଲ୍ୟ ମାଧ୍ୟମରେ ୟୁରୋପୀୟ ସଂଘକୁ ବର୍ତ୍ତମାନ ତା'ର ୯୯ ପ୍ରତିଶତରୁ ଅଧିକ ରପ୍ତାନୀ ସାମଗ୍ରୀ ପ୍ରେରଣ କରିବ । ଏହା ଦେଶକୁ ଅସମ୍ଭବ ନିରାପତ୍ତା ଯୋଗାଇବ, ଯାହାକି ମେକ୍ ଇନ୍ ଇଣ୍ଡିଆ ଉପକ୍ରମକୁ ମଧ୍ୟ ମଜଭୁତ କରିବ । ଏହି ମୁକ୍ତ ବାଣିଜ୍ୟ ରାଜିନାମା ଶ୍ରମଭିତ୍ତିକ କ୍ଷେତ୍ର ଯଥା ବୟନଶିଳ୍ପ, ପୋଷାକ, ଚମଡ଼ା ଜୋତା, ସାମୁଦ୍ରିକ ଉତ୍ପାଦ, ମୂଲ୍ୟବାନ ରତ୍ନପଥର ଏବଂ ଅଳଙ୍କାର, ହସ୍ତକଳା ସାମଗ୍ରୀ, ଇଞ୍ଜିନିୟରିଂ ସାମଗ୍ରୀ ତଥା ଅଟୋମୋବାଇଲକୁ ଅଧିକ ପ୍ରେରଣା ଯୋଗାଇବ ।

ପ୍ରାୟ ୩୩ ବିଲିୟନ ଡଲାର ମୂଲ୍ୟର ଭାରତୀୟ ରପ୍ତାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ଏହା ଟାରିଫ ଟିକସର ଉଚ୍ଛେଦ କରିବ । ଏହି ରାଜିନାମା କାର୍ଯ୍ୟକାରୀ ହେଲେ ତାହା ଶ୍ରମିକ, କାରିଗର, ମହିଳା, ଯୁବଗୋଷ୍ଠୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ସଶକ୍ତ କରିବ । ସେହିଭଳି ଭାରତୀୟ ବ୍ୟବସାୟିକ ସଂସ୍ଥାମାନେ ଏହା ଫଳରେ ଅଧିକ ସଶକ୍ତ ହେବା ସହ ବୈଶ୍ୱିକ ମୂଲ୍ୟଶୃଙ୍ଖଳ ସହିତ ଅଧିକ ନିବିଡ଼ ଭାବେ ଜଡ଼ିତ ହେବେ । ପରିଣାମ ସ୍ୱରୂପ ବୈଶ୍ୱିକ ବାଣିଜ୍ୟ ଯୋଗାଣ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଏହି ରାଜିନାମା ବ୍ୟବସାୟୀ ଏବଂ ପେସାଦାରମାନଙ୍କ ଚଳନଶୀଳତାକୁ ଅଧିକ ସହଜସାଧ୍ୟ କରିବ । ଏହା ସହ ସେମାନଙ୍କ ନିମନ୍ତେ ଶିକ୍ଷା, ସୂଚନା ପ୍ରଯୁକ୍ତି, ଆର୍ଥିକ ଏବଂ କମ୍ପ୍ୟୁଟର ଆଦି ସେବା ପାଇଁ ନୂଆନୂଆ ସୁଯୋଗମାନ ସୃଷ୍ଟି କରିବ । ଏହା ଉଚ୍ଚମୂଲ୍ୟଯୁକ୍ତ ନିଯୁକ୍ତି ସୁଯୋଗ ପ୍ରତି ଅଧିକ ପ୍ରତିବଦ୍ଧତା ପ୍ରକଟ କରି ପ୍ରଜ୍ଞା, ନବାଚାର ଓ ପୋଷଣୀୟ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଭାରତକୁ ବୈଶ୍ୱିକ ପେଣ୍ଠସ୍ଥଳୀ ରୂପେ ପରିଚିତ କରାଇବା ଦିଗରେ ମଧ୍ୟ ଶକ୍ତି ଯୋଗାଏ ।

ଏହି ବାଣିଜ୍ୟ ରାଜିନାମା ମୋଦୀ ସରକାରଙ୍କ ବ୍ୟାପକ ରଣନୀତିର ଅଂଶବିଶେଷ । ଏହା ଗରିବ ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ସକାଶେ ଅଭିପ୍ରେତ । ପ୍ରଥମତଃ ଅର୍ଥନୀତିକୁ ସୁଦୃଢ଼ କରି ଏହା ମାଧ୍ୟମରେ ଯୁଗାନ୍ତକାରୀ ସଂସ୍କାର ଏବଂ ଚିନ୍ତାଶୀଳ ଆର୍ଥିକ ପରିଚାଳନାକୁ ରୂପ ପ୍ରଦାନ କରାଯାଉଛି । ସେହିଭଳି ବିକଶିତ ଏବଂ ଉନ୍ନତ ରାଷ୍ଟ୍ରମାନଙ୍କ ସହ ଆଲୋଚନା ମାଧ୍ୟମରେ ଉଭୟପକ୍ଷ ଉପକୃତ ହେବା ଭଳି ରାଜିନାମାମାନ ସ୍ୱାକ୍ଷରିତ ହେଉଛି । ଏଭଳି ଆଭିମୁଖ୍ୟ ଭାରତକୁ ଏକ ଲାଭଦାୟକ ସ୍ଥିତିରେ ଅବସ୍ଥାପିତ କରିଛି । ଭାରତୀୟ ଉତ୍ପାଦ ପାଇଁ ବିଶ୍ୱ ବଜାରକୁ ମାର୍ଗ ପ୍ରଶସ୍ତ ହୋଇଛି । ସେହିଭଳି ଦେଶର ଶ୍ରମ ଭିତ୍ତିକ କ୍ଷେତ୍ରର ଉନ୍ନତି ପାଇଁ ମଧ୍ୟ ଏହା ସହାୟକ ହୋଇଛି । ଅପରପକ୍ଷରେ କୃଷି ଏବଂ ଦୁଗ୍ଧ ଉତ୍ପାଦନ ଭଳି ସ୍ପର୍ଶକାତର କ୍ଷେତ୍ରକୁ ସଂପୂର୍ଣ୍ଣ ରୂପେ ସୁରକ୍ଷିତ ରଖାଯାଇଛି ।

ବିକଶିତ ରାଷ୍ଟ୍ରମାନଙ୍କ ସହ ଏପରି ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବାରୁ ଭାରତୀୟ ଶିଳ୍ପ ପାଇଁ ସୁସ୍ଥ ପ୍ରତିଯୋଗିତାର ନୂଆ ସୁଯୋଗ ସୃଷ୍ଟି ହୋଇଛି ଏବଂ ଦେଶର ଉପଭୋକ୍ତାମାନେ ବିଶ୍ୱଶ୍ରେଣୀୟ ଉତ୍ପାଦ ସୁଲଭ ମୂଲ୍ୟରେ ପାଇବାର ଲାଭ ଉଠାଉଛନ୍ତି । ୟୁପିଏ ଶାସନକାଳରେ ଭାରତୀୟ ବଜାରକୁ ଅତିଶୟ ଓ ଅବିବେକପୂର୍ଣ୍ଣ ଭାବେ ଖୋଲି ଦିଆଯାଇଥିଲେ, କିନ୍ତୁ ମୋଦୀ ସରକାର ଏଭଳି ଆଲୋଚନା ମାଧ୍ୟମରେ ଏମିତି ଚୁକ୍ତି କରିଛି ଯେଉଁଥିରେ ଟାରିଫ ହ୍ରାସ ମନ୍ଥର ହୋଇଛି । ଏହା ଫଳରେ ଦେଶୀୟ ଶିଳ୍ପଗୁଡ଼ିକୁ ପ୍ରତିଯୋଗିତା କ୍ଷମତା ବଢ଼ାଇବା ଓ ଗୁଣାତ୍ମକ ଉନ୍ନତି କରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଛି, ସେଥିପାଇଁ ସରକାର ଆବଶ୍ୟକ ନୀତିଗତ ସହାୟତା ମଧ୍ୟ ଯୋଗାଇଛି ।

ଅତ୍ୟନ୍ତ ଉଚ୍ଚ ଗୁଣାତ୍ମକ ଉତ୍ପାଦର ଯୋଗାଣ ସହିତ ପ୍ରତିଦ୍ୱନ୍ଦ୍ୱୀ ମୂଲ୍ୟ ନିର୍ଦ୍ଧାରଣ ହେଉଛି ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ-୨୦୪୭ର ମୂଳ ପରିକଳ୍ପନା । ଗତ ସପ୍ତାହରେ ଏହି ପ୍ରତିବଦ୍ଧତାକୁ ଦୋହରାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଆସନ୍ତୁ, ଚଳିତବର୍ଷ ଆମର ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକ ମାନ ବୃଦ୍ଧି କରିବା । ଆମର ଏକମାତ୍ର ମନ୍ତ୍ର ଗୁଣାତ୍ମକ ମାନ ଏବଂ କେବଳ ଗୁଣାତ୍ମକ ମାନ ବୃଦ୍ଧି ହେଉ । ଗତକାଲିଠାରୁ ଆଜିର ମାନ ଉନ୍ନତ ହେଉ । ତେଣୁ ଏହି ସଂକଳ୍ପ ନେଇ ଆମର ଗୁଣାତ୍ମକ ମାନ ପ୍ରତ୍ୟେକଟି ଉତ୍ପାଦିତ ଦ୍ରବ୍ୟରେ ପ୍ରତିଫଳିତ ହେଉ ।'

ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପରିକଳ୍ପନା-ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପ ସହ ପୂର୍ଣ୍ଣ ରୂପେ ସଂଯୋଗୀ । ଏହା ଭାରତକୁ ଏକ ସକ୍ରିୟ, ନିର୍ଭରଯୋଗ୍ୟ ଏବଂ ଭବିଷ୍ୟତ ଅଭିମୁଖୀ ସହଭାଗୀ ଭାବରେ ବୈଶ୍ୱିକ ମଞ୍ଚରେ ଉପସ୍ଥାପିତ କରେ । ଏଥିସହିତ ଏହା ଏକ ସମାବେଶୀ, ସହନଶୀଳ ଏବଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ସଦା ପ୍ରସ୍ତୁତ ଭାବନାର ଆଧାରଶିଳା ସ୍ଥାପନ କରେ । ଏହା ଉଭୟ କ୍ଷେତ୍ରପାଇଁ ପ୍ରଯୁଜ୍ୟ । ମୋଦୀ ସରକାର କେବଳ ବିକଶିତ ରାଷ୍ଟ୍ରମାନଙ୍କ ସହ ଏଭଳି ବାଣିଜ୍ୟ ରାଜିନାମାମାନ ସ୍ୱାକ୍ଷର କରୁଛନ୍ତି । ଏହିସବୁ ରାଷ୍ଟ୍ରମାନେ ଭାରତର ପ୍ରମୁଖ କର୍ମସଂସ୍ଥାନ ସୃଷ୍ଟିକାରୀ କ୍ଷେତ୍ର, ଯଥା- ବୟନଶିଳ୍ପ, ଜୋତା, ରତ୍ନପଥର ,ଅଳଙ୍କାର ଓ ହସ୍ତଶିଳ୍ପ ଭଳି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ । ତେଣୁ ୟୁପିଏ ଶାସନକାଳର ରାଜିନାମାଠାରୁ ଏହା ସଂପୂର୍ଣ୍ଣରୂପେ ଭିନ୍ନ । ୟୁପିଏ ସରକାର ପ୍ରତିଦ୍ୱନ୍ଦ୍ୱୀ ଅର୍ଥ ବ୍ୟବସ୍ଥା ସହିତ ରାଜିନାମା କରିବାକୁ ତତ୍ପର ହୋଇ ପଡ଼ିଥିଲେ । ତେଣୁ ସେସବୁ ରାଜିନାମାରେ ଭାରତକୁ ଅଧିକ ଫାଇଦା ମିଳିପାରି ନଥିଲା ।

ଅଧିକନ୍ତୁ, ୟୁପିଏ ସରକାର ଏଭଳି ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବା ପୂର୍ବରୁ ହିତଧାରକ ପକ୍ଷମାନଙ୍କ ସହିତ କୌଣସି ପ୍ରକାର ଅର୍ଥପୂର୍ଣ୍ଣ ଆଲୋଚନା କରିଥିବାର କିଛି ପ୍ରମାଣ ନାହିଁ । ଅପରପକ୍ଷେ ମୋଦୀ ସରକାର ଅର୍ଥଶାସ୍ତ୍ରୀ, ଶିଳ୍ପସଂସ୍ଥା, ବିଶେଷଜ୍ଞ ଏବଂ ବିଭିନ୍ନ ସରକାରୀ ବିଭାଗ ତଥା ମନ୍ତ୍ରଣାଳୟମାନଙ୍କ ସହିତ ଘନଘନ ଆଲୋଚନା ପରେ ହିଁ ଏଭଳି ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଥିଲେ । ପରିଣାମ ସ୍ୱରୂପ ପ୍ରତ୍ୟେକ ମୁକ୍ତ ବାଣିଜ୍ୟ ରାଜିନାମା ଯାହାକି ମୋଦୀ ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ, ସେସବୁ ଶିଳ୍ପସଂସ୍ଥାଙ୍କ ଦ୍ୱାରା ବ୍ୟାପକ ଭାବେ ପ୍ରଶଂସିତ ଏବଂ ଗୃହୀତ ହୋଇପାରିଛି । ପ୍ରତ୍ୟେକ ମୁକ୍ତ ବାଣିଜ୍ୟ ରାଜିନାମା, ଯାହାକି ମୋଦୀ ସରକାରଙ୍କ ଦ୍ୱାରା ସଂପାଦିତ ହୋଇଛି, ତାହା ଉଭୟପକ୍ଷ ପାଇଁ ନୂଆ ନୂଆ ସୁଯୋଗମାନ ସୃଷ୍ଟି କରିଛି । ତେଣୁ ଭାରତର ଶ୍ରମଭିତ୍ତିକ କ୍ଷେତ୍ରମାନଙ୍କ ପାଇଁ ବୈଶ୍ୱିକ ସୁଯୋଗର ପରିସରକୁ ବ୍ୟାପକ କରିଛି । ଏହିସବୁ ରାଜିନାମା ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଦେଶର ଯାତ୍ରାକୁ ତ୍ୱରାନ୍ୱିତ କରିଛି ।

ୟୁପିଏର କାର୍ଯ୍ୟକାଳ ମଧ୍ୟରେ, ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇ ମୁଦ୍ରାସ୍ଫୀତି ଉଚ୍ଚରେ ରହିଲା, ଯାହାଫଳରେ ବ୍ୟବସାୟିକ ବାତାବରଣ ନିରାଶାବାଦୀ ଥିବାରୁ ୟୁରୋପୀୟ ସଂଘ ସମେତ ବିକଶିତ ଦେଶଗୁଡ଼ିକ ଭାରତ ପ୍ରତି ଆଗ୍ରହ ହରାଇଥିଲେ । ଭାରତ ଲାଭ-ଉତ୍ପନ୍ନ ବାଣିଜ୍ୟ ଚୁକ୍ତି କରିବା ପାଇଁ ମୂଲ୍ୟବାନ ସୁଯୋଗ ହରାଇଲା ଯାହା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଥାନ୍ତା ଏବଂ ନିଯୁକ୍ତି ସୃଷ୍ଟି କରିପାରିଥାନ୍ତା ।

ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ମୋଦୀ ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ଅନ୍ୟାନ୍ୟ ବାଣିଜ୍ୟ ରାଜିନାମାମାନ ଲକ୍ଷ୍ୟଚ୍ୟୁତି ଏବଂ ନିର୍ଣ୍ଣାୟକ ନେତୃତ୍ୱ ମଧ୍ୟରେ ଥିବା ପ୍ରମୁଖ ବୈଷମ୍ୟକୁ ସ୍ପଷ୍ଟ ଭାବେ ରେଖାଙ୍କିତ କରେ । ପୂର୍ବ ସରକାରମାନଙ୍କ ଦୃଷ୍ଟିକୋଣ ଅନେକ ସମୟରେ ଅନିଶ୍ଚିତତା, ସାଲିସ ଏବଂ ନୀତିଗତ ଦ୍ୱିଧାରେ ଆବଦ୍ଧ ଥିଲା, ଯାହା ଭାରତକୁ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ବାଣିଜ୍ୟ ସୁଯୋଗରୁ ବଞ୍ଚିତ କରିଥିଲା । କିନ୍ତୁ, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏଭଳି ପରିବର୍ତ୍ତନକାରୀ ବାଣିଜ୍ୟ ରାଜିନାମାଗୁଡ଼ିକୁ ସାକାର କରିଛି, ଯାହା ବଜାର ପ୍ରବେଶକୁ ସଂପ୍ରସାରିତ କରେ, କର୍ମନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରେ ଏବଂ ଭାରତର ମୂଳ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖେ । ଏହା ସ୍ପଷ୍ଟ କରେ ଯେ, ଦୃଢ଼ ନେତୃତ୍ୱ ଓ ରଣନୀତିଗତ ସ୍ପଷ୍ଟତା କେବଳ ନୂଆ ସୁଯୋଗ ସୃଷ୍ଟି କରେ ନାହିଁ, ବରଂ ଦେଶକୁ ଦୀର୍ଘମିଆଦୀ ସମୃଦ୍ଧିର ପଥରେ ଆଗେଇ ନେବାର ଭିତ୍ତିକୁ ମଧ୍ୟ ସୁଦୃଢ଼ କରେ । ଏହି ଭାବନା, ନିଷ୍ପତ୍ତି ଏବଂ ନେତୃତ୍ୱ ହିଁ ଭାରତକୁ ବୈଶ୍ୱିକ ମଞ୍ଚରେ ଏକ ଆତ୍ମବିଶ୍ୱାସୀ ଓ ସକ୍ଷମ ଆର୍ଥିକ ଶକ୍ତି ଭାବେ ସ୍ଥାପିତ କରିବ ।

(ଲେଖକ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ।)

* * *

# ଭବିଷ୍ୟ ଗଠନର ପ୍ରଥମ ସୋପାନ



**ରାକେଶ ପଣ୍ଡା**

ଛାତ୍ର ଜୀବନ ହେଉଛି ଭବିଷ୍ୟତ ଗଠନର ପ୍ରଥମ ସୋପାନ । ଯେଉଁ ସମୟ ଦ୍ୱିତୀୟ ଥର ଜଣେ ବ୍ୟକ୍ତିର ଜୀବନରେ ଆସେ ନାହିଁ । ଏଣୁ ପ୍ରତ୍ୟକ ଛାତ୍ର ଉକ୍ତ ସମୟର ସମ୍ପୂର୍ଣ୍ଣ ସଦୁପୋଯୋଗ କରିବା ଉଚିତ । ଯେଉଁଥିରେ, ଆଜିର ସମୟରେ ଅନେକାଂଶରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ସାଧାରଣତଃ, ଆମର ସମାଜରେ ପିଲାଟିଏ ଦଶମ ଶ୍ରେଣୀ ପାଠ୍ୟକ୍ରମ ପର୍ଯ୍ୟନ୍ତ ବାପା, ମା' ଙ୍କ ଅଧୀନରେ ତଥା ତାଙ୍କର ପଥ ପ୍ରଦର୍ଶନରେ ରହିଥାଏ । କିନ୍ତୁ, ପିଲାଟିର ବୟସ ବଢିବା ସଙ୍ଗେ ସଙ୍ଗେ ତା'ର ପାଠ୍ୟକ୍ରମର ସ୍ତର ମଧ୍ୟ ବଢି ବଢି ଚାଲେ, ଯେଉଁ ପାଠପଢାକୁ ପ୍ରାୟ ଶତକଡା ୮୦ ଭାଗ ପିତାମାତା ବୁଝିବା ଲାଗି ଅକ୍ଷମ ଅଟନ୍ତି । ତେଣୁ, ସେମାନେ ପିଲାଟିର କଲେଜ ଅଧ୍ୟାପକ କିମ୍ବା କୌଣସି ବ୍ୟକ୍ତିଗତ ତଥା ଘରୋଇ ଶିକ୍ଷକଙ୍କ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ ହୋଇପଡନ୍ତି, ଯାହାଦ୍ୱାରା, ପିଲାଟି ଧୀରେ ଧୀରେ ପିତାମାତାଙ୍କର ଅକ୍ତିଆର ତଥା ପରିସର ମଧ୍ୟରୁ ବାହାରକୁ ଚାଲି ଯାଇଥାଏ । ଧୀରେ ଧୀରେ ବିଭିନ୍ନ ପ୍ରକାରର ଆଳ ତଥା କାରଣ ଦେଖାଇ, ପାଠପଢା ବାହାନାରେ ଅଧିକାଂଶ ସମୟ ଘର ଠାରୁ ବାହାରେ ରହି ସାଙ୍ଗମାନଙ୍କ ସହ କାଟିବାକୁ ସେ ପସନ୍ଦ କରିଥାଏ ।

ଏହାଦ୍ୱାରା କୁସଙ୍ଗରେ ପଡି ଏବଂ ବହୁମୂଲ୍ୟ ଛାତ୍ର ଜୀବନ ତଥା ସମୟର ଅପବ୍ୟବହାର କରି ଖରାପ ରାସ୍ତାକୁ ଚାଲିଯିବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଅଛି । କିନ୍ତୁ, ଯେତେବେଳେ ସେ ଏକ ପରିପକ୍ୱ ବୟସରେ ପହଞ୍ଚି ଥାଏ ଏବଂ ବ୍ୟକ୍ତିଗତ ତଥା ପରିବାରର ସଂପୂର୍ଣ୍ଣ ଦାୟିତ୍ୱ ତା'ର ମଥା ଉପରେ ସ୍ୱତଃସ୍ଫୂର୍ତ୍ତ ଭାବରେ ନ୍ୟସ୍ତ ହୋଇଯାଏ, ସେତେବେଳେ ବିଗତ ସମୟ କଥା ଚିନ୍ତା କରି ସେ ଅନେକ ଅନୁତାପ କରିଥାଏ । କିନ୍ତୁ, ସମୟର ସ୍ରୋତରେ ସେ ଏତେ ଦୂରକୁ ଭାସି ଚାଲି ଯାଇଥାଏ ଯେ, ପଛକୁ ଫେରିବାର ତା'ର ନିକଟରେ ଆଉ କୌଣସି ରାସ୍ତା ନଥାଏ ! ଏକ ଅନିଶ୍ଚିତ ତଥା ମଳିନ ଭବିଷ୍ୟତକୁ ସାଙ୍ଗରେ ଧରି ସେ ବାଧ୍ୟ ହୋଇଥାଏ ଜୀବନ ପଥ ଚାଲିବା ଲାଗି ।

> **ଆଦର୍ଶ ଛାତ୍ର ଭାବରେ ଜଣେ ନିଜକୁ ଗଢିତୋଳିବା ନିଜର ପରିବାର ତଥା ସମଗ୍ର ଦେଶ ଏବଂ ଜାତି ପାଇଁ ଏକ ଶୁଭ ସଂକେତ ଅଟେ ।**

ତେଣୁ, ପ୍ରତ୍ୟକ ବାଳକ, ବାଳିକା ଛାତ୍ର ଜୀବନରୁ ହିଁ ନିଜର ଭବିଷ୍ୟତ ତଥା ଆଗାମୀ ସମୟକୁ ନେଇ ସଜାଗ, ସାବଧାନତଥା ସତର୍କ ହେବା ଉଚିତ । ନିଜର ଛାତ୍ର ଜୀବନକୁ ଆଦର୍ଶମୟ କରିବା ନିମନ୍ତେ ଶ୍ରେଷ୍ଠ ଅବଦାନ ଦେବା କଥା । ତେଣୁ, ଜଣେ ଆଦର୍ଶ ଛାତ୍ର ନୂତନ ଜ୍ଞାନ ଲାଭ ନିମନ୍ତେ ସର୍ବଦା ଚେଷ୍ଟିତ ରହିଥାଏ । ସେଥିଲାଗି, ସେ ନିଜର ପାଠ୍ୟକ୍ରମ ସହ ବିଭିନ୍ନ ପ୍ରକାରର ପୁସ୍ତକ ମଧ୍ୟ ଅଧ୍ୟୟନ କରିଥାଏ । ଏଥିସହ, ଅନେକ ପତ୍ରପତ୍ରିକା, ସଂବାଦପତ୍ର ଇତ୍ୟାଦି ପଠନରେ ସମୟ ଦିଏ । ନିଜ ଭିତରେ କିଛି ନୂଆ କରିବାର ବ୍ୟଗ୍ରତା ରଖି ସେ ସର୍ବଦା ଆଗକୁ ବଢିଥାଏ । ଯାହାଦ୍ୱାରା, ତା'ର ଅନ୍ତର ମଧ୍ୟରେ ସୃଜନଶୀଳତା ଗୁଣାବଳୀମାନ ଧୀରେ ଧୀରେ ଜନ୍ମ ନେଇଥାଏ । ଶ୍ରେଣୀ ପ୍ରକୋଷ୍ଠ ଏବଂ ବିଭିନ୍ନ ମାଧ୍ୟମରୁ ଗ୍ରହଣ କରିଥିବା ଶିକ୍ଷାକୁ ସେ ସର୍ବଦା କାର୍ଯ୍ୟରେ ଲଗେଇବାକୁ ଆଶାୟୀ ରହେ । କୌଣସି ଏକ ବିଫଳତାରେ ଭାଙ୍ଗି ନପଡି, ଧୈର୍ଯ୍ୟର ସହ ଉକ୍ତ ପରିସ୍ଥିତିର ସାମ୍ନା କରିବାକୁ ଚେଷ୍ଟା କରେ । ବିଫଳତାର କାରଣ ତଥା ନିଜ ଭିତରେ ଥିବା ଦକ୍ଷତାର ଅଭାବ ତଥା ସ୍ୱଳ୍ପତାର କାରଣକୁ ଖୋଜିବା ଲାଗି ସଦା ବ୍ୟଗ୍ର ରହେ । ଏଥିସହ, ଦୃଢ ଆତ୍ମବିଶ୍ୱାସକୁ ସାଙ୍ଗରେ ଧରି ସଫଳତା ପାଇବା ନିମନ୍ତେ ନିରନ୍ତର ଚେଷ୍ଟା କରିଥାଏ । ଜଣେ ଛାତ୍ର ନିଜେ ଶୃଙ୍ଖଳିତ ହେବା ସହ,ଅନୁଶାସନ ମଧ୍ୟରେ ରହି ଏକ ଶୃଙ୍ଖଳିତ ଜୀବନଯାପନ କରିବା କଥା । ଯାହାକି ତା'ର ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିଫଳିତ ହେବା ଉଚିତ । ସ୍ୱାସ୍ଥ୍ୟକୁ ସମ୍ପଦ ଭାବରେ ଗ୍ରହଣ କରି, ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ନିୟମିତ ଶାରୀରିକ ବ୍ୟାୟାମ କରିବା ଉଚିତ । ଜଣେ ଆଦର୍ଶ ଛାତ୍ର ସର୍ବଦା ମିଷ୍ଟଭାଷୀ ହୋଇଥାଏ ଏବଂ ପିତାମାତା ସହ ପ୍ରତ୍ୟକ ଗୁରୁ ଓ ଗୁରୁଜନଙ୍କୁ ଭକ୍ତି କରିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥାଏ । ନିଜଠାରୁ କମ୍ ବୟସର ପିଲାମାନଙ୍କୁ ସର୍ବଦା ସ୍ନେହ, ଶ୍ରଦ୍ଧା କରିବା ସହ ସେମାନଙ୍କୁ ଭଲ ମାର୍ଗ ଦେଖାଇ ଥାଏ । ଦୁଃଖୀ, ଦରିଦ୍ର ଏବଂ ଅସହାୟ ଜନଙ୍କୁ ସାହାଯ୍ୟ ଏବଂ ସହାନୁଭୂତି ପ୍ରଦର୍ଶନ କରିବା ଗୋଟିଏ ଆଦର୍ଶ ଛାତ୍ରର ଲକ୍ଷଣ ଅଟେ । ସେ ନିନ୍ଦିତ କର୍ମ କରିବାକୁ ଘୃଣା କରିଥାଏ ଏବଂ ସର୍ବଦା ସଚ୍ଚୋଟ ତଥା ସତ୍ୟବାଦୀ ହୋଇ ଦେଶପ୍ରେମ ଏବଂ ଜାତୀୟତାବାଦକୁ ନିଜ ମଧ୍ୟରେ ଜାଗ୍ରତ କରିଥାଏ । ଏହିପରି ଭାବରେ ଜଣେ ଛାତ୍ର ନିଜର ଜୀବନକୁ ଗଢି ତୋଳିଲେ ଭବିଷ୍ୟତରେ ନିଶ୍ଚିତ ରୂପରେ ଜଣେ ଆଦର୍ଶ ମଣିଷ ହୋଇପାରିବ । ଜଣେ ଆଦର୍ଶ ମଣିଷ ହିଁ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରେ ଏବଂ ଜଣେ ଦାୟିତ୍ୱବାନ ତଥା ସୁନାଗରିକ ହୋଇ ଦେଶ ଓ ଜାତିର ସର୍ବଦା ସମ୍ମାନ ରକ୍ଷା କରିଥାଏ । ତେଣୁ, ଆଦର୍ଶ ଛାତ୍ର ଭାବରେ ଜଣେ ନିଜକୁ ଗଢିତୋଳିବା ନିଜର ପରିବାର ତଥା ସମଗ୍ର ଦେଶ ଏବଂ ଜାତି ପାଇଁ ଏକ ଶୁଭ ସଂକେତ ଅଟେ ।

**ବନ୍ଧାଲୋ, ଟାଙ୍ଗୀ, କଟକ- ୭୫୪୦୨୨**
**ମୋ-୯୩୩୭୮୯୭୬୫୦**

## ଯଶ

**ସମୟ ସହିତ ତାଳ ଦେଇ ଭଲ କାମ କରିପାରିଲେ ଜୀବନ ଧନ୍ୟ ହୁଏ । ଜୀବନ କ୍ଷଣସ୍ଥାୟୀ । ଏଣୁ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲ କାର୍ଯ୍ୟରେ ଉପଯୋଗ କରାଯିବା ଆବଶ୍ୟକ । ଏ ଶରୀର, କାମନା, ଆଶା, ଆକାଂକ୍ଷା, ଧନ ସମ୍ପତ୍ତି ସବୁ କିଛି ଧ୍ୱଂସ ହୋଇଯାଏ ମୃତ୍ୟୁରେ । ମୃତ୍ୟୁ ଆଗରୁ ଏମିତି କିଛି କାମ କରାଯିବା ଆବଶ୍ୟକ, ଯାହା ଫଳରେ କାଳ କବଳିତ କରିପାରିବନି ଯଶ ଓ ସୁନାମକୁ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )

samayaeditorial2021@gmail.com


**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅମୃତ ମହୋତ୍ସବ ଓ ସ୍ୱାମୀ ଶିବାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସ୍ୱାମୀଜୀ ଥିଲେ ମାନବତାର ପ୍ରତୀକ ଜଣେ ମହାନ ମହାତ୍ମା । ଦକ୍ଷିଣ ଭାରତର ଗଙ୍ଗା କୁହାଯାଉଥିବା ତାମ୍ରପର୍ଣ୍ଣୀ ନଦୀ କୂଳରେ ଉଦ୍ଭବ ହୋଇଥିବା ଦିବ୍ୟ ଆଲୋକ ଆପଣା ଦିବ୍ୟ ପ୍ରକାଶ ଓ ପ୍ରଖର ପ୍ରଜ୍ଞାରେ ସାରା ସଂସାରକୁ ପ୍ରକାଶିତ କରିଛି । ହଜାର ବର୍ଷର ସହର କଟକ ତୁଳସୀପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ୭୫ତମ ଅମୃତ ମହୋତ୍ସବ ଚଳିତ ତିରିଶ ତାରିଖରୁ ଫେବୃଆରୀ ଦୁଇ ତାରିଖ ପର୍ଯ୍ୟନ୍ତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେଉଛି । କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ସୂଚନା ଦେଇଥିବାବେଳେ ଉଦ୍‌ଯାପନୀ ଦିବସରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେବେ ଓ ଉଦଘାଟନୀ ସମ୍ମିଳନୀରେ ଦିବ୍ୟ ଜୀବନ ସଂଘ, ଋଷିକେଷର ଉପସଭାପତି ପୂଜ୍ୟଶ୍ରୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ପ୍ରଭୃତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ଋଷିକେଶ ଦିବ୍ୟ ଜୀବନ ସଂଘର ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ଓ ପରମହଂସ ସ୍ୱାମୀ ପ୍ରଜ୍ଞାନନ୍ଦଜୀ ମହାରାଜ, ସତ୍ୟ ପ୍ରଜ୍ଞାନନ୍ଦଜୀ ମହାରାଜ, ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ ଏବଂ ବୃନ୍ଦାବନର ବାବା ଦୀନବନ୍ଧୁ ଦାସ ମହାରାଜ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସ୍ୱାମୀ ଶିବାନନ୍ଦଙ୍କୁ ଆଉ ସ୍ୱଶରୀରରେ ଦର୍ଶନ କରି ହେବନାହିଁ । ଏବେ ବି ତାଙ୍କର ସ୍ମୃତି ଆମମାନଙ୍କର ମାର୍ଗ ପ୍ରଦର୍ଶନ କରୁଛି । ଭଲ ହୁଅ- ଭଲ କରର ଆମର ଆହ୍ୱାନ ଏବେ ବି ମାନବ ଜାତିକୁ ପ୍ରବୁଦ୍ଧ କରୁଛି, ପ୍ରେରଣା ଦେଉଛି ।

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛନ୍ତି ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ । ଭାରତୀୟ ସଂସ୍କୃତି ଓ ଦର୍ଶନ ମାଧ୍ୟମରେ ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ପାଇଁ ସେ ତନୁ ମନ ଢାଳି ଦେଇଥିଲେ । ସେ ଯୋଗ ଏବଂ ବେଦାନ୍ତ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା । ଋଷିକେଶର ଗଙ୍ଗାକୂଳସ୍ଥ ଆନନ୍ଦ କୁଟୀର ତାଙ୍କର ସାଧନା ପୀଠ । ସେହି ସାଧନ ପୀଠ ଛାଡ଼ି ସେ ଅନ୍ୟତ୍ର କୁଆଡ଼େ ଯାଇନଥିଲେ । ହେଲେ ଆପଣାର ସଂକଳ୍ପ, ନିଷ୍ଠାପର ଉଦ୍ୟମ ଓ କଠୋର ତପସ୍ୟା ଦ୍ୱାରା ସେ ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଥିଲେ । ଆଧ୍ୟାତ୍ମିକ ସାଧନା, ସେବା ଓ ସତସଙ୍ଗର ତ୍ରିଧାରା ସଙ୍ଗମରେ ସେ ତାଙ୍କ ଜୀବନକୁ ଏକ ତୀର୍ଥକ୍ଷେତ୍ରରେ ପରିଣତ କରିଦେଇଥିଲେ । ବିଶ୍ୱର ସମସ୍ତ ଧର୍ମ ଏବଂ ସକଳ ଧର୍ମ ଶାସ୍ତ୍ରର ଜ୍ଞାନ ସାଗର ମନ୍ଥନ କରି ସେ ଯେଉଁ ଅମୃତ ପ୍ରାପ୍ତି କରିଥିଲେ ତାର ସାରାଂଶକୁ ମାତ୍ର ଛଅ ଗୋଟି ଶବ୍ଦରେ ପ୍ରକାଶ କରିଥିଲେ । ସେଗୁଡ଼ିକ ହେଲା - ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ସାକ୍ଷାତକାର । ଏହି ଅମୃତମୟ ଅନୁଭବକୁ ସେ ଆପଣା ଜୀବନରେ ପ୍ରୟୋଗ କରି ନିଜେ ଅମୃତମୟ ହେବା ସହିତ ସମସ୍ତଙ୍କ ପାଇଁ ଅମୃତମୟ ଦିବ୍ୟଜୀବନର ମାର୍ଗ ପ୍ରଦର୍ଶନ କରିଥିଲେ । ଏହି ସମସ୍ତ ସାଧନାକୁ ଆହୁରି ସଂକ୍ଷିପ୍ତ କରି ସେ ମାତ୍ର ଦୁଇଟି ବାକ୍ୟ ଉପରେ ପ୍ରାଧାନ୍ୟ ଦେଉଥିଲେ । 'ଭଲ ହୁଅ, ଭଲ କର '। ଏହା ହିଁ ସମସ୍ତ ସାଧନା ଓ ସଫଳତାର ମୂଳ ଅଟେ । ମାନବ ନିର୍ମାଣ ଓ ଦିବ୍ୟ ଜୀବନର ପ୍ରତିଷ୍ଠା ପାଇଁ ସେ ୧୯୩୬ ମସିହାରେ ଆରମ୍ଭ କରିଥିଲେ 'ଦିବ୍ୟ ଜୀବନ ସଂଘ' । ଏହା ଏବେ ବିଶ୍ୱବ୍ୟାପୀ ଏକ ବିଶାଳ ଅନୁଷ୍ଠାନ ।



ଜୀବନରେ ଲାଭ କରିଥିବା ସମସ୍ତ ସଫଳତା ଓ ପାର୍ଥିବ ପ୍ରତିଷ୍ଠା ଅଧିକ ଦିନ ତାଙ୍କୁ ଆକୃଷ୍ଟ କରି ରଖିପାରିଲା ନାହିଁ । ଜୀବନର ରହସ୍ୟ ଖୋଜି ଖୋଜି ପରମ ରହସ୍ୟମୟ ପରମାତ୍ମାଙ୍କର ସନ୍ଧାନରେ ଅନ୍ତର୍ମୁଖୀ ହୋଇ ଉଠିଲେ । ମାଳୟ ଛାଡ଼ି ହିମାଳୟ ଚାଲି ଆସିଲେ । ସେହିଠାରେ ପରମହଂସ ବିଶ୍ୱାନନ୍ଦଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହୋଇ ୧୯୨୪ ମସିହା ଜୁନ ମାସ ୨୪ ତାରିଖ ଦିନ ସ୍ୱାମୀ ଶିବାନନ୍ଦ ଭାବେ ପରିଚିତ ହେଲେ । ସେ କହୁଥିଲେ ଆତ୍ମସାକ୍ଷାତକାର ଜୀବନର ପରମ ଲକ୍ଷ୍ୟ । ସେବା, ପ୍ରେମ, ଦାନ ଓ ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ପଥ ସୁଗମ ହୋଇଥାଏ । ସେବା ଓ ଦେବାକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ । ଏକଦା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଶିବାନନ୍ଦ ଆଶ୍ରମ ସେବା କ୍ଷେତ୍ରରେ ସାରା ବିଶ୍ୱପାଇଁ ପ୍ରେରଣାର ଉତ୍ସ ଥିଲା । ବିଶ୍ୱର ବହୁ ବିଶିଷ୍ଟ ସାଧୁସନ୍ଥ, ମହାନ ଜନନାୟକମାନେ ସେଠାକୁ ଆସିଛନ୍ତି । ଅନେକ ବିଶିଷ୍ଟ ବ୍ୟକ୍ତି ସେହି ମାଟିରୁ ମଣିଷ ହୋଇ ବିଶ୍ୱ ପାଇଁ ଆଲୋକ ବର୍ତ୍ତିକା ହୋଇଛନ୍ତି ।

ଥରେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଶିବାନନ୍ଦଙ୍କ ସଂସ୍ପର୍ଶରେ ଆସିଥିଲେ । ଆଶ୍ରମରୁ ପ୍ରତ୍ୟାବର୍ତ୍ତନ ବେଳେ ସ୍ୱାମୀ ଶିବାନନ୍ଦ ତାଙ୍କୁ ଏକ ଫଟୋ ପୁସ୍ତିକା ଉପହାର ଦେଲେ, ଯେଉଁଥିରେ ରାଷ୍ଟ୍ରପତିଙ୍କ ଆଶ୍ରମ ରହଣି ସମୟର ଫଟୋଚିତ୍ର ସ୍ଥାନିତ ହୋଇଥିଲା । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଏହି ଜଙ୍ଗଲ ଭିତର ଆଜି ମୋର ସମସ୍ତ କାର୍ଯ୍ୟକ୍ରମର ଫଟୋଚିତ୍ର କିଭଳି ସମ୍ଭବ ହେଲା? ସ୍ୱାମୀଜୀ କହିଲେ ଆଶ୍ରମର ଅନ୍ତେବାସୀ ସନ୍ନ୍ୟାସୀମାନେ ଏହା ଏହି ଠାରେ ପ୍ରସ୍ତୁତ କରିଛନ୍ତି । ରାଜେନ୍ଦ୍ରପ୍ରସାଦ କହିଲେ ମୁଁ ଭାରତର ରାଷ୍ଟ୍ରପତି । ମୁଁ ଚାହିଁଥିଲେ ମଧ୍ୟ ଏତକ ସ୍ୱଳ୍ପ ସମୟ ଭିତରେ ଏପରି ଆଲବମଟିଏ କରି ଦେଇପାରି ନଥାନ୍ତି । ଶିବାନନ୍ଦ ଥିଲେ ଅଦ୍ଭୁତ ଶକ୍ତି ସମ୍ପନ୍ନ ମହାପୁରୁଷ । ସମସ୍ତ ଧର୍ମଶାସ୍ତ୍ରର ସାରମର୍ମକୁ ନେଇ ସେ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଉପାଦେୟ ପୁସ୍ତକ ଇଂରାଜୀ ଭାଷାରେ ରଚନା କରିଛନ୍ତି । ଏଗୁଡ଼ିକ ପ୍ରାୟତଃ ବିଶ୍ୱର ସବୁ ପ୍ରମୁଖ ଭାଷାରେ ଅନୁଦିତ ଓ ଆଦୃତ । ପୁସ୍ତକଗୁଡ଼ିକ ପ୍ରେରଣାପ୍ରଦ, ସୁଖପାଠ୍ୟ ଓ ଜୀବନ ନିର୍ମାଣକାରୀ ମାର୍ଗଦର୍ଶିକା ଭାବେ ପରିଚିତ । ଅନେକ ବିଶ୍ୱ ବିଦ୍ୟାଳୟରେ ତାଙ୍କର ପୁସ୍ତକ ମଧ୍ୟରୁ କେତେ ପାଠ୍ୟ ପୁସ୍ତକ ଭାବେ ଗ୍ରହଣ କରାଯାଇଛି ।

**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,**
**ସେକ୍ଟର-୧୦, ସିଡିଏ, କଟକ,**
**ମୋ-୮୭୬୩୧୦୭୧୨୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଶା...

କିଛି ଘୋଷଣା ହୋଇପାରେ। ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଜିଡିପି ୬.୮% ରୁ ୭.୨% ରହିବା ନେଇ ଅନୁମାନ କରାଯାଇଛି। ଇଲେକ୍ଟ୍ରୋନିକ୍ସ ଓ ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲ ଉପରେ ଟିକସ କମାଇବା ପାଇଁ ଆଶା ଥିବାବେଳେ ସୌରଶକ୍ତି ଓ ନୂତନ ବୈଷୟିକ ଜ୍ଞାନ ପାଇଁ ଅଧିକ ବଜେଟ୍ ବ୍ୟବସ୍ଥା ସହ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଦେବାପାଇଁ ଆଶା ରହିଛି। ଛୋଟ ବ୍ୟବସାୟୀଙ୍କ ପାଇଁ ସହଜ ଋଣ ଓ ଟିକସ ନିୟମ କୋହଳ କରିବାକୁ ମଧ୍ୟ ଦାବି ହୋଇଛି । ମେକ୍ ଇନ୍ ଇଣ୍ଡିଆ କ୍ଷେତ୍ରରେ ଶୁଳ୍କ ପରିବର୍ତ୍ତନ ହୋଇପାରେ। ଅଧିକାଂଶ ଆଶା କରୁଛନ୍ତି ଯେ ପୁରୁଣା ଟିକସ ବ୍ୟବସ୍ଥାରୁ ୮୦ ସି ଲିମିଟ୍‌କୁ ବଢ଼ାଯାଇପାରେ। ଅଧିକାଂଶ ଆର୍ଥିକ ବିଶେଷଜ୍ଞଙ୍କ ମତରେ କଞ୍ଚାମାଲ ଉପରୁ ଶୁଳ୍କକୁ ହ୍ରାସ କରାଯିବ ଯାହା ଏମ୍‌ଏସ୍‌ଏମ୍‌ଇକୁ ସହାୟକ ହେବ । ଉତ୍ପାଦନ ଇଲେକ୍ଟ୍ରୋନିକ୍ସ ଓ ସବୁଜ ଶକ୍ତିକୁ ଗୁରୁତ୍ୱ ଦିଆଯାଇପାରେ । ଅଣପାରମ୍ପରିକ ଶକ୍ତି କ୍ଷେତ୍ରକୁ ଅଧିକ ଫୋକସ କରାଯାଇପାରେ। ସେହିଭଳି ରପ୍ତାନୀ କ୍ଷେତ୍ର ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଅଧିକାଂଶ ଆଶା ବାନ୍ଧିଛନ୍ତି ଯେ କ୍ଷୁଦ୍ର ରପ୍ତାନୀ ଋଣରେ ସରକାରଙ୍କର ସହଯୋଗ ରହିବ। ସୁନାର ମୂଲ୍ୟକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ନିବେଶକାରୀମାନେ ସୁନାରେ ଅଧିକ ନିବେଶ କରୁଛନ୍ତି। ଏହା ଉପରେ ମଧ୍ୟ କିଛି ଘୋଷଣା ହୋଇପାରେ ବୋଲି କୁହାଯାଉଛି। ବୈଦ୍ୟୁତିକ ଯାନରେ ଜିଏସ୍‌ଟି ୫% ରଖିବାକୁ ଦାବି ମଧ୍ୟ ରହିଛି। ପ୍ରତିରକ୍ଷା କ୍ଷେତ୍ରରେ ବଜେଟ୍ ବୃଦ୍ଧି ହୋଇପାରେ। ଗତ ବଜେଟରେ ୬.୮ ଲକ୍ଷ କୋଟି ଥିଲା, ଏଥର ଏହା ବଢ଼ିପାରେ।

ଶିକ୍ଷା କ୍ଷେତ୍ରରେ ଏକ ଦାବି ରହିଥିଲା ଯେ ପାଠ୍ୟ ପୁସ୍ତକର କାଗଜ ଓ ଡିଜିଟାଲ ପାଠପଢ଼ା ଭିତ୍ତିଭୂମି ଟୁଲ୍ସ ଓ କଣ୍ଟେଣ୍ଟ ଯାହା ସ୍କୁଲରେ ବ୍ୟବହାର ହେଉଛି ଏହା ଉପରେ ଥିବା ୧୮% ଜିଏସ୍‌ଟିକୁ ପ୍ରତ୍ୟାହାର କରିନିଆଯାଉ। ସେହିଭଳି ବୀମା କ୍ଷେତ୍ରରେ ଆଶା କରାଯାଉଛି ଯେ କିଛି ପ୍ରଶାସନିକ ସଂସ୍କାର ଆସିବ। ବିଶେଷକରି ଗ୍ରାମୀଣ ପରିବାର, କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ କିଛି କୋହଳ ହୋଇପାରେ ବୋଲି ଆଶା କରାଯାଉଛି। କୃଷି କ୍ଷେତ୍ରରେ ଉତ୍ପାଦନକୁ ବୃଦ୍ଧି ଲାଗି କ୍ଲଷ୍ଟର ବେସ୍ ଆପ୍ରୋଚ୍ ଆସିପାରେ ବୋଲି ଆଶା ରହିଛି।

## ସୁନେତ୍ରା...

ଦେଇଥିଲେ। ଏହାକୁ ମହାରାଷ୍ଟ୍ରର ଫଡନାଭିସ ସରକାର ଗ୍ରହଣ କରିଛନ୍ତି। ପାୱାର ପରିବାର ମଧ୍ୟରେ ମଧ୍ୟ ଏ ନେଇ ବିସ୍ତୃତ ଆଲୋଚନା ହୋଇଛି। ବିସ୍ତୃତ ଆଲୋଚନା ପରେ ସୁନେତ୍ରା ଉପମୁଖ୍ୟମନ୍ତ୍ରୀ ହେବାପାଇଁ ରାଜି ହୋଇଛନ୍ତି। ଆସନ୍ତାକାଲି ସନ୍ଧ୍ୟାରେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରାଯିବ।

## ସ୍କୁଲରେ...

ସମସ୍ତ ରାଜ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିଶ୍ଚିତ କରିବା ଉଚିତ୍ ଯେ ପ୍ରତ୍ୟେକ ସରକାରୀ କିମ୍ବା ବେସରକାରୀ ବିଦ୍ୟାଳୟରେ ପୁଅ-ଝିଅଙ୍କ ପାଇଁ ଅଲଗା ଶୌଚାଳୟ ପାଣି ବ୍ୟବସ୍ଥା ରହିବ। ସମସ୍ତ ନୂଆ ବିଦ୍ୟାଳୟରେ ଗୋପନୀୟତା ରହିବା ସହ ଦିବ୍ୟାଙ୍ଗଙ୍କ ଅଧିକାରକୁ ମଧ୍ୟ ଧ୍ୟାନ ଦିଆଯିବ। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ପ୍ରତ୍ୟେକ ସ୍କୁଲରେ ଶୌଚାଳୟ ପରିସରରେ ଜୈବ ବିଘଟନଶୀଳ ସାନିଟାରୀ ନାପ୍‌କିନ୍ ଉପଲବ୍ଧକୁ ନିଶ୍ଚିତ କରିବେ। ଋତୁସ୍ରାବ ଜନିତ ଜରୁରୀକାଳିନ ସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ୟୁନିଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରି ସହ ସ୍ୱଚ୍ଛତା ପରିଚାଳନା କେନ୍ଦ୍ର ସ୍ଥାପନ କରାଯିବା ଉଚିତ୍ ।

## ଇଣ୍ଟରନେଟ୍...

ଆରମ୍ଭ ହୋଇଥିଲା। ସୋନାର ଜଙ୍ଗଲରେ ଆତଙ୍କୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟରେ ୭ ଯବାନ ଆହତ ହୋଇଥିଲେ। ଆତଙ୍କବାଦୀମାନେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏବେ ଦୁଇ ଫୁଟ ବରଫ ଜମା ହୋଇଥିବା ଅଞ୍ଚଳରେ ଏବେ ଜୋରଦାର ଅପରେସନ୍ କରାଯାଉଛି। ଏଥିଲାଗି ସିଂହପୋର, ଚିନାଗାଁ ଓ ଛତ୍ରୋରେ ମୋବାଇଲ, ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ପୂର୍ବରୁ ଜାନୁଆରୀ ୨୩ରେ ଏହି ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ହୋଇଥିଲା। ସୁରକ୍ଷାବଳ ପକ୍ଷରୁ ସର୍ଚ୍ଚ ଅପରେସନ୍ ପଜ୍ଞାମୋର୍ଚ୍ଚ, ନବନ୍ନା ଠାରେ ଜୋରଦାର କରାଯାଇଛି। ସନ୍ଦେହରେ ଥିବା ଲୋକଙ୍କ ସହ ଯୋଗାଯୋଗ କରାଯାଉଛି।

## ୧୭ରୁ...

ହେବ । ମାର୍ଚ୍ଚ ୩୧ରେ ୨୦୨୬-୨୭ ଅର୍ଥକି ବର୍ଷର ବ୍ୟୟ ମଞ୍ଜୁରୀ ବିଲ ଆସିବ । ଏହି ଅଧିବେଶନରେ ମୋଟ ୨୮ ଟି କାର୍ଯ୍ୟ ଦିବସ ରହିଛି । ସେଥିମଧ୍ୟରୁ ୨୫ ଟି ସରକାରୀ କାର୍ଯ୍ୟ ଦିବସ ରହିଥିବା ବେଳେ ୩ଟି ବେସରକାରୀ କାର୍ଯ୍ୟ ଦିବସ ଅଛି । ଏପ୍ରିଲ ୮ ତାରିଖରେ ପର୍ଯ୍ୟନ୍ତ ବଜେଟ ଅଧିବେଶନ ଚାଲିବ ବୋଲି ନିଷ୍ପତ୍ତି ହୋଇଛି ।

ସପଟେ ଗତ ଅଧିବେଶନରେ ବିଧାୟକ ଦରମା ଓ ପେନ୍‌ସନ୍ ବୃଦ୍ଧି ହୋଇଥିଲା । ବିଧାୟକଙ୍କ ଦରମା ଏକାବେଳେ ସାଢ଼େ ୩ ଗୁଣା ବି ୩ ଲକ୍ଷ ୪୫ ହଜାର ଟଙ୍କା ହେବା ନେଇ ନିଷ୍ପତ୍ତି ହୋଇଥିଲା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଫଳରେ ସରକାର ବଦନାମ ହୋଇଥିଲେ । ପରେ ଏହାକୁ ପୁନଃବିଚାର କରିବାକୁ ନିଷ୍ପତ୍ତି ନେଇଥିଲେ ସରକାର । ଏବେ ପୁଣି ଥରେ ବିଧାୟକଙ୍କ ଦରମା ବଢ଼ିବା ନେଇ ପ୍ରସ୍ତାବ ରହିଛି । ଦରମା ବଢ଼ିବ, କିନ୍ତୁ ସାଢ଼େ ୩ ଲକ୍ଷ ନା ତାଠୁ କମ୍ ହେବ ସେନେଇ ବିଚାର ବିମର୍ଶ ହେବ ବୋଲି ଶ୍ରୀ ମଢ଼େଇ କହିଛନ୍ତି ।

## ତମାଖୁ...

ଆଉ କାହାକୁ ବିକିବା ବେଆଇନ୍, ସେନେଇ ସ୍ପଷ୍ଟୀକରଣ ରଖିଛି ସ୍ୱାସ୍ଥ୍ୟ ବିଭାଗ । ଗତ ୨୧ ତାରିଖରେ ରାଜ୍ୟରେ ତମାଖୁ ବିକ୍ରି ଉପରେ ସରକାର ସମ୍ପୂର୍ଣ୍ଣ କଟକଣା ଜାରି ପରେ ପାନ ମସଲାକୁ ନେଇ ଥିବା ଦ୍ୱନ୍ଦ୍ୱ ଉପରେ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲା ସିଟି ଆଣ୍ଡ ଜିଏସଟି ବିଭାଗ ।

ଏହାର ଉତ୍ତରରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ପାନ ମସଲାରେ ଟବାକୋ କିମ୍ବା ନିକୋଟିନ୍ ନଥିବ, ତାର ବିକ୍ରି ଉପରେ କୌଣସି ପ୍ରତିବନ୍ଧକ ନାହିଁ । ଅର୍ଥାତ ନିକୋଟିନ୍ ନଥିବା ସାଦା ପାନ ମସଲା ବିକ୍ରି କରିପାରିବେ ବ୍ୟବସାୟୀ । ଆଉ ସିଟି ଜିଏସଟି ବିଭାଗର ଯେଉଁଠି ସନ୍ଦେହ ହେବ, ସେମାନେ ଜବତ ପାନ ମସଲାକୁ ପରୀକ୍ଷା ପାଇଁ ପଠାଇ ପାରିବେ ।

## ଅନ୍‌ଲାଇନ୍...

ଦୂରର କଥା ମୂଳ ଟଙ୍କା ମଧ୍ୟ ଫେରାଇଲେ ନାହିଁ ।

ଯେଉଁ ୱେବସାଇଟ୍ ଖୋଲିଥିଲେ ତାହା ମଧ୍ୟ ବନ୍ଦ କରିଦେଲେ । ଯେଉଁ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଉଥିଲା ତାହା ମଧ୍ୟ ବନ୍ଦ ହୋଇଗଲା । ଠକେଇର ଶିକାର ହୋଇଥିବା ଜାଣିବା ପରେ ଶଶଧର ମିଶ୍ର ଏତଲା କରିଥିଲେ । କେବଳ କଟକ, ଭୁବନେଶ୍ୱର ନୁହେଁ ପଶ୍ଚିମବଙ୍ଗ, ହିମାଚଳପ୍ରଦେଶ, ଆନ୍ଧ୍ର ପ୍ରଭୃତି ଅଞ୍ଚଳରୁ ଟଙ୍କା ମଧ୍ୟ ସଂଗ୍ରହ କରିଥିବା ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି । ତଦନ୍ତ ଆଗକୁ ବଢିଲେ ଗିରଫ ଆନ୍ତଃରାଜ୍ୟ ଠକମାନେ କେଉଁ ରାଜ୍ୟରୁ କେତେ ଠକିଛନ୍ତି ସ୍ପଷ୍ଟ ହେବ ବୋଲି ଜଣେ ଅଫିସର କହିଛନ୍ତି ।

## ଜଳବାୟୁ...

କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକଟର ଅରବିନ୍ଦ କୁମାର ପାଢୀ, ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମରେ ବିଜ୍ଞାନ-ନେତୃତ୍ୱାଧୀନ ଯୋଜନା, ସମନ୍ୱୟ ଏବଂ ସମ୍ପ୍ରଦାୟ ମାଲିକାନା ଉପରେ ଆଲୋକପାତ କରିଥିଲେ । ଦେଶରେ ମରୁଡ଼ି ପ୍ରଶମନ ଉପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଥିବା ପ୍ରଥମ କାର୍ଯ୍ୟକ୍ରମ ।

ଏହି କାର୍ଯ୍ୟକ୍ରମ ବିଜ୍ଞାନ-ନେତୃତ୍ୱାଧୀନ ଯୋଜନା, ସମନ୍ୱୟ ଏବଂ ସମ୍ପ୍ରଦାୟ ମାଲିକାନା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡକଟର ପ୍ରଭାତ କୁମାର ରାଉଳ, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭାରତୀୟ ପାଣିପାଗ ବିଭାଗର ପ୍ରତିନିଧି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଦିବ୍ୟାଙ୍ଗ ବ୍ୟକ୍ତି ଠକାମିର ଶିକାର, ଥାନାରେ ଅଭିଯୋଗ

ଧର୍ମଶାଳା ,(ସବ୍ୟୁ) :ଧର୍ମଶାଳା ଥାନା ଭବାନୀପୁର ପଂଚାୟତ ଚାନ୍ଦପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଅଜାଣତରେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ନାମରେ ଲୋନ ନେଇଯାଇଥିବା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ ଚାନ୍ଦପୁର ଗ୍ରାମର ସମ୍ବିତ ମୁଦୁଲି ନାମକ ଜଣେ ବ୍ୟକ୍ତି ଦୁର୍ଯ୍ୟୋଧନ ମଳିକଙ୍କୁ ସରକାରୀ ସହାୟତା ଯୋଗାଇଦେବା କହି ତାଙ୍କର ଆଧାର କାର୍ଡ, ବ୍ୟାଙ୍କ୍ ଖାତା, ଏଟିଏମ୍ କାର୍ଡ, ପ୍ୟାନ କାର୍ଡ ଭଳି କାଗଜ ପତ୍ର ପ୍ରସ୍ତୁତ କରି ତାଙ୍କ ନାମରେ ଲୋନ ରେ ଏକ ସ୍କୁଟି କିଣି ନେଇଥିବା ଅଭିଯୋଗ ହୋଇଛି । ଲୋନ୍ ଟଙ୍କା ନ ଦେଲେ ତାଙ୍କ ବିରୁଦ୍ଧରେ କେସ କରାଯିବ ବୋଲି ଘରୋଇ ଫାଇନାନ୍ସ କମ୍ପାନୀ ଲୋକେ ଧମକ ଦେଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟ ପକ୍ଷରେ ସେ ଜଣେ ଅନଗ୍ରସର ବ୍ୟକ୍ତି ହୋଇଥିବା ବେଳେ ସାଇକେଲ ଚଳାଇବା ଶିଖି ନଥିବା ବେଳେ ସ୍କୁଟି ଗାଡି କିଣିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି ସେ ଦର୍ଶାଇଛନ୍ତି। ତେବେ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଦେଶପ୍ରେମୀ ହୋଇ ସ୍ୱଦେଶକୁ ଆପଣାଇବା ଦରକାର

ରାଜକନିକା ,(ସବ୍ୟୁ) : ରାଜକନିକା ବ୍ଲକ ର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବରାଡ଼ିଆ ମଧୁପଡା ଠାରେ ଅବସ୍ଥିତ ପି ଏମ ଶ୍ରୀ ବରାଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ତିନି ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି। ବୈତରଣୀ ନଦୀରୁ କଳସ ଶୋଭାଯାତ୍ରା ବାହାରି ବିଦ୍ୟାଳୟରେ ପହଂଚବା ପରେ ସୁବର୍ଣ୍ଣ ଜୟନ୍ତୀ ଧ୍ୱଜା ଉତ୍ତୋଳନ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାର ଙ୍କ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର,ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଅବସର ପ୍ରାପ୍ତ କୁଳପତି ପ୍ରଫେସର ଡ଼.କୁମର ବର ଦାସ, ସମ୍ମାନିତ ବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ,ସ୍ୱତନ୍ତ୍ରଅତିଥି ଭାବେ ପୂର୍ବତନ ବିଧାୟକ ଦୋଳଗୋବନ୍ଦ ନାୟକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖଯୋଗଦେଇପ୍ରଥମେଦେଶପ୍ରେମୀହୋଇସ୍ୱଦେଶକୁ ଆପଣାଇବା ଦରକାର ବୋଲି କହିଥିଲେ।ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ସୁରେଶ ଚନ୍ଦ୍ର ମିଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ମଙ୍ଗୁଳି ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଜୟ କୁମାର କୁଣ୍ଡ ସମ୍ପାଦକୀୟ ବିବରଣୀ ପାଠ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମୀୟ କୁମାର ଦାସ ସ୍ୱାଗତ ଭାଷଣ ରଖିଥିଲେ।ଏହି ଅବସରରେ ଅତିଥି ମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣୀକା ପ୍ରଜ୍ଞା ଉନ୍ମୋଚନ କରିବା ସହ ବିଦ୍ୟାଳୟ ର ପ୍ରତିଷ୍ଠାତା ଓ ପୁରାତନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନା କମିଟି ସଭାପତି ତ୍ରିଲୋଚନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ରେ ପୁରାତନ ଛାତ୍ରଛାତ୍ରୀ ଙ୍କ ବନ୍ଧୁମିଳନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଦଳି ବାତିଲର ଦୁଇମାସ ପରେ ବି ମଦର ସ୍କୁଲ ଫେରି ନାହାଁନ୍ତି ଶିକ୍ଷୟିତ୍ରୀ

ମହାକାଳପଡ଼ା,(ସବ୍ୟୁ):ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ବାରଡାଙ୍ଗ ଶିକ୍ଷା କ୍ଲଷ୍ଟର ଭିତର ଶୋବଳା ପ୍ରାଇମେରୀ ସ୍କୁଲ ରେ ତତ୍କାଳ ଶିକ୍ଷାଦାନ ପାଇଁ ଜଗମୋହନ ନୋଡାଲ ହାଇସ୍କୁଲର ଶିକ୍ଷୟତ୍ରୀଙ୍କୁ ମଣ୍ଡଳ ଶିକ୍ଷାଧିକାରୀ (ବିଇଓ )ଙ୍କ ପତ୍ରାଙ୍କ ୨୫୫୪/୨୨. ୦୮. ୨୫ ଯୋଗେ ଡିପ୍ଲୟମେଣ୍ଟ (ନିୟୋଜନ ) କରାଯାଇଥିଲା। ଏହି ପତ୍ରାଙ୍କ ଯୋଗେ ନେତାଜୀ ନୋଡାଲ ପ୍ରାଇମେରୀ ସ୍କୁଲ, ଆଡୋଇର ଶିକ୍ଷକଙ୍କୁ ଶିଖର ପ୍ରୋଜେକଫ ପ୍ରାଇମେରୀ ସ୍କୁଲରେ ନିୟୋଜନ କରାଯାଇଥିଲା। ତଦନୁଯାୟୀ ବାରଡାଙ୍ଗ ନୋଡାଲ ଏଚଏସ ର ଶିକ୍ଷୟତ୍ରୀ ଭିତର ସୋବଳା ପିଏସ ଓ ଆଡୋଇ ନେତାଜୀ ନୋଡାଲ ପିଏସ ର ଶିକ୍ଷକ ଶିଖର ପିପିଏସ ରେ ନିୟୋଜିତ ରହି ଶିକ୍ଷାଦାନ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ନିୟୋଜିତ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଶିକ୍ଷକ /ଶିକ୍ଷୟତ୍ରୀଙ୍କ ର ସ୍ୱାଭାବିକ ସ୍ଥିତି ଫେରିବା ପରେ ନିୟୋଜନ ଶିକ୍ଷକ /ଶିକ୍ଷୟତ୍ରୀଙ୍କୁ ମଦର ସ୍କୁଲ କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଇଓ। ଉଲ୍ଲେଖ ଥାଉକି ବିଇଓଙ୍କ ପତ୍ରାଙ୍କ ନଂ ୩୫୬୯/୨୫. ୧୧. ୨୫ ଯୋଗେ ଡିପ୍ଲୟମେଣ୍ଟ ଅର୍ଡର କୁ କ୍ୟାନସେଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଗୋଟିଏ ଅର୍ଡର ରେ ଶିଖର ପିପିଏସ ରେ ନିୟୋଜିତ ଶିକ୍ଷକ ନେତାଜୀ ନୋଡାଲ ପିଏସ, ଆଡୋଇ ରେ ଯୋଗଦାନ କରିଥିବା ବେଳେ ଦୁଇମାସ ହେବ ଭିତର ସୋବଳା ପିଏସ ରେ ନିୟୋଜିତ ଶିକ୍ଷୟତ୍ରୀ ଜଗମୋହନ ନୋଡାଲ ଏଚଏସ,ବାରଡାଙ୍ଗ ଫେରି ନଥିବାରଜଣାପଡିଛି। ବିଇଓ ଅର୍ଡର କୁ ଅମାନ୍ୟ କରି ମାସ ମାସ ଧରି ନିୟୋଜିତ ଶିକ୍ଷୟତ୍ରୀ କିଭଳି କାର୍ଯ୍ୟ କରୁଛନ୍ତି। ଏବିଷୟରେ ବିଇଓ ଙ୍କୁ ଯୋଗାଯୋଗ କରିଥିଲେ ବି ଫୋନ ରିସିଭ କରିନାହାନ୍ତି। ଦୁଃଖର ବିଷୟ ଉଚ୍ଚ ଅଧିକାରୀଙ୍କ ଅର୍ଡରକୁ ଅବମାନନା କରୁଥିବା ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାକୁ ଶିକ୍ଷକ /ଶିକ୍ଷୟତ୍ରୀ ମହଲରେ ଚର୍ଚ୍ଚା ର ବିଷୟ ପାଲଟିଛି।

# ସାଧାରଣତନ୍ତ୍ର ଦିବସ ଅବସରରେ ବକ୍ତୃତା, କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର (ସବ୍ୟୁ) : ସାଧାରଣ ତନ୍ତ୍ର ଦିବସ ଅବସରରେ, ନିତ୍ୟାନନ୍ଦ ପୁର ଗାଁ ସ୍ଥିତ ଶାସ୍ତ୍ରୀ ସ୍ମୃତି ପାଠାଗାର ଦ୍ୱାରା ଆଞ୍ଚଳିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଛି।

ପୂର୍ବ ବର୍ଷ ପରି ଏଥର ମଧ୍ୟ ଆଠ -ନଅ ବିଦ୍ୟାଳୟର ପାଖାପାଖି ଏକ ଶହ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତା ରେ ଛଅ ଜଣଙ୍କୁ ଏବଂ କୁଇଜ୍ ପ୍ରତିଯୋଗିତାରେ ସତ ତିରିଶ ଜଣଙ୍କୁ ପୁରସ୍କାର ଦିଆଗଲା। ପୁରସ୍କାର ଆକାରରେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଅଭିଧାନ, ସାଧାରଣ ଜ୍ଞାନ ପୁସ୍ତକ, ବ୍ୟାକରଣ ପୁସ୍ତକ, ରଚନା ଓ ପତ୍ର ଲିଖନ ପୁସ୍ତକ, ୱାର୍ଡ ବୁକ୍, ଆଟଲାସ୍ ଇତ୍ୟାଦି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହାପୁରୁଷଙ୍କ ଜୀବନି, ଖାତା, କଲମ, ହନୁମାନ ଚାଳିଶା, ଶ୍ରୀମଦ୍ ଭାଗବତ ଗୀତା ଇତ୍ୟାଦି ବଣ୍ଟନ କରାଯାଇଥିଲା। ଆଇନ୍‌ଜୀବୀ ବାଇଧର ସାହୁ ହନୁମାନ ଚାଳିଶା ଓ ଶ୍ରୀ ମଦ୍ ଭଗବଦ୍ ଗୀତା ଯୋଗାଇ ଦେଇଥିଲେ।

ଦିନକୁ ଦିନ ଏପରି ଆୟୋଜନ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି ବୋଲି ଆୟୋଜକମାନେ କହିଛନ୍ତି। ଏପରି ଆୟୋଜନ କରିବା ପଛରେ ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତା ବିଷୟରେ ସଚେତନ କରିବା, ବିଭିନ୍ନ ପ୍ରକାରର ପ୍ରଶ୍ନ ସହିତ ତାଙ୍କୁ ପରିଚିତ କରିବା ଓ ଆଗାମୀ ଦିନରେ ଆବଶ୍ୟକ ହେଉଥିବା ବିଭିନ୍ନ ପୁସ୍ତକ ପୁରସ୍କାର ଆକାରରେ ଯୋଗାଇ ଦେବାର ଲକ୍ଷ୍ୟ ରଖିଛି ଶାସ୍ତ୍ରୀ ସ୍ମୃତି ପାଠାଗାର। ପ୍ରତିବର୍ଷ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଅବସରରେ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଆୟୋଜକ ମାନେ କହିଛନ୍ତି।



ଆଗାମୀ ଗ୍ରୀଷ୍ମ ଛୁଟି ଅବସରରେ ପିଲାମାନଙ୍କୁ ତାଙ୍କର ଭବିଷ୍ୟତ ପାଠ୍ୟକ୍ରମ ବାବଦରେ ମାର୍ଗଦର୍ଶନ ଦେବାର ଆୟୋଜନ କରାଯିବ।

କେତେକ ଅଭିଭାବକ, ଗୁରୁଜନ, ସଚେତନ ମହିଳା, ଯୁବକ ଏ କାର୍ଯ୍ୟକ୍ରମରେ ଦେଇଥିଲେ। କେତେକ ବିଦ୍ୟାଳୟର ଶିକ୍ଷକ ମାନେ ମଧ୍ୟ ଉକ୍ତ ଉତ୍ସବରେ ଉପସ୍ଥିତ ରହି, ଛାତ୍ରଛାତ୍ରୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ।

ଏ କାର୍ଯ୍ୟକ୍ରମକୁ କୃଷ୍ଣ ଚନ୍ଦ୍ର ମହାନ୍ତ, ଇଂ ରମେଶ ଚନ୍ଦ୍ର ନାଏକ, ତପନ କୁମାର ନାଏକ, ଲକ୍ଷ୍ମଣ କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବନମାଳୀ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ମଧୁସୂଦନ ଘଣା, ସନ୍ତୋଷ କୁମାର ଘଣା, ତୁଷାର ଭୁଷଣ ମହାନ୍ତ, ଗଣେଶ୍ୱର ମହାନ୍ତ, ନିଶାକର ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ଶ୍ରୀମତୀ ମିନତୀ ମହାନ୍ତ, ସତ୍ୟଭାମା ମହାନ୍ତ , ସୁଶାନ୍ତ କୁମାର ଘଣା, କୁମାରୀ ବିଳାସିନୀ ଘଣା ପରିଚାଳନା କରିଥିଲେ। ଯେଉଁମାନଙ୍କ ଆର୍ଥିକ ସହାୟତା, ସମୟ ଓ ଶ୍ରମ ଦାନରେ ଏ କାର୍ଯ୍ୟକ୍ରମ ସଫଳ ହୋଇଛି, ସେ ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ଜାତୀୟ ରାଜପଥ ଲୁଟେରା ସକ୍ରିୟ : କାଟିନେଲେ ୧୦ ଲକ୍ଷ ଟଙ୍କାର ମେଟାଲ ପ୍ଲେଟ୍

କେନ୍ଦ୍ରାପଡା ,(ସବ୍ୟୁ) : ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାମ ଦୃତ ଗତିରେ ଚାଲୁଥିବା ବେଳେ ଚୋର ମାନଙ୍କ ଉପିାତ ବଢିଯାଇଛି। ଏହି ସମସ୍ୟା ଗୁଡିକ ଭିତରୁ ମୁଖ୍ୟ ସମସ୍ୟା ଗୁଡିକ ହେଲା ଜାତୀୟ ରାଜପଥ ର ୨ କଡରେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ମୋଟା ମେଟାଲ ପ୍ଲେଟ୍ ଲଗା ଯାଉଥିବା ବେଳେ ଏହି ଲୁଟେରା ମାନେ ତାକୁ କାଟି ନେଇ ଯାଉଥିବାରୁ ସଂପ୍ରସାରଣ କାର୍ଯ୍ୟରେ ବାଧା ଉପୁଜୁଛି। ଲୁଟେରମାନେ ପୋଲିସକୁ ଖୋଲା ଚ୍ୟାଲେଂଚ କରି ୨୪ ଘଣ୍ଟା ନ ପୁରୁଣୁ ପୁଣି କାଟିନେଲେ ୧୦ ଲକ୍ଷ ଟଙ୍କାର ମେଟାଲ ସୁରକ୍ଷା ବାଡା ମିଳିଥିବା ସୂଚନା ଅନୁଯାୟୀ ବାଲିଚନ୍ଦ୍ରପୁର ଠାରୁ ଗୋପଛକ ପର୍ଯ୍ୟ" ପିଏସକେ ଠିକାଦାର ସଂସ୍ଥା ଜାତୀୟ ରାଜପଥ ସଂପ୍ରସାରଣ କାମ କରୁଥିବା ବେଳେ ରାସ୍ତା କଡରେ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ ସାଇଡରେ ମେଟାଲ ପ୍ଲେଟ୍‌ର ବାଡ ଦିଆଯାଉଛି। ଏହି ମେଟାଲ ପ୍ଲେଟ୍‌ର ବାଡ ମୂଲ୍ୟବାନ ହୋଇଥିବାରୁ ଡେରାବିଶ ଥାନା ଅ"ର୍ଗତ ଅଁଳାବାଙ୍କ ଠାରେ ଚୋର ମାନେ ରାତିରେ ପ୍ଲେଟ ଗୁଡିକୁ କାଟି ନେଇ ଯାଉଥିବାର ଅଭିଯୋଗ ହେବାପରେ ଥାନା ଅଧିକାରୀ ମେଟାଲ ପ୍ଲେଟ୍ ଜବତ କରିବା ସହିତ ୪ ଜଣ ଚୋରଙ୍କୁ କୋର୍ଟ ଚାଲାଣ କରିଛି"। ଏହାର ୨୪ ଘଣ୍ଟା ନ ପୁରୁଣୁ ଗତକାଲି ରାତିରେ ସଦର ଥାନା ଅ"ର୍ଗତ ଆରଟିଓ ଅଫିସ ନିକଟରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସେହି ମୂଲ୍ୟବାନ ମେଟାଲ ପ୍ଲେଟ୍‌କୁ ଚୋରମାନେ କାଟି ନେଇ ଯାଇଛି"। ଜାତୀୟ ରାଜପଥ ଲୁଟେରା ୨ ଥାନା ଅଧିକାରୀଙ୍କୁ ଖୋଲାଖୋଲି ଚ୍ୟାଲେଂଚ କରି ୨୪ ଘଣ୍ଟା ଭିତରେ ପୁନର୍ବାର ପ୍ଲେଟ୍ କାଟି ବିକି ଦେଇଛି"। ବାରମ୍ବାର ଚୋରୀ ହେବା ଫଳରେ ପିଏସକେ କମ୍ପାନୀ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛି। ଜାତୀୟ ରାଜପଥ ସଂପ୍ରସାରଣ ଦାୟିତ୍ୱରେ ଥିବା ଅଧିକାରୀ ଏ ବିଷୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ସହିତ ତୁର" ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Baripada, dated. 27/01/26, I, DAKTAR MOHANTA, S/o Late Krushna Chandra Mohanta, Address : AT-Jamugadha, PO-Karamsole, PS-Betnoti, DIST- Mayurbhanj, PIN-757029, Odisha declare that I have changed my name from "KUMPANDAR MOHANTA to DAKTAR MOHANTA". Henceforth, I shall be known as "DAKTAR MOHANTA" for all purposes.

Sd/- (DAKTAR MOHANTA)

**AFFIDAVIT**

By virtue of an affidavit sworn before The Notary Public, Bhadrak dated. 20.12.2025, I PRAMOD KUMAR MANDAL, S/o- Late Bhagaban Mandal, At-Sodha, PO-Angeipal, PS- Dhamnagar, Dist-Bhadrak, Odisha, Pin-756117 declare that I have changed my daughter's name from ARADHYA MANDAL to ADHYASA MANDAL. Henceforth she shall be known as ADHYASA MANDAL for all purpose.

PRAMOD KUMAR MANDAL

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

13001/11/2526

ପତ୍ର ସଂଖ୍ୟା ୦୬ **ବିଜ୍ଞାପନ** ତା : ୦୩.୦୧.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ସ୍ୱର୍ଗତ ଶ୍ୟାମଘନ ସାହୁ, ପିତା- ସ୍ୱର୍ଗତ ରଘୁନାଥ ସାହୁ, ଏମ୍.ଆଇ.ଜି.-୧-୨୪୫, କଳିଙ୍ଗ ବିହାର, ଛେଣ୍ଡ ଫେଜ୍-୨, ରାଉରକେଲା, ଜି-ସୁନ୍ଦରଗଡ଼ | ଏମ୍.ଆଇ.ଜି-୧-୨୪୫ (MIG-I-245) ଛେଣ୍ଡ, ୨ୟ ପର୍ଯ୍ୟାୟ ରାଉରକେଲା ଜି- ସୁନ୍ଦରଗଡ଼ | ୧. ଅଞ୍ଜୁ ସାହୁ (ବିଧବା ସ୍ତ୍ରୀ) ୨. ତୁଷାର ସାହୁ (ପ.ପୁତ୍ର) ୩. ପ୍ରାଚୀ ଅଦଣ୍ଡ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0011

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

13001/10/2526

ପତ୍ର ସଂଖ୍ୟା ୦୯ **ବିଜ୍ଞାପନ** ତା : ୧୨.୦୧.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ସ୍ୱର୍ଗତ କାର୍ତ୍ତିକ ଚରଣ ସେଠୀ, ପିତା- ସ୍ୱର୍ଗତ ଆରୁଣି ସେଠୀ, ଘର ନଂ-ପି.ଏମ୍.ଏ.-୮, ବଳିଆ ପଣ୍ଡା, ଜିଲ୍ଲା – ପୁରୀ | ଏମ୍.ଆଇ.ଜି-୨ ପି.ଏମ୍.ଏ.-୦୮ (MIG-A-08) (P.M.-A-II) ହାଉସିଂବୋର୍ଡ କଲୋନୀ ବଳିଆ ପଣ୍ଡା, ପୁରୀ | ୧. ମମତା ସେଠୀ (ବି.କନ୍ୟା) ୨. ଆଶୁତୋଷ ସେଠୀ (ବି.ପୁତ୍ର) ୩. ବିଶ୍ୱଜିତ୍ ସେଠୀ (ବି.ପୁତ୍ର) ୪. ନିବେଦିତା ସେଠୀ (ବି.କନ୍ୟା) ୫. ଭବାନୀ ଶଙ୍କର ସେଠୀ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0010

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

13001/11/2526

ପତ୍ର ସଂଖ୍ୟା ୨୧ **ବିଜ୍ଞାପନ** ତା : ୧୫.୦୧.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି-୧-୧୧ ଏବଂ ୧୨ (MIG-I-11 & 12), ସୋସିଆଲ ହାଉସିଂ ସ୍କିମ୍, ଧରମାନନ୍ଦପୁର, ଭବାନୀପାଟଣା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଗୁପିନ୍ଦର କୌର, ସ୍ୱାମୀ- ସ୍ୱର୍ଗତ ହରିନ୍ଦର ସିଂ (୨) ଶ୍ରୀ ଚିରାଗ ଖିଜଲା, ପିତା- ସ୍ୱର୍ଗତ ହରିନ୍ଦର ସିଂ (୩) ନାଖି ଖିଜଲା, ପିତା- ସ୍ୱର୍ଗତ ହରିନ୍ଦର ସିଂ, ସା-ପାରାପଣ୍ଡା ଛକ, ବାହାଦୁର ବଗିଚାପଡ଼ା, ପୋ/ଥାନା-ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡିଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ଗୁପିନ୍ଦର କୌର (୨) ଶ୍ରୀ ଚିରାଗ ଖିଜଲା (୩) ନାଖି ଖିଜଲା (ନାବାଳକ)ଙ୍କ ତରଫରୁ ତାଙ୍କ ମା' ଗୁପିନ୍ଦର କୌର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରଣତି ପଟ୍ଟନାୟକ, ପିତା- ବସନ୍ତ ପଟ୍ଟନାୟକ, ସା-ବାହାଦୁର ବଗିଚାପଡ଼ା, ଭବାନୀପାଟଣା, ପୋ/ଥାନା-ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0011

**यूनियन बैंक Union Bank of India**

କୋର୍ଟପେଟା ଶାଖା, ଟାଟା ବେଞ୍ଜ ଛକ, ବ୍ରହ୍ମପୁର

**ଲକର ଭାଙ୍ଗିବା ପାଇଁ ନୋଟିସ୍**

| କ୍ର.ସଂ. | ଲକର୍ ନଂ. | ଲକର୍ ଧାରକଙ୍କ ନାମ |
|---|---|---|
| ୦୧ | 1A 0400022 | ପୁଷ୍ପାଞ୍ଜଳି ପାତ୍ର |
| ୦୨ | 3A 0270009 | କି. ମାଙ୍ଗାମ୍ମା |
| ୦୩ | B1 1270099 | ସୁଦର୍ଶନ ମିଶ୍ର |
| ୦୪ | B1 1260110 | ପି. ସତ୍ୟନାରାୟଣ ରାଓ |
| ୦୫ | 5A 0120078 | ଗଙ୍ଗାଧର ସାମଲୋ |
| ୦୬ | 5A 0750057 | ସରୋଜିନୀ ସେଠୀ |
| ୦୭ | A1 750190 | ସସ୍ମିତା ପାଣିଗ୍ରାହୀ |
| ୦୮ | A1 720187 | ମୁଭା ଭେଙ୍କଟ ଜୟଶ୍ରୀ |
| ୦୯ | A1 560171 | ଅଙ୍ଗୁସୁଲା ନନ୍ଦ |
| ୧୦ | B1 1390115 | ଅବନୀ ରଞ୍ଜନ ପଟ୍ଟନାୟକ |
| ୧୧ | 6A 0730055 | କି. ଚନ୍ଦ୍ର ଶେଖର ରେଡ୍ଡୀ |
| ୧୨ | 3A 0040074 | ଭି. ସତ୍ୟନାରାୟଣ |

ଯେହେତୁ ଆପଣମାନେ, ଉପରୋକ୍ତ ଲକର୍ ଧାରକମାନେ ବ୍ୟାଙ୍କ ଦ୍ୱାରା ପଞ୍ଜୀକୃତ ଠିକଣାରେ ଦିଆଯାଇଥିବା ବିଭିନ୍ନ ନୋଟିସ୍ ସତ୍ତ୍ୱେ ଲକର୍ ଫି ଏବଂ ଶାଖା ସହିତ ଯୋଗାଯୋଗ କରିବାରେ ଖିଲାପ କରିଛନ୍ତି, ତେଣୁ ଆପଣମାନଙ୍କୁ ଏହି ନୋଟିସ୍ ତାରିଖରୁ ୩ (ତିନି) ମାସ ମଧ୍ୟରେ ତୁରନ୍ତ ଶାଖା ସହିତ ଯୋଗାଯୋଗ କରିବାକୁ ଏବଂ ବ୍ୟାଙ୍କର ପ୍ରାପ୍ୟ ତୁରନ୍ତ ପରିଶୋଧ କରିବାକୁ ଆହ୍ୱାନ କରାଯାଉଅଛି ।

ଯେହେତୁ, ଆପଣମାନେ ଦେୟ ପରିଶୋଧ କରିନାହାନ୍ତି ଏବଂ ଦେୟ ପୁନରୁଦ୍ଧାର ପାଇଁ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ଆପଣମାନେ ଏପର୍ଯ୍ୟନ୍ତ ଅଣ୍ଟ ଅଛନ୍ତି । ଫଳସ୍ୱରୂପ, ଭଡ଼ା ନେଇଥିବା ଲକର୍ ଉପରେ ଆପଣଙ୍କର ସମସ୍ତ ଅଧିକାର ବାଜ୍ୟାପ୍ତ ହୋଇଛି ଏବଂ ବ୍ୟାଙ୍କ ଆପଣଙ୍କ ଲକର୍ ପୁନରୁଦ୍ଧାର ପାଇଁ ହକଦାର ହୋଇଛି ।

ଯେହେତୁ, ଉକ୍ତ ଅଧିକାର ବ୍ୟବହାର କରି ବ୍ୟାଙ୍କ ଆପଣମାନଙ୍କର ଉକ୍ତ ଲକରକୁ ଦଖଲ କରିଛି ଏବଂ ଆପଣମାନଙ୍କ ଖର୍ଚ୍ଚ ଏବଂ ପରିଣାମସ୍ୱରୂପ ତା୦୨.୦୫.୨୦୨୬ରିଖ ସକାଳ ୧୦:୦୦ ଘଟିକାରେ ଖୋଲିବାକୁ ନିଷ୍ପତ୍ତି ନେଇଛି । ଏଥିପାଇଁ ଆପଣମାନଙ୍କୁ ତା୩୦.୦୧.୨୦୨୬ରିଖ ଠାରୁ ୩ (ତିନି) ମାସ ମଧ୍ୟରେ ପ୍ରାପ୍ୟ ପୈଠ କରିବାକୁ ଆହ୍ୱାନ କରାଯାଉଅଛି ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଯଦି ଆପଣମାନେ ଉପରୋକ୍ତ ଖର୍ଚ୍ଚ ପ୍ରଦାନ କରିବାରେ ବିଫଳ ହୁଅନ୍ତି ଏବଂ ୩ (ତିନି) ମାସ ମଧ୍ୟରେ ଜିନିଷଗୁଡ଼ିକୁ ହେପାଜତକୁ ନ ନିଅନ୍ତି, ତେବେ ବ୍ୟାଙ୍କ ଉପରୋକ୍ତ ଦେୟ, ଖର୍ଚ୍ଚ ସହିତ ବିକ୍ରୟ ଖର୍ଚ୍ଚ ପୂରଣ କରିବା ପାଇଁ ଆବଶ୍ୟକ ମନେ ହେଉଥିବା ଜିନିଷ କିମ୍ବା ଜିନିଷ/ସମ୍ପତ୍ତିର କିଛି ଅଂଶ ବିକ୍ରୟ କରିବ । ଦୟାକରି ଧ୍ୟାନ ଦିଅନ୍ତୁ ଯେ ନିଲାମ ବିକ୍ରୟ ପରେ ଅବଶିଷ୍ଟ ଜିନିଷ, ଯଦି କୌଣସି ଥାଏ, ତେବେ ତାହାକୁ ବର୍ତ୍ତମାନ ଭଡ଼ାର ଦୁଇଗୁଣ, ବାର୍ଷିକ ଭଡ଼ାରେ ସୁରକ୍ଷିତ ସ୍ଥାନରେ ରଖାଯିବ ଯାହାକି ଆପଣ ଦେବାକୁ ଦାୟୀ ରହିବେ ।

ସ୍ୱା/- ଶାଖା ପରିଚାଳକ

25001/7/2526

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA**
E-mail ID:- eerwkaranjia@yahoo.com

Letter No- 247 Date :22.01.2026

1ST COR1GENDUM NOTICE

BID IDENTIFICATION NO. RWDKNJ-15 / 2025-26

The Tender Call Notice vide Bid Identification No. RWDKNJ-15/ 2025-26 (Road) Vide this office letter No. 125 date-13.01.26.

Due to unavoidable circumstances.tender invited vide Bid Identification No-RWDKNJ-15/2025-26 (Road) works vide this office letter No-125 Dt.13.01.2026 S/R, Periodical Maintenance work. The Important dates have been changed as per following.

| | | |
|---|---|---|
| 1 | Availability of tender online | 27.01.2026 at to 05.00 PM instead of 22.01.2026 |
| 2 | Last date of availability of tender | 02.02.2026 up to 5.00PM instead of 28.01.2026 |
| 3 | Last date & Time of seeking tender | 31.01.2026 at 11.00AM instead of 27.01.2026 |
| 4 | Date of opening of Tender | 03.02.2026 at 11.00 AM instead of 29.01.2026 |

Sd/- Executive Engineer
R.W.Division, Karanjia

OIPR : 25001/25086/1/25-26/0007

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇଂ. ଅକ୍ଷୟ କୁମାର ସାମଲଙ୍କୁ ଆତ୍ମନିର୍ଭର ଭାରତ ଜାତୀୟ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ଅଖିଳ



ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଓ ସମିଟ୍ ଇଣ୍ଡିଆ ପକ୍ଷରୁ ହୋଟେଲ ତାଜ୍ ଭିଭାନ୍ତରେ ଆତ୍ମନିର୍ଭର ଭାରତ ଓ ଜାତୀୟ ଉତ୍କର୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲଙ୍କୁ ସାମାଜିକ-ସାଂସ୍କୃତିକ ଉଦ୍ୟୋଗୀ ଭାବେ ଆତ୍ମନିର୍ଭର ଭାରତ ଓ ଜାତୀୟ ଉତ୍କର୍ଷ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଛି । ସାମାଜିକ-ସାଂସ୍କୃତିକ ସେବା କ୍ଷେତ୍ରରେ ସମାଜ ପ୍ରତି ଜୀବନବ୍ୟାପୀ ଅବଦାନକୁ ସ୍ୱୀକୃତି ଜଣାଇ ବାଚସ୍ପତି ସୁରମା ପାଢ଼ୀ ଏବଂ ଅତିଥିମାନେ ଶ୍ରୀ ସାମଲଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମିଟ୍ ଇଣ୍ଡିଆ ଅଧ୍ୟକ୍ଷ ଶ୍ୟାମ ଜାଜୁ, ବିଜେପିର ପୂର୍ବତନ ଜାତୀୟ ଉପାଧ୍ୟକ୍ଷ ତଥା ସମିଟ୍ ଇଣ୍ଡିଆ ଆନ୍ତର୍ଜାତୀୟ ଚାପ୍ଟରର ଅଧ୍ୟକ୍ଷ ବିଜୟ ସାମ୍ପଲା, ଉତ୍ତରାଖଣ୍ଡ ହାଇକୋର୍ଟର ପୂର୍ବତନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଘଉଝଉ ଅଧ୍ୟକ୍ଷ ଜଷ୍ଟିସ୍ ଲୋକପାଳ ସିଂହ ଏବଂ ସମିଟ୍ ଇଣ୍ଡିଆର ମହାସଚିବ ତଥା ହାଇତି ଗଣରାଜ୍ୟର ରାଜନୈତିକ ବ୍ୟାପାର ମୁଖ୍ୟ ପ୍ରଫେସର ମହେଶ ବର୍ମା ଅତିଥି ଭାବେ ଯୋଗ ଦେଇଥିଲେ ।

"ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ମୋତେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଅଧିକ ଶକ୍ତି ପ୍ରଦାନ କରନ୍ତୁ ଯାହା ଦ୍ୱାରା ମୁଁ ଦୁଃଖୀ ଲୋକଙ୍କ ସେବା କରିପାରିବି ବୋଲି ଶ୍ରୀ ସାମଲ କହିଛନ୍ତି । କଟକ ଜିଲ୍ଲାର ମାହାଙ୍ଗାରେ ଜନ୍ମିତ ଶ୍ରୀ ସାମଲ ସମଗ୍ର ଭାରତରେ ସକ୍ରିୟ ଭାବରେ ସମାଜସେବା କାର୍ଯ୍ୟ କରି ଆସୁଛନ୍ତି । ସେ ଭାରତୀୟ କଳା, ସଂସ୍କୃତି, ଐତିହ୍ୟ ଏବଂ ବିଶେଷକରି ଦିଲ୍ଲୀ-ଏନସିଆର ଏବଂ ଅନ୍ୟାନ୍ୟ ରାଜ୍ୟରେ ଓଡ଼ିଶାର ସମୃଦ୍ଧ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ଶ୍ରୀ ସାମଲ ଅଟଳ ସମ୍ମାନ ସହ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ଲାଭ କରିଛନ୍ତି ।

## ଦାଦାବଟି ଆଦାୟ, ପୋଡା ମୋବିଲ୍ ସହ ୨ ଗିରଫ

ପୁରୀ, (ସବ୍ୟୁ): ଭୁଦାନ ଜଙ୍ଗଲ ରାସ୍ତାରେ ଲୋକଙ୍କ ଠାରୁ ଦାଦାବଟି ଆଦାୟ ଅଭିଯୋଗରେ ତାଳବଣିଆ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ସିଦ୍ଧମହାବୀର ଚମାର ସାହିର ସିଲୁ ଓରଫ ମନୋଜ ବେହେରା ୨୩ ଓ ପିକେଆରଆଇଟି କଲୋନୀର ପୋଡା ମୋବିଲି ଓରଫ କାଳିଆ ଓରଫ କାଲୁ ପଟ୍ଟନାୟକ ୩୪ କ୍ଷ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଏକ ଛୁରୀ ସହ ୫୦୦ଟଙ୍କା ଜବତ କରାଯାଇଛି । ଆଜି ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ଦାଦାବଟି ଆଦାୟ କରିଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ କ୍ଷ ତାଙ୍କ ବିରୁଦ୍ଧରେ ୩୨/୨୦୨୬ ନମ୍ବର ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା ।

### ରୋଷେଇ ଘରେ ଆସିବ ବିପ୍ଳବ

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲୀୟ ସଂସ୍ଥା 'ସେଭଫୁଲ୍'ର ବଡ଼ ପଦକ୍ଷେପ

ଜଟଣୀ, (ସବ୍ୟୁ) : ସ୍ଥାୟୀ ଶିକ୍ଷା ଏବଂ ସର୍କୁଲାର୍ ଇକୋନୋମି କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଷ୍ଟ୍ରେଲୀୟ ଫୁଡ୍-ଟେକ୍ ପ୍ଲାଟଫର୍ମ ସେଭଫୁଲ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ଘୋଷଣା କରିଛି । ଏହି ସହଭାଗିତା ମାଧ୍ୟମରେ ସେଭଫୁଲ୍ ଭାରତୀୟ ବଜାରରେ ପ୍ରବେଶ କରିଥିବାବେଳେ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏହି ଅଭିଯାନର ଜାତୀୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଖାଦ୍ୟ ଅପଚୟ ରୋକିବାକୁ ନୂତନ ପ୍ରୟାସ ଭାବେ ଭାରତୀୟ ଖାଦ୍ୟ ଶୈଳୀ ଓ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଆପ୍‌କୁ ବିକଶିତ କରାଯାଇଛି । ଅଷ୍ଟ୍ରେଲିଆରେ ଏହି ଆପ୍ ମାଧ୍ୟମରେ ୪୧,୦୦୦ରୁ ଅଧିକ ବ୍ୟବହାରକାରୀ ପ୍ରାୟ ୬୩% ଖାଦ୍ୟ ନଷ୍ଟ ହେବାରୁ ରକ୍ଷା କରିପାରିଛନ୍ତି ।




ବର୍ତ୍ତମାନ ଏହା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର "ଜିରୋ ୱେଷ୍ଟ କ୍ୟାମ୍ପସ" ଅଭିଯାନର ଏକ ଅଂଶ ହେବ, ଯାହା ଛାତ୍ରଛାତ୍ରୀ ଓ ସ୍ଥାନୀୟ ସମୁଦାୟକୁ ରୋଷେଇ ଘରର ବଳକା ସାମଗ୍ରୀକୁ ସଠିକ୍ ଭାବେ ବ୍ୟବହାର କରିବାରେ ସାହାଯ୍ୟ କରିବ । ଏହି ଅବସରରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, "ସାମାଜିକ ଦାୟିତ୍ୱବୋଧ ଏବଂ ସ୍ଥାୟୀ ନବସୃଜନ କ୍ଷେତ୍ରରେ ଆମେ ସର୍ବଦା ଆଗରେ ରହିଛୁ । ସେଭଫୁଲ୍ ସହ ଏହି ସହଭାଗିତା ଆମ ସମୁଦାୟକୁ ଏକ ଡିଜିଟାଲ୍ ସାଧନ ଯୋଗାଇଦେବ, ଯାହା ଦ୍ୱାରା 'ଭଲ କାମ କରିବା' ଆମ ଜୀବନଶୈଳୀର ଏକ ଅଂଶ ହୋଇପାରିବ । ସେଭଫୁଲର ସିଇଓ କିମ୍ ମ୍ୟାକଡୋନାଲ୍ଡ କହିଛନ୍ତି, "ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସାମାଜିକ ପରିବର୍ତ୍ତନ ଧାରାକୁ ଦେଖି ଆମେ ସେମାନଙ୍କୁ ଭାରତରେ ଆମର ପ୍ରଥମ ସହଯୋଗୀ ଭାବେ ଚୟନ କରିଛୁ । ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସଂଜୀବ କୁମାର ଦାସ, ସନ୍ଦୀପ କୁମାର ଏବଂ ସେମାନଙ୍କ ଟିମ୍ ମିଳିତ ଭାବେ ଏହି ସେଭଫୁଲର ଆପ୍‌କୁ ବିକଶିତ କରିଛନ୍ତି ।

# ନିଯୁକ୍ତି ଉପରେ କଟକଣା ଚାଇନା ପାଚେରି ଭଳି ନୁହେଁ ଅଭେଦ୍ୟ : ହାଇକୋର୍ଟ

କଟକ(ସବ୍ୟୁ): କୌଣସି କଟକଣା ଆଳରେ ପରବର୍ତ୍ତୀ ସମୟରେ ଦିଆଯାଉଥିବା ନିଯୁକ୍ତି ବେଆଇନ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ଯଦି କୌଣସି କାରଣ ପାଇଁ ନିଯୁକ୍ତି ଆଦି ଉପରେ କଟକଣା ଲାଗୁ କରାଯାଉଛି ତାହେଲେ ଉକ୍ତ କଟକଣା ଚାଇନା ପ୍ରାଚୀର ଭଳି ଅଭେଦ୍ୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ୧୯୯୩ ମସିହା ଏପ୍ରିଲ ୧୨ ତାରିଖ ପରେ ଯେକୌଣସି ବିଭାଗରେ କାହାରିକୁ ନିୟମିତ ନିଯୁକ୍ତି ଦିଆଯାଇ ପାରିବ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ଏକ ଚିଠି କରାଯାଇଥିଲା । ଏହି ଧାର୍ଯ୍ୟ ସମୟ ପରେ କଟକ ପୌରାଞ୍ଚଳରେ ଏଏନ୍‌ଏମ୍‌ରେ ଚାକିରି ପାଇଥିବା କିଛି ବ୍ୟକ୍ତିଙ୍କ ନିଯୁକ୍ତିକୁ ଜଣିକିଆ ବିଚାରପତି ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲାବେଳେ ଏହି ଚିଠି ଆଧାରରେ ତାଙ୍କ ନିଯୁକ୍ତି ବେଆଇନ ବୋଲି ଦର୍ଶାଇ ରାଜ୍ୟ ସରକାର ରିଟ୍ ଅପିଲ୍‌ରେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ରିଟ୍ ଅପିଲ୍‌କୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଏପରିକି ଖୋଦ୍ ସରକାର ଏଭଳି କଟକଣା ଲଗାଇବା ପରେ ମଧ୍ୟ ହଜାର ହଜାର ଲୋକଙ୍କୁ ବିଭିନ୍ନ ପଦପଦବିରେ ନିଯୁକ୍ତି ଦେଉଛନ୍ତି । ଯାହାକି ରାଜ୍ୟ ସରକାର ନିଜେ ବେଆଇନ ନିଯୁକ୍ତି ଦେଉଛନ୍ତି ବୋଲି କୁହାଯାଇ ପାରିବ । ଏହି କଟକଣା ସତ୍ତ୍ୱେ ଏହିଭଳି ଅନେକ ମାମଲାରେ ଉଭୟ ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ମଧ୍ୟ ଅନେକ ଆବେଦନକାରୀଙ୍କୁ ନିୟମିତ ପାଇଁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆହୁରିମଧ୍ୟ ଅନେକ ଅଧିକାରୀ ଏହି କଟକଣାକୁ ବେଖାତିର୍ କରି କିଛି ଲୋକଙ୍କୁ ନିୟମିତ ପଦରେ ନିଯୁକ୍ତି ଦେଉଥିବା ସତ୍ତ୍ୱେ ସେମାନଙ୍କ ବିରୋଧରେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କେବଳ ଅର୍ଥନୈତିକ ଚାପ ପାଇଁ ଏଭଳି କଟକଣା ଅଣାଯାଇଥାଏ । ଯଦି ରାଜ୍ୟ ସରକାର ପ୍ରକୃତରେ ଏଭଳି କିଛି କଟକଣା ଲଗାଉଥାନ୍ତି ତାହେଲେ ଉଲଂଘନ ସମୟରେ ମଧ୍ୟ ଏହାର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରିଥାନ୍ତେ ବୋଲି ହାଇକୋର୍ଟ କହିଛନ୍ତି ।

# ପିସିସି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନାଲକୋ ଛକ ସ୍ଥିତ ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମିର କୁମାର ରାଉତରାୟ, ଡ. ଦେବାଶିଷ ପଟ୍ଟନାୟକ, ମିନାକ୍ଷି ବାହିନୀପତି, ପ୍ରକାଶ ଜେନା, ଅଭୟ ସାହୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ରଜନୀ ମହାନ୍ତି, ସୁମିତା ବିଶ୍ୱାଳ, ବିଶ୍ୱକଲ୍ୟାଣୀ କର, ଗିତାଞ୍ଜଳି ମହାନ୍ତି, ତରୁଣ ମିଶ୍ର, ଆଲୋକ ମହାନ୍ତି, ମୋଟରାଜ ଡୁଙ୍ଗଡୁଙ୍ଗ, କୁସୁମ ପ୍ରଧାନ, ଭାସ୍କର ସେଠୀ, ଶ୍ରେୟସ୍ମିତା ପଣ୍ଡା, ମିହିର ଆଚାର୍ଯ୍ୟ, ରାଜକିଶୋର ବାରିକ, ଦେବେନ୍ଦ୍ର ପ୍ରସାଦ ଦାସ, ଖଗେଶ୍ୱର ମଲ୍ଲିକ, ଗୋପାଳ ଖଣ୍ଡେଲୱାଲ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ଶହୀଦ ଦିବସ

# ଗାନ୍ଧୀ ସ୍ମୃତି ପୀଠରେ ପଲ୍ଲିଶ୍ରୀ ମେଳା ଓ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

କଟକ, (ସବ୍ୟୁ): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଆଜି ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠଠାରେ ଜିଲ୍ଲାସ୍ତରୀୟ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳେ ଗାନ୍ଧୀ ସ୍ମୃତି ପୀଠଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା, କଟକ ମହାନଗର ନିଗମ ଅତିରିକ୍ତ କମିଶନର ଶ୍ରୀମତୀ ସୋନା ଟୁଡୁ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାଶ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜାତିର ପିତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧୀଜୀଙ୍କ ଜୀବନୀ ଓ ଓଡିଶା ଆଗମନ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ଏହି ଫଟୋଚିତ୍ର ପ୍ରଦର୍ଶନୀ ଜାରି ରହିବ । ଏହି ଫଟୋଚିତ୍ର ପ୍ରଦର୍ଶନୀରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଫଟୋଚିତ୍ର ସାମିଲ ରହିଛି । ଅପରାହ୍ନରେ ମାନ୍ୟବର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାସ୍ତରୀୟ ଶହୀଦ ଦିବସ ଓ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗାନ୍ଧିଜୀଙ୍କ ମାର୍ଗଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମାନ୍ୟବର ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗାନ୍ଧୀ ସ୍ମୃତି ପୀଠର ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ଗାନ୍ଧୀଙ୍କ ବାଣୀକୁ ନିଜ ଜୀବନର ଅଂଶ ଭାବେ ପରିଗଣିତ କରିବାକୁ କହିଥିଲେ । ସମ୍ମାନିତ ଅତିଥି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିଜ ଅଭିଭାଷଣରେ ଜାତିର ପିତାଙ୍କ ସ୍ମୃତି ଚାରଣ କରି ସ୍ୱଦେଶୀ ଜିନିଷ ଆପଣେଇବାକୁ ଆହ୍ୱାନ ଦେଇଥିଲେ । କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଓରମାସର ଷ୍ଟଲ ସ୍ଥାନ ପାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କାତାଯାଉଛି । ଏହି ମେଳା ତିନିଦିନ ଧରି ଚାଲିବ ।

# ଫିଜିକ୍ସୱାଲା ପକ୍ଷରୁ ୧୦ମ ଶ୍ରେଣୀ ଆଶାର୍ଥୀଙ୍କ ପାଇଁ ଫ୍ରି ଡାଉଟ କ୍ଲିୟର ସୁବିଧା

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଅନୁଷ୍ଠାନ 'ଫିଜିକ୍ସୱାଲା' (ପିଡବ୍ଲୁ) ୨୦୨୬ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାର୍ଥୀଙ୍କ ପାଇଁ ଏକ ନୂଆ ସହାୟତା କାର୍ଯ୍ୟକ୍ରମ ଘୋଷଣା କରିଛି । ଏଥିରେ ସାରା ଦେଶର ଛାତ୍ରଛାତ୍ରୀମାନେ ମାଗଣାରେ ନିଜର ଡାଉଟ କ୍ଲିୟର କରିପାରିବେ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ । ଏହି ସୁବିଧା କେବଳ ପିଡବ୍ଲୁ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ବରଂ ଦେଶର ସମସ୍ତ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଉପଲବ୍ଧ । ପରୀକ୍ଷା ସମୟରେ ପିଲାଙ୍କ ଉପରୁ ପାଠପଢ଼ା ଚାପ କମାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତିକୁ ଆହୁରି ମଜବୁତ୍ କରିବା ପାଇଁ ପିଡବ୍ଲୁ ବିଜ୍ଞାନ ଓ ଗଣିତ ବିଷୟରେ 'ଅଫ୍‌ଲାଇନ୍ ପ୍ରି-ବୋର୍ଡ' ପରୀକ୍ଷା କରାଇବ । ଏହି ପରୀକ୍ଷା ସାରା ଦେଶରେ ଥିବା ପିଡବ୍ଲୁର ବିଭିନ୍ନ ସେଂଟର (ଯଥା: ବିଦ୍ୟାପୀଠ, ପାଠଶାଳା ଏବଂ ଟ୍ୟୁସନ୍ ସେଂଟର) ଗୁଡ଼ିକରେ ଅନୁଷ୍ଠିତ ହେବ ।

ଏହି ଅବସରରେ ଫିଜିକ୍ସୱାଲା (ପିଡବ୍ଲୁ) ର ସିଇଓ ଅଙ୍କିତ ଗୁପ୍ତା କହିଛନ୍ତି ଯେ, "ଶିକ୍ଷାରେ କୌଣସି ସୀମା ରହିବା ଉଚିତ୍ ନୁହେଁ, ବିଶେଷକରି ଯେତେବେଳେ ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛନ୍ତି । ଆମେ ଜାଣୁ ଯେ ଅନେକ ପିଲାଙ୍କ ପାଖରେ ଉପଯୁକ୍ତ ସହାୟତା ନଥାଏ ଏବଂ ଗୋଟିଏ ଛୋଟ ସନ୍ଦେହ ମଧ୍ୟ ସେମାନଙ୍କୁ ଚିନ୍ତାରେ ପକାଇପାରେ । ତେଣୁ ଆମେ ଆମର ସମସ୍ତ ସେଂଟରକୁ ସବୁ ପିଲାଙ୍କ ପାଇଁ ଖୋଲି ଦେଇଛୁ ସେମାନେ ଆମ ପାଖରେ ନାମ ଲେଖାଇଥାନ୍ତୁ ବା ନଥାନ୍ତୁ । ଆମେ ଚାହୁଁ ପିଲାମାନେ ଆତ୍ମବିଶ୍ୱାସର ସହ ପରୀକ୍ଷା ଦିଅନ୍ତୁ ଏବଂ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ । ସାରା ଦେଶର ଛାତ୍ରଛାତ୍ରୀମାନେ ନିଜ ପାଖରେ ଥିବା ପିଡବ୍ଲୁ ସେଂଟର (ଯେପରିକି ବିଦ୍ୟାପୀଠ ବା ପାଠଶାଳା) କୁ ଯାଇ 'ଡାଉଟ୍ ବଷ୍ଟର ପାସ୍' ସଂଗ୍ରହ କରିପାରିବେ । ଏହି ପାସ୍ ବୋର୍ଡ ପରୀକ୍ଷା ଶେଷ ହେବା ଯାଏଁ କାମ କରିବ । ଏହା ମାଧ୍ୟମରେ ପିଲାମାନେ ସମୟ ବୁକ୍ କରି ନିଜର ସନ୍ଦେହ ପଚାରିପାରିବେ । ଅଭିଜ୍ଞ ଶିକ୍ଷକମାନେ ପିଲାଙ୍କ ପ୍ରଶ୍ନର ଉତ୍ତର ଦେବେ ।

# ଆଡଭେନ୍ ଏନଏବିଏଲ ପ୍ରମାଣପତ୍ର ହାସଲ କରିବାରେ ଭାରତର ପ୍ରଥମ ହୋମିଓପ୍ୟାଥ୍ ବ୍ରାଣ୍ଡ

ଭୁବନେଶ୍ୱର (ସବ୍ୟୁ): ଭାରତର ପାରମ୍ପରିକ ଔଷଧ କ୍ଷେତ୍ର ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ, ଆଡଭେନ୍ ବାୟୋଟେକ୍ ଏନଏବିଏଲ (ନ୍ୟାସନାଲ୍ ଆକ୍ରେଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ୍ ଲାବୋରେଟୋରିଜ୍) ପ୍ରମାଣପତ୍ର ପାଇବାରେ ଦେଶର ପ୍ରଥମ ହୋମିଓପାଥି ବ୍ରାଣ୍ଡ ହୋଇଛି, ଯାହା ଆୟୁଷ ମନ୍ତ୍ରଣାଳୟଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ ବିଶ୍ୱ-ଗୁଣବତା ସ୍ୱାସ୍ଥ୍ୟସେବା ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୃଢ଼ କରୁଛି । ଏନଏବିଏଲ ପ୍ରମାଣପତ୍ର ସହିତ, ଆଡଭେନ୍ ବାୟୋଟେକ୍ ହୋମିଓପାଥିକ୍ ଔଷଧ ଉତ୍ପାଦନରେ ସଠିକତା, ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଏନଏବିଏଲ ମାନ୍ୟତା ନିଶ୍ଚିତ କରେ ଯେ ଆଡଭେନ୍‌ର ଗୁଣବତା ନିୟନ୍ତ୍ରଣ ଏବଂ ପରୀକ୍ଷଣ ପ୍ରୟୋଗଶାଳାଗୁଡ଼ିକ ସବୁଠାରୁ କଠୋର ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରେ ।




# ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଜାନୁୟାରୀ ମାସର ସାରସ୍ୱତ ଆସର ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦରୟୁ ଟ୍ୟୁବ ପତ୍ରିକା 'ପାହାଚ'ର ପ୍ରଚାର ପ୍ରସାର ବ୍ୟାପକ କରିବା ସହିତ କିପରି ଅଧିକ ଲୋକପ୍ରିୟତା ହାସଲ କରିବ ସେଥିପାଇଁ ସମସ୍ତେ ଯତ୍ନବାନ୍ ହେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ପୀୟୂଷ ରଞ୍ଜନ ପରିଡା । ସଂଯୋଜନା କରିଥିଲେ ରଶ୍ମିତା ମହାନ୍ତ । ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ , ବନ୍ଦିତା ଦାଶ,କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ,ନିବେଦିତା ବେହେରା, ପୀୟୂଷ ରଞ୍ଜନ ପରିଡା,ରଶ୍ମିତା ମହାନ୍ତ ଓ ସୁଶାନ୍ତ ଧର ସ୍ୱରଚିତ କବିତା ପାଠ କରିଥିଲେ । ବିଜନବାଳା ପାଟଯୋଷି ସ୍ୱରଚିତ ଗଳ୍ପ ପାଠ କରିଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ନିବେଦିତା ବେହେରା ।



### ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳିତ

ଭୁବନେଶ୍ୱର, (ସବ୍ୟୁ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା



ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ପାର୍କ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ ହୋଇଅଛି । ଏହି ଅବସରରେ ଏକ ଭବ୍ୟ ପ୍ରଭାତଫେରୀରଆୟୋଜନକରାଯାଇଥିଲା, ଏହି ପ୍ରଭାତ ଫେରିଟି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ରାମଧୂନ ଗାନ ସହିତ ବିଭିନ୍ନ ସ୍ଲୋଗାନ ମାନ ଦିଆଯାଇଥିବାର ଦେଖାଯାଇଥିଲା । ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଗାନ୍ଧୀଙ୍କ ଅମୂଲ୍ୟ ଜୀବନ ଆଦର୍ଶ ଉପରେ ଅତିଥିମାନେ ମତବ୍ୟକ୍ତ କରି କହିଥିଲେ, ଗାନ୍ଧୀ ଆଜିବି ସାରା ମାନବ ସମାଜର ଅଦୃଷ୍ଟ ପଥ ପ୍ରଦର୍ଶକ । ସୃଷ୍ଟିରେ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଗାନ୍ଧୀ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରାସଙ୍ଗିକ ହୋଇ ରହିଥିବେ । ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସୁକାନ୍ତ କିଶୋର ପଣ୍ଡା, ଅନୁପମା ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ବିଶ୍ୱଜିତ୍ ପଟ୍ଟନାୟକ, ରାଣୀ ଚଂପତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁମିତ୍ରା ମଲ୍ଲିକ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଜୟରାମ ବେହେରା, ଅମିତ୍ ପାତାଳ ସିଂ, ସବିତା ପଣ୍ଡା, ଉର୍ବଶୀ ନାୟକ, ଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦାନ କରି ଜାତିର ପିତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଅଜିମ ପ୍ରେମ୍‌ଜୀ ୟୁନିଭରସିଟି ପକ୍ଷରୁ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା

ଭୁବନେଶ୍ୱର (ସବ୍ୟୁ): ଅଜିମ ପ୍ରେମ୍‌ଜୀ ୟୁନିଭରସିଟି ଶିକ୍ଷକ ଏବଂ ଏଡୁକେଟରମାନଙ୍କ ନିମନ୍ତେ ତାହାର ସ୍ନାତକୋତ୍ତର (ପୋଷ୍ଟଗ୍ରାଜୁଏଟ) ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଶୁଭାରମ୍ଭ କରିଛି ଏବଂ ଏହା ୟୁନିଭରସିଟିର ବେଙ୍ଗାଲୁରୁ କ୍ୟାମ୍ପସ୍‌ରେ କରାଯିବ । ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମରେ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ଇନ୍ ୟର୍ଲି ଚାଇଲ୍‌ଡହୁଡ୍ ଏଜୁକେସନ, ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ଇନ୍ ଏଜୁକେସନାଲ ଆସେସ୍‌ମେଣ୍ଟକ୍ଷଗ୍ସ; ଏବଂ ପୋଷ୍ଟଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ଟିଚିଂ ଚିଲଡ୍ରେନ ୱିଥ୍ ଲର୍ଣ୍ଣିଂ ଡିଜାବିଲିଟିଜ୍ ଆଦି ପାଠ୍ୟକ୍ରମ ଯୋଗାଇ ଦିଆଯିବ । ଏକ ବର୍ଷିଆ ପାର୍ଟ-ଟାଇମ୍ ପୋଷ୍ଟଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମରେ ଲିଖିତ ଓ ପ୍ରାକ୍ଟିକାଲ ଶିକ୍ଷଣର ସମ୍ମିଶ୍ରଣ ରହିଛି ଏବଂ ଏହା ଉଭୟ ଅନ୍‌ଲାଇନ ଓ ଅନ୍-କ୍ୟାମ୍ପସ୍ ଅଧିବେଶନରେ ହାଇବ୍ରିଡ୍ ଫର୍ମାଟରେ ଯୋଗାଇ ଦିଆଯାଉଛି । ନିୟମିତ ସ୍କୁଲ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଶିକ୍ଷକ ଏବଂ ଶିକ୍ଷାଗତ ବୃତ୍ତିଧାରୀଙ୍କ ପାଇଁ ଉଚ୍ଚ ଗୁଣାତ୍ମକ ବୃତ୍ତିଗତ ବିକାଶକୁ ସମର୍ଥନ କରିବାକୁ ଏହି ପାଠ୍ୟକ୍ରମ ଡିଜାଇନ କରାଯାଇଛି । ଏହି ନମନୀୟ ପାଠ୍ୟକ୍ରମ ଢାଞ୍ଚା ବୃତ୍ତିଧାରୀଙ୍କୁ ସେମାନଙ୍କ କାର୍ଯ୍ୟ ଜାରି ରଖିବା ସମୟରେ ଶିକ୍ଷାଲାଭ କରିବାକୁ ସୁଯୋଗ ପ୍ରଦାନ କରୁଛି ।

# ରାଜ୍ୟ ସରକାର ଭୁଲ ତଥ୍ୟ ଦେଇ ବିଶ୍ୱ ବ୍ୟାଙ୍କ ଟିମ୍ ଓ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ଆଗରେ ଭୁଲ ତଥ୍ୟ ଉପସ୍ଥାପନ କରି ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିଛନ୍ତି ବୋଲି ବିଜୁ ଜନତା ଦଳ ଆଜି ଅଭିଯୋଗ କରିବା ସହିତ ଗତ ୧୮ ମାସରେ ଅଧିକାଂଶ କ୍ଷେତ୍ରରେ ରାଜ୍ୟ କିପରି ପଛକୁ ଯାଇଛି, ତାର ବାସ୍ତବ ଚିତ୍ର ଉପସ୍ଥାପନ କରିଛି । ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଅଜୟ ବଙ୍ଗା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଭେଟି ରାଜ୍ୟର ଦୀର୍ଘକାଳୀନ ବିକାଶ ଅଗ୍ରାଧିକାର, ଅର୍ଥନୈତିକ ସଂସ୍କାର ଏବଂ ନିଯୁକ୍ତି ସୃଷ୍ଟି ଉପରେ ଆଲୋଚନା କରିଥିଲେ । ଏହି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦିଆଯାଇଥିଲା ।

ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟ ବିଜେପି ସରକାର, ବିଶ୍ୱ ବ୍ୟାଙ୍କ ଟିମ୍ ଏବଂ ସାଢେ ଚାରି କୋଟି ଓଡ଼ିଆଙ୍କ ଆଗରେ ଓଡ଼ିଶାର ବର୍ତ୍ତମାନ ଅର୍ଥନୀତିର ଏକ ଗୋଲାପି ଚିତ୍ର ଉପସ୍ଥାପନ କରି ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି । ବିଜେଡି ସରକାରଙ୍କ କାର୍ଯ୍ୟକାଳରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତିଶୀଳ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶା ନୀତି ଆୟୋଗଙ୍କ ଆର୍ଥିକ ପରିଚାଳନା ସୂଚକାଙ୍କରେ ଭାରତରେ ୧ମ ସ୍ଥାନ ଲାଭ କରିଥିଲା । ଦେଶରେ ଓଡ଼ିଶାର ଋଣ ଭାର ସର୍ବନିମ୍ନ ଥିଲା ଏବଂ ୨୪ ବର୍ଷର କାର୍ଯ୍ୟକାଳରେ ମୋଟ ଋଣ ଥିଲା ମାତ୍ର ୭୮,୦୦୦ କୋଟି ଟଙ୍କା । ବିଶ୍ୱ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନା ମଡେଲ୍‌କୁ ପ୍ରଶଂସା କରିଥିଲେ ।

ବିଜେପି କ୍ଷମତାକୁ ଆସିବା ପରଠାରୁ ଆର୍ଥିକ ପରିଚାଳନା ବିପରୀତ ଦିଗରେ ଗତି କରିଛି । ଓଡ଼ିଶାର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ଏବଂ ଏହା ଆହୁରି ଖରାପ ହେଉଛି । ବିଜେପି ସରକାର ମାତ୍ର ୧୮ ମାସରେ ୯୧,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି । ଦୁର୍ଭାଗ୍ୟର କଥା ଯେ ୩୮% ଋଣ ଖୋଲା ବଜାରରୁ ନିଆଯାଇଛି, ଯାହା ବିଶ୍ୱ ବ୍ୟାଙ୍କ ନିର୍ଦ୍ଦେଶିକାକୁ ସ୍ପଷ୍ଟ ଭାବେ ଉଲ୍ଲଂଘନ କରୁଛି । ବିତ୍ତୀୟ ନିଅଣ୍ଟ ହାର ୧.୭% ରୁ ବଢ଼ି ୩.୫ % ହୋଇଛି ଏବଂ ପ୍ରାଥମିକ ନିଅଣ୍ଟ ୧.୧% ରୁ ବଢ଼ି ୨.୯ % ହୋଇଛି । ଏହି ସମୟରେ ଓଡ଼ିଶାର ଜିଏସ୍ଡିପି ବୃଦ୍ଧି ଦର ୯.୬% ରୁ ଖସି ୭.୨% ହୋଇଛି । କୃଷି କ୍ଷେତ୍ରରେ ଅଭିବୃଦ୍ଧି ୭.୬% ରୁ ଖସି ୩.୮% ହୋଇଛି । ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ୮.୭% ରୁ ଖସି ୬.୧% ହୋଇଛି । ସେବା କ୍ଷେତ୍ରରେ ୧୧.୫% ରୁ ଖସି ୧୦% ହୋଇଛି । ରାଜ୍ୟ ବିଜେପି ସରକାରଙ୍କୁ ରାଜ୍ୟର ୪.୫ କୋଟି ଓଡ଼ିଆଙ୍କ ଆଗରେ ସତ୍ୟ ତଥ୍ୟ ପ୍ରଦାନ କରନ୍ତୁ ଏବଂ ଓଡ଼ିଶାର ବର୍ତ୍ତମାନର ଅର୍ଥନୀତି ବିଷୟରେ ଭୁଲ ଓ ଅତିରଞ୍ଜିତ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି ।

## ମହାକାଶରେ ଖୋଲିବ ଏଆଇ ଡାଟା ସେଣ୍ଟର

**ନୂଆଦିଲ୍ଲୀ:** ଏଲନ୍ ମସ୍କ ମହାକାଶ ଜଗତରେ ଇତିହାସ ସୃଷ୍ଟି କରିବାକୁ ଯାଉଛନ୍ତି। ବିଶ୍ୱର ସବୁଠାରୁ ବଡ଼ ବ୍ୟବସାୟୀ, ଏଲନ୍ ମସ୍କ, ମହାକାଶ ଏବଂ ଏଆଇ ଜଗତରେ ନୂଆ ଇତିହାସ ସୃଷ୍ଟି କରିବାକୁ ଯୋଜନା କରୁଛନ୍ତି। ସେ ତାଙ୍କର ଦୁଇଟି କମ୍ପାନୀ, ସ୍ପେସ ଏକ୍ସ ଏବଂ ଏକ୍ସ ଏଆଇକୁ ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ଯଦି ଏହି ମିଶ୍ରଣ ହୁଏ, ତେବେ ଏଲନ୍ ମସ୍କଙ୍କ ପରବର୍ତ୍ତୀ ପ୍ରକଳ୍ପ ହେବ ମହାକାଶରେ ଏକ ଏଆଇ ଡାଟା ସେଣ୍ଟର ନିର୍ମାଣ କରିବା, ଏକ ପ୍ରକାରର ସୌରଚାଳିତ ଉପଗ୍ରହ ଯାହାକୁ ସ୍ପେସ ଏକ୍ସ ପୃଥିବୀର କକ୍ଷପଥରେ ପ୍ରକ୍ଷେପଣ କରିବ।

ଏଲନ୍ ମସ୍କ ବିଶ୍ୱାସ କରନ୍ତି ଯେ ଭବିଷ୍ୟତରେ, ମହାକାଶରେ ଏଆଇ କମ୍ପ୍ୟୁଟିଂ ଆବଶ୍ୟକ ହେବ, ଏବଂ ଏଥିପାଇଁ ଏଆଇ ଡାଟା ସେଣ୍ଟରଗୁଡ଼ିକର ଆବଶ୍ୟକତା ପଡ଼ିବ, ଯାହା ଏଆଇ କମ୍ପ୍ୟୁଟିଂ ଡାଟା ସଂରକ୍ଷଣ କରିବ। ଏହି ଡାଟା ମହାକାଶ ଏଜେନ୍ସିଗୁଡ଼ିକ ପାଇଁ ସର୍ବାଧିକ ଲାଭଦାୟକ ହେବ, ମହାକାଶ ମିଶନର ଖର୍ଚ୍ଚ ହ୍ରାସ କରିବ। ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ମଧ୍ୟ ଏକ ବିପ୍ଳବ ଦେଖିବ, କାରଣ ଭବିଷ୍ୟତ ଏଆଇ ପ୍ରଯୁକ୍ତିର, ଯାହା ପୂର୍ବରୁ ପୃଥିବୀରେ ବ୍ୟବହୃତ ହେଉଛି ଏବଂ ସମସ୍ତ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାକୁ ପଛରେ ପକାଇପାରେ।

ଏଆଇ ଡାଟା ସେଣ୍ଟର ଏକ ପ୍ରକାରର ଉପଗ୍ରହ ହେବ ଯାହା ଚନ୍ଦ୍ର ପରି ପୃଥିବୀକୁ କକ୍ଷପଥରେ ପ୍ରଦକ୍ଷିଣ କରିବ। ଏହା ସୌର ପ୍ୟାନେଲ୍




ସହିତ ସଜ୍ଜିତ ହେବ, ଯାହା କେନ୍ଦ୍ରକୁ ଏହାର କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇବ। ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ କହିଛନ୍ତି ଯେ ଗ୍ରୋକ୍ ଏବଂ ଚାଟଜିପିଟିକୁ ଏଆଇ କମ୍ପ୍ୟୁଟିଂ ପାଇଁ ପ୍ରଚୁର ଶକ୍ତି ଆବଶ୍ୟକ, କିନ୍ତୁ ପୃଥିବୀରେ ଶକ୍ତି ଉତ୍ସଗୁଡ଼ିକ ହ୍ରାସ ପାଉଛି, ତେଣୁ ଏଆଇ ଡାଟା ସେଣ୍ଟରଗୁଡ଼ିକୁ ମହାକାଶରେ ନିର୍ମାଣ କରାଯିବା ଉଚିତ ଯାହା ଦ୍ୱାରା ସେମାନେ ସୂର୍ଯ୍ୟକିରଣରୁ ଶକ୍ତି ବ୍ୟବହାର କରି କାର୍ଯ୍ୟ କରିପାରିବେ।

ଏଲନ ମସ୍କ ସମ୍ପ୍ରତି ବିଶ୍ୱ ଅର୍ଥନୈତିକ ଫୋରମରେ ମହାକାଶରେ ଏକ ଏଆଇ ଡାଟା ସେଣ୍ଟର ନିର୍ମାଣ କରିବାର ତାଙ୍କର ଧାରଣା ଉଲ୍ଲେଖ କରି କହିଛନ୍ତି ଯେ ତାଙ୍କ କମ୍ପାନୀ, ସ୍ପେସ୍ ଏକ୍ସ, ବିଶ୍ୱକୁ ଷ୍ଟାରଲିଙ୍କ ଇଣ୍ଟରନେଟ୍ ସେବା ପ୍ରଦାନ କରିବା ପାଇଁ ପୃଥିବୀର କକ୍ଷପଥରେ ହଜାର ହଜାର ଉପଗ୍ରହ ଉତ୍ କ୍ଷେପଣ କରିଛି, ଏବଂ ବର୍ତ୍ତମାନ ସେ ସ୍ପେସ ଏକ୍ସ ମାଧ୍ୟମରେ ଏକ ଉପଗ୍ରହ ପରି ଏଆଇ ସେଣ୍ଟର ଉତ୍ କ୍ଷେପଣ କରିବାକୁ ଚାହୁଁଛନ୍ତି, କାରଣ ମହାକାଶରେ ଏକ ସୌରଚାଳିତ ଡାଟା ସେଣ୍ଟର ନିର୍ମାଣ କରିବା ସହଜ, ଏବଂ ଏହି ସ୍ୱପ୍ନ ଆଗାମୀ ଦୁଇ କିମ୍ବା ତିନି ବର୍ଷ ମଧ୍ୟରେ ବାସ୍ତବତାରେ ପରିଣତ ହେବ।

ଯାହା କମ୍ପାନୀର ମୂଲ୍ୟକୁ ଏକ ଟ୍ରିଲିୟନ ଡଲାରରୁ ଅଧିକ କରିବ। ଆଇପିଓରୁ ପ୍ରାପ୍ତ ଆୟକୁ ମହାକାଶରେ ଏକ ଏଆଇ ଡାଟା ସେଣ୍ଟର ନିର୍ମାଣ ପାଇଁ ବ୍ୟବହାର କରାଯାଇପାରିବ ବୋଲି ଆଲୋଚନା ହେଉଛି। ତଥାପି, ମହାକାଶ ବୈଜ୍ଞାନିକମାନେ କହିଛନ୍ତି ଯେ ମହାକାଶରେ ଏକ ଏଆଇ ଡାଟା ସେଣ୍ଟର ନିର୍ମାଣ କରିବା ଏକ ସହଜ କାମ ନୁହେଁ। ମହାକାଶରେ ସାଟେଲାଇଟ୍ ଅଳିଆ ପୂର୍ବରୁ ବିଛାଡ଼ି ହୋଇ ରହିଛି, ଯାହା ସାଟେଲାଇଟ୍ ସହିତ ଧକ୍କା ଖାଇପାରେ ଏବଂ କେନ୍ଦ୍ରକୁ କ୍ଷତି ପହଞ୍ଚାଇପାରେ। ତାରାରୁ ଆସୁଥିବା କଳା ଗର୍ତ୍ତ ଏବଂ ମହାଜାଗତିକ କିରଣ ସାଟେଲାଇଟ୍ ହାର୍ଡୱେର୍କୁ କ୍ଷତି ପହଞ୍ଚାଇପାରେ। ସଫଳତା ଏବଂ ବିଫଳତା ମୂଲ୍ୟାଙ୍କନ କରିବା ପାଇଁ ପ୍ରଥମେ ଏକ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବା ଉଚିତ।

# ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀକୁ ବିଶ୍ୱବ୍ୟାପୀ ସମର୍ଥନ: ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ:** ଆସନ୍ତା ଫେବୃଆରୀ ୧୬ରୁ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆୟୋଜନ କରାଯିବ। ଗ୍ଲୋବାଲ୍ ସାଉଥରେ ପ୍ରଥମ ଥର ପାଇଁ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଆଜି ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ତରଫରୁ (ଏମଇଆଇଟିୱାଇ) ଏକ ଉଚ୍ଚସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଏହି ସମ୍ମିଳନୀ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ; ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ଅଜୟ ସୁଦ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।




ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରମୁଖ ଘଟଣାକ୍ରମ ଗୁଡ଼ିକ ବିଷୟରେ ଉଲ୍ଲେଖ କରାଯାଇଥିଲା। ସମ୍ମିଳନୀରେ ଅଂଶଗ୍ରହଣକୁ ନେଇ ବିଶ୍ୱ ସ୍ତରରେ ପ୍ରକାଶ ପାଇଥିବା ଆଗ୍ରହ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀର ପ୍ରତ୍ୟାଶିତ ଫଳାଫଳଗୁଡ଼ିକ ସମ୍ପର୍କରେ ମଧ୍ୟ ପୂର୍ବାଲୋକନ କରାଯାଇଥିଲା। ସମ୍ମିଳନୀ ଆୟୋଜନ ଲାଗି ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସୂଚନା ଦିଆଯାଇଥିଲା। ଶ୍ରୀ ବୈଷ୍ଣବ କହିଥିଲେ, ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀକୁ ନେଇ ସାରା ବିଶ୍ୱରୁ ବ୍ୟାପକ ଏବଂ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି । ଏହା ବିଶ୍ୱସ୍ତରରେ ବର୍ତ୍ତମାନ ସୁଦ୍ଧା ସବୁଠାରୁ ବଡ଼ ଏଆଇ ଶିଖର ସମ୍ମିଳନୀ ହେବାକୁ ଯାଉଛି। ମଡେଲ, ଆପ୍ଲିକେସନ୍ ଏବଂ ଭିତ୍ତିଭୂମି ସମେତ ଏଆଇ ମୂଲ୍ୟ ଶୃଙ୍ଖଳରେ କାର୍ଯ୍ୟ କରୁଥିବା ଶିଳ୍ପପତି, ଡେଭଲପର ଏବଂ ଉଦ୍ଭାବନକାରୀଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାମ୍ପ୍ରତିକ ଆଲୋଚନା ବିଷୟରେ ସେ ଉଲ୍ଲେଖ କରିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ଏପରି ମତବିନିମୟ ପ୍ରୟାସ ଭାରତର ଏଆଇ ଇକୋସିଷ୍ଟମର ବ୍ୟବସ୍ଥିତ ପ୍ରଗତି ଏବଂ ନିୟୋଜନ ଆଧାରିତ ସମାଧାନ ପ୍ରତି ବିଶେଷ ଗୁରୁତ୍ୱକୁ ପ୍ରତିଫଳିତ କରୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରମୁଖ ଆଇଟି କମ୍ପାନୀ ଗୁଡ଼ିକ ୨୦୦ରୁ ଅଧିକ କେନ୍ଦ୍ରିତ କ୍ଷେତ୍ର-ନିର୍ଦ୍ଦିଷ୍ଟ ଏଆଇ ମଡେଲ ବିକଶିତ କରିଛନ୍ତି, ଯାହାକୁ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଆରମ୍ଭ କରାଯିବାର ପ୍ରସ୍ତାବ ରହିଛି। ସେ ଆହୁରି କହିଥିଲେ, ଏଆଇ ଭିତ୍ତିଭୂମି ସ୍ତରରେ ପ୍ରାୟ ୭୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ନିବେଶ ପୂର୍ବରୁ ଆସି ସାରିଛି । ସମ୍ମିଳନୀ ଶେଷ ସୁଦ୍ଧା ଏହା ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି। ଏଆଇ ଭିତ୍ତିଭୂମି ଏବଂ ଶିଳ୍ପ ଆଧାରିତ ପାଠ୍ୟକ୍ରମକୁ ୫୦୦ ବିଶ୍ୱବିଦ୍ୟାଳୟକୁ ବିସ୍ତାର କରି ଏଆଇ ପ୍ରତିଭା ବିକାଶକୁ ବୃଦ୍ଧି କରାଯିବ, ଯାହା ଏହି କ୍ଷେତ୍ର ପାଇଁ ଏକ ଦୃଢ଼ ପ୍ରତିଭା ପାଇପଲାଇନ୍ ସୃଷ୍ଟି କରିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ। ଶ୍ରୀ ବୈଷ୍ଣବଙ୍କ ଦ୍ୱାରା ଏହି ଅବସରରେ "ଦି ଇମ୍ପାକ୍ଟ ଏଜେଣ୍ଡା: ଲିଡରସିପ୍ ରିଫ୍ଲେକ୍ସନ୍ସ" ଶୀର୍ଷକରେ ଏଆଇର ଭବିଷ୍ୟତ ଏବଂ ସମାବେଶୀ ଅଭିବୃଦ୍ଧି, ଉଦ୍ଭାବନ ଏବଂ ସାମାଜିକ ପ୍ରଭାବକୁ ଚଲାଇବାରେ ଏହାର ଭୂମିକା ଉପରେ ପ୍ରାୟ ୬୦ ଜଣ ପ୍ରମୁଖ ଶିଳ୍ପ ବିଶେଷଜ୍ଞଙ୍କ ବିଚାର ସମ୍ବଳିତ ଏକ ସଂକଳନକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଶିଖର ସମ୍ମିଳନୀ ପୂର୍ବରୁ ହାସଲ ହୋଇଥିବା ମାଇଲଖୁଣ୍ଟଗୁଡ଼ିକ ସମ୍ପର୍କରେ ଏହି ଅବସରରେ ସୂଚନା ଦିଆଯାଇଥିଲା। ଐତିହାସିକ ଆୟୋଜନ ସମୟରେ ଶିଳ୍ପ, ସରକାର, ଶିକ୍ଷାନୁଷ୍ଠାନ ଏବଂ ନାଗରିକ ସମାଜର ଭୂମିକା କିଭଳି ରହିବ ସେ ସମ୍ପର୍କରେ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏସ୍. କ୍ରିଷ୍ଣନ୍ ଆଲୋକପାତ କରି କହିଥିଲେ, ଜନସାଧାରଣ, ପୃଥିବୀ ଏବଂ ପ୍ରଗତି ସୂତ୍ର ଉପରେ ଆଧାରିତ ସମସ୍ତ ସାତଟି ବିଷୟବସ୍ତୁ କାର୍ଯ୍ୟକାରୀ ଗୋଷ୍ଠୀର ହାଇବ୍ରିଡ୍ ବୈଠକ ସଫଳତାର ସହ ସମାପ୍ତ ହୋଇଛି । ସେମାନଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସମାନ୍ତରାଳ ଭାବରେ, ମେଘାଳୟ, ଗୁଜରାଟ, ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ କେରଳରେ ଅନୁଷ୍ଠିତ ସମସ୍ତ ସାତଟି ଆଞ୍ଚଳିକ ଏଆଇ ଇମ୍ପାକ୍ଟ ସମ୍ମିଳନୀ ସମାପ୍ତ ହୋଇଛି । ଆଞ୍ଚଳିକ ସାମର୍ଥ୍ୟ, ବ୍ୟବହାର ମାମଲା ଏବଂ ଶାସନ ପ୍ରସଙ୍ଗରେ ଜାତୀୟ ଏଆଇ ପ୍ରାଥମିକତାକୁ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି।

ମନ୍ତ୍ରଣାଳୟର ସଚିବ ଏସ. କ୍ରିଷ୍ଣନ କହିଥିଲେ, ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା। ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ଲାଭ ସମାଜର ଏକ ବିସ୍ତୃତ ବର୍ଗ ପର୍ଯ୍ୟନ୍ତ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ। ଗ୍ଲୋବାଲ୍ ସାଉଥ୍ ରେ ପ୍ରଥମ ଥର ଆୟୋଜନ ହେବାକୁ ଥିବା ବିଶ୍ୱ ଏଆଇ ସମ୍ମିଳନୀ ଭାବରେ ଏହି ଶିଖର ସମ୍ମିଳନୀ ଏଆଇ ଶାସନ ଏବଂ ମାନଦଣ୍ଡ ପ୍ରତି ଆଭିମୁଖ୍ୟକୁ ସମନ୍ୱିତ କରିବା ଉପରେ ଧ୍ୟାନ ଦିଆଯିବ। ଏହାର ଅନ୍ୟତମ ଲକ୍ଷ୍ୟ ହେଉଛି ବାସ୍ତବ-ବିଶ୍ୱ ପ୍ରୟୋଗଗୁଡ଼ିକରେ ଏଆଇର ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନ ଉପରେ ଏକ ସହଭାଗୀ ବିଶ୍ୱ ବୁଝାମଣାକୁ ପ୍ରୋତ୍ସାହିତ କରିବା।

ଶିଖର ସମ୍ମିଳନୀ ଅଧୀନରେ ଭାରତ ମଣ୍ଡପମ୍ ଏବଂ ସୁଷମା ସ୍ୱରାଜ ଭବନରେ ପ୍ରାୟ ୫୦୦ରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମାନ୍ତରାଳ ନେତୃସ୍ତରୀୟ ଆଲୋଚନା, ପ୍ରଦର୍ଶନୀ ଏବଂ ଫଳାଫଳ-ମୁଖୀ ଅଧିବେଶନଗୁଡ଼ିକ ଏଥିରେ ସାମିଲ ରହିବ । ଏଆଇ ଇମ୍ପାକ୍ଟ ଏକ୍ସପୋରେ ୮୪୦+ ପ୍ରଦର୍ଶକ ସାମିଲ ହେବେ । ଏଥିରେ ବିଭିନ୍ନ ଦେଶ, ମନ୍ତ୍ରଣାଳୟ, ରାଜ୍ୟ ସରକାର, ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ଗବେଷଣା ପ୍ରତିଷ୍ଠାନ ପାଭିଲିୟନ ରହିବ ଏବଂ ସେମାନେ ପ୍ରମାଣିତ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ଏଆଇ ସମାଧାନ ପ୍ରଦର୍ଶନ କରିବେ। ଇଣ୍ଡିଆ ଏଆଇ ଭାରତର ମୂଳ ଏଆଇ ମଡେଲ ଉପରେ ପ୍ରଗତି ମଧ୍ୟ ପ୍ରଦର୍ଶନ କରିବ।

## ଜେଲେନସ୍କିଙ୍କୁ ମସ୍କୋ ଆସିବାକୁ ନିମନ୍ତ୍ରଣ କଲେ ପୁଟିନ

**ନୂଆଦିଲ୍ଲୀ:**ଦୀର୍ଘଦିନ ଧରି ଚାଲିଥିବା ଯୁଦ୍ଧରେ ପଡିବ ଯବନିକା । ଆଉ ଲଢିବେନି ୟୁକ୍ରେନ ଏବଂ ଋଷ । ଏବେ ମୁହାଁମୁହିଁ କଥା ହେଲେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । କାରଣ ଶାନ୍ତି ଆଲୋଚନା ପାଇଁ ଜେଲେନସ୍କିଙ୍କୁ ଡାକିଛି ମସ୍କୋ । ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହସ୍ତକ୍ଷେପ ପରେ ମସ୍କୋ ଏପରି ପଦକ୍ଷେପ ନେଇଛି । କ୍ରେମଲିନର କହିବାନୁସାରେ, ଋଷିଆ ଜେଲେନସ୍କିଙ୍କୁ ଶାନ୍ତି ଆଲୋଚନା ପାଇଁ ଡାକିଛି । ଉଭୟ ଯୁଦ୍ଧରେ ବିରାମ ଦେବାକୁ ଚୂଡାନ୍ତ କଥାବାର୍ତ୍ତା ହେବେ । ତେବେ ଦୁଇ ଦେଶ ପରସ୍ପରର ଶକ୍ତି ଉତ୍ସ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି ନା ନାହିଁ ସେନେଇ କ୍ରେମଲିନ୍ କିଛି କହିବାକୁ ମନା କରିଦେଇଛି । କ୍ରେମଲିନର ମୁଖପାତ୍ର ଡିମିତ୍ରି ପେସକୋଭ୍ କହିଛନ୍ତି ଯେ, ମସ୍କୋ ଜେଲେନସ୍କିଙ୍କୁ ନିମନ୍ତ୍ରଣ କରାଯାଇଛି । ହେଲେ ସେ ମସ୍କୋ ଆସିବେ ନା ନାହିଁକିଛି ସ୍ପଷ୍ଟ କରିନାହାଁନ୍ତି ।

ଗତ ସପ୍ତାହରେ ଆବୁଧାବିରେ ଆମେରିକାର ମଧ୍ୟସ୍ଥତାରେ କିଭ୍ ଏବଂ ମସ୍କୋର ଅଧିକାରୀ ଆଲୋଚନା କରିଥିଲେ । ଯାହା ଯୁଦ୍ଧ ବନ୍ଦ କରିବା ପାଇଁ ସହାୟକ ହେବ ବୋଲି କୁହାଯାଉଥିଲା । ଏହାପରେ ବି ପରସ୍ପର ଉପରେ ରକେଟ୍ ଏବଂ ଡ୍ରୋନ୍ ଆଟାକ୍ କରିଥିଲେ । କିନ୍ତୁ ମସ୍କୋର ଘାତକ ଆକ୍ରମଣ ପରେ ୟୁକ୍ରେନରେ ଶକ୍ତିସଙ୍କଟ ଦେଖାଦେଇଛି । ଯାହା ତାକୁ ଋଷ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିବ ବୋଲି ବିଶେଷଜ୍ଞ ଅନୁମାନ କରୁଛନ୍ତି ।

ୟୁଏସ ଅଧିକାରୀଙ୍କ କହିବାନୁସାରେ, ଶନିବାର ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ବୈଠକ ନେଇ ସହମତି ପ୍ରକାଶ ପାଇଛି । ସେମାନେ ଶାନ୍ତି ପ୍ରତିଷ୍ଠାର ଅତି ନିକଟରେ ପହଁଚିଛନ୍ତି । ଏହା ପଛରେ ଆମେରିକାର ବଡ ଭୁମିକା ରହିଛି । ରବିବାର ଆବୁଧାବିରେ ମସ୍କୋ ଏବଂ କିଭ୍ ଅଧିକାରୀ ଦୀର୍ଘଘଣ୍ଟା ଧରି ଆଲୋଚନା କରିଥିଲେ ।

## ରାହୁଲ ଜଣେ ନିଷ୍ଠାପର ନେତା



**ନୂଆଦିଲ୍ଲୀ:** କଂଗ୍ରେସ ସାଂସଦ ଶଶୀ ଥରୁର ଶୁକ୍ରବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରିଛନ୍ତି। ଥରୁର କହିଛନ୍ତି, ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାହୁଲ ଦୃଢ଼ ସ୍ୱର ରଖିଛନ୍ତି ଏବଂ ସେ ଜଣେ ନିଷ୍ଠାପର ନେତା। ତିରୁଅନନ୍ତପୁରମ୍ ସାଂସଦ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ସମସ୍ତେ ପସନ୍ଦ କରନ୍ତି କାରଣ ସେ ଦେଶରେ ସାମ୍ପ୍ରଦାୟିକତା, ଘୃଣା ଓ ବିଭାଜନକାରୀ ରାଜନୀତି ବିରୋଧରେ ଦୃଢ଼ ସ୍ୱର ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ଶଶୀ ଥରୁର ଗତକାଲି ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସହ ପାଖାପାଖି ୨ ଘଣ୍ଟାର ବୈଠକ ପରେ କହିଥିଲେ ଯେ, ଦଳରେ ସବୁକିଛି ଠିକ୍ ଅଛି ଏବଂ ଆମେ ସମସ୍ତେ ଏକ। ଦଳ ସହ ବିଭେଦ କଥାକୁ ଥରୁର ଖଣ୍ଡନ କରିଛନ୍ତି। ରାହୁଲ ଓ ଖଡ଼ଗେଙ୍କୁ 'ମୋର ୨ ନେତା' ସମ୍ବୋଧନ କରିଥିବା ଥରୁର କହିଛନ୍ତି, ସେ କେବେ ବି କଂଗ୍ରେସ ଛାଡ଼ିବେ ନାହିଁ। 'କୋଚି ମହାପଞ୍ଚାୟତ' ପରେ ଆରମ୍ଭ ହୋଇଥିବା ବିବାଦ ଉପରେ ସେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଚେଷ୍ଟା କରିଛନ୍ତି। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଥରୁର ଦଳରେ ସବୁକିଛି ଠିକ୍ ଥିବା ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ଚଳିତ ଥର ସେ ୧୪୦ ନିର୍ବାଚନମଣ୍ଡଳୀରେ ପ୍ରଚାର ପାଇଁ ଯୋଜନା କରିଥିବା କହିଛନ୍ତି।

## ଅଲକାଏଦା-ହମାସ ଲିଷ୍ଟରେ ଇରାନ୍ ସେନା ସାମିଲ

**ନୂଆଦିଲ୍ଲୀ:** ୟୁରୋପୀୟ ସଂଘ ଇରାନ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସକୁ ଏକ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି। ଇୟୁ ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଗୁରୁବାର ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଆଇଆରଜିସି ଗତ କିଛି ସପ୍ତାହ ମଧ୍ୟରେ ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଫଳରେ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଛି । ଏହା ବୈଦେଶିକ ମନ୍ତ୍ରୀମାନଙ୍କୁ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି ।

ବ୍ରସେଲ୍ସରେ ବୈଦେଶିକ ମନ୍ତ୍ରୀମାନଙ୍କ ଏକ ବୈଠକକୁ ଯିବା ସମୟରେ କାଲାସ କହିଥିଲେ, 'ଏବେ ଅଲ-କାଏଦା, ହମାସ ତାଲିକାରେ ରହିବ । ଯଦି ଆପଣ ଜଣେ ଆତଙ୍କବାଦୀ ପରି ବ୍ୟବହାର କରନ୍ତି, ତେବେ ଆପଣଙ୍କୁ ଜଣେ ଆତଙ୍କବାଦୀ ପରି ବ୍ୟବହାର କରାଯିବା ଉଚିତ।' ଇୟୁ ମଧ୍ୟ ୧୫ ଜଣ ଇରାନୀ ଅଧିକାରୀଙ୍କ ଉପରେ ପ୍ରତିବନ୍ଧକ ଲଗାଇଛି । ଯେଉଁଥିରେ ଗୃହମନ୍ତ୍ରୀ ମୋମେନି, ପବ୍ଲିକ ପ୍ରସିକ୍ୟୁଟର ଜେନେରାଲ ମହମ୍ମଦ ମୋଭାହେଦି ଆଜାଦ ଏବଂ ବିଚାରପତି ଇମାନ ଅଫଶାରୀ ମଧ୍ୟ ସାମିଲ ।



କାଲାସ କହିଛନ୍ତି ଯେ, ଇରାନର ରାସ୍ତାକୁ ଓହ୍ଲାଇଥିବା ପ୍ରଦର୍ଶନକାରୀଙ୍କ ଉପରେ ନିର୍ମମ ଦମନ କରାଯାଇଥିବା ରିପୋର୍ଟର ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ପ୍ରତିବାଦରେ ପ୍ରାୟ ୬୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଆତଙ୍କବାଦୀ ସଂଗଠନ ଘୋଷଣା କରିବାକୁ ୨୭ ଇୟୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଛନ୍ତି।

ଆତଙ୍କବାଦୀ ସଂଗଠନ ଭାବରେ ତାଲିକାଭୁକ୍ତ କରିବା ମଧ୍ୟ ୟୁରୋପୀୟ ଦେଶଗୁଡ଼ିକର ମନୋଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି। ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶ , ଯେଉଁମାନେ ପୂର୍ବରୁ ଏହି ପଦକ୍ଷେପକୁ ବିରୋଧ କରିଥିଲେ, ସେହି ଦେଶ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। ଇଟାଲୀ ଏବଂ ସ୍ପେନ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମର୍ଥନ ଜଣାଇଛନ୍ତି।

# ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ବିଶ୍ୱ ଗଣମାଧ୍ୟମ ଓ ନେତାଙ୍କ ପ୍ରଶଂସା

**ନୂଆଦିଲ୍ଲୀ:** ଭାରତ-ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେବା ପରେ, ସାରା ବିଶ୍ୱରେ ଏହାକୁ ନେଇ ବହୁ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଅନ୍ତର୍ଜାତୀୟ ମାଧ୍ୟମ, ବିଦେଶୀ ରାଜନୈତିକ ନେତା, ବିଶ୍ୱ ବ୍ୟବସାୟ ମହଲ ଏବଂ ପ୍ରସିଦ୍ଧ ନୀତି-ବିଶେଷଜ୍ଞମାନେ ଏହାକୁ ଐତିହାସିକ, ରଣନୈତିକ ଏବଂ ସମୟୋଚିତ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି । ପ୍ରମୁଖ ବିଶ୍ୱ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିର ଆକାର, ଆକାଂକ୍ଷା ଏବଂ ରଣନୈତିକ ସମୟକୁ ଗୁରୁତ୍ୱ ଦେଇଛନ୍ତି । ଦ ଟେଲିଗ୍ରାଫରେ ପ୍ରକାଶିତ ଏକ ଆଲେଖ୍ୟରେ କୁହାଯାଇଛି ଯେ ଏହା ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି । ଭାରତକୁ ଏହାର ପ୍ରକୃତ ରଣନୈତିକ ବିଜେତା ବୋଲି ଉଲ୍ଲେଖ କରିଛି । ଏହି ଚୁକ୍ତି ଅନୁଯାୟୀ,ଇୟୁର ୯୬.୬% ରପ୍ତାନୀ ଉପରେ ଭାରତ ଶୁଳ୍କ କମାଇବା କିମ୍ବା ହଟାଇବ, ଏବଂ ଇୟୁ ୭ ବର୍ଷ ମଧ୍ୟରେ ଭାରତର ୯୯.୫% ପଣ୍ୟ ଉପରେ ଶୁଳ୍କ କମାଇବ । ବ୍ଲୁମ୍ବର୍ଗ କହିଛି ଯେ ଭାରତ-ଇୟୁ ମଧ୍ୟରେ ହୋଇଥିବାଚୁକ୍ତିରୁ ଦେଖାଉଛି ଯେ ବିଶ୍ୱର ଅନେକ ଦେଶ ପାଇଁ ଭାରତ ଏବେ ପ୍ରଧାନ ଭାଗୀଦାର ହେଉଛି । ଦ ଓ୍ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ଏହି ଚୁକ୍ତିକୁ ବିଶ୍ୱ ବାଣିଜ୍ୟରେ ଅନିଶ୍ଚିତତା ଏବଂ ଆମେରିକାର ଶୁଳ୍କ ନୀତି ପରିପ୍ରେକ୍ଷିରେ ଭାରତ ଓ ଇୟୁର ସହଯୋଗ ବଢ଼ିବା ଭାବେ ଦେଖିଛି । ନ୍ୟୁୟର୍କ ଟାଇମ୍ସ ଉଲ୍ଲେଖ କରିଛି ଯେ ପ୍ରାୟ ଦୁଇ ଦଶକର ଆଲୋଚନା ପରେ ବିଶ୍ୱର ସବୁଠାରୁ ବଡ଼ ଆର୍ଥିକ ଗଠନ ଏବଂ ସବୁଠାରୁ ଦ୍ରୁତ ବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଏକାଠି ହୋଇଛନ୍ତି ।ଓ୍ୱାଶିଂଟନ ପୋଷ୍ଟ ଏହାକୁ ଐତିହାସିକ ଚୁକ୍ତି ବୋଲି କହିଛି । ଗାର୍ଡିଅନ, ବିବିସି ସମସ୍ତେ ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି ଶୀର୍ଷକ ଦେଇଛନ୍ତି । ବ୍ଲୁମ୍ବର୍ଗର ଅନ୍ୟ ଏକ ରିପୋର୍ଟ କହିଛି ଯେ ଗାଡ଼ି ଉପରେ ଶୁଳ୍କ ୧୦୦% ରୁ ଅଧିକରୁ କମି ୧୦% ପର୍ଯ୍ୟନ୍ତ ହେବ ଏବଂ ଅଟୋ ଉପାଦାନ ଉପରେ ଶୁଳ୍କ ସମ୍ପୂର୍ଣ୍ଣ ହଟିବ ।ଏପି କହିଛି ଯେ ଏହି ଚୁକ୍ତି ବିଶ୍ୱ ବାଣିଜ୍ୟର ପ୍ରାୟ ତୃତୀୟାଂଶକୁ ଆବର୍ତ୍ତିତ କରେ ।ଅଲ ଜାଜିରା କହିଛି ଯେ ଏହି ଚୁକ୍ତି ୨୭ ଟ୍ରିଲିୟନ ବଜାର ସୃଷ୍ଟି କରୁଛ ।ରଏଟର ଏହାକୁ ଏକ ଐତିହାସିକ ଚୁକ୍ତି ବୋଲି କହିଛି ।ଫକ୍ସ ନ୍ୟୁଜର ପାକିସ୍ତାନୀ ସାମ୍ବାଦିକ କମର ଚୀମା କହିଛନ୍ତି ଯେ ଏହି ଚୁକ୍ତିରୁ ଭାରତ ବହୁତ ଲାଭ ପାଇବ ଏବଂ ପାକିସ୍ତାନ ଓ ବାଂଲାଦେଶ ପରି ପଡ଼ୋଶୀ ଦେଶମାନେ ଇୟୁ ବଜାରରେ ଭାରତ ସହ ପ୍ରତିସ୍ପର୍ଦ୍ଧା କରିପାରିବେ ନାହିଁ । ଜର୍ମାନୀର ଚାନ୍ସେଲର ଫ୍ରିଡ୍ରିହ୍ ମେର୍ଜ ଏହାକୁ ଅତ୍ୟନ୍ତ ସକାରାତ୍ମକ ସଙ୍କେତ ବୋଲି କହିଛନ୍ତି ।ଫିନଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକ୍ସାଣ୍ଡର ଷ୍ଟବ୍ ଏହାକୁ ଐତିହାସିକ ଏବଂ ସବୁଠାରୁ ବଡ଼ ଚୁକ୍ତି ବୋଲି କହିଛନ୍ତି ।ସ୍ୱିଡ଼େନର ପ୍ରଧାନମନ୍ତ୍ରୀ ଉଲ® କ୍ରିଷ୍ଟରସନ କହିଛନ୍ତି ଯେ ଏହା ନୂଆ ସହଯୋଗ ଯୁଗର ଆରମ୍ଭ ।ଅଷ୍ଟ୍ରିଆର ଚାନ୍ସେଲର କ୍ରିଷ୍ଟିଆନ୍ ଷ୍ଟକର କହିଛନ୍ତି ଯେ ଏହା ଦୁଇ ବିଲିୟନ ଲୋକଙ୍କୁ ଲାଭ ଦେଇଥିବା ମୁକ୍ତ ବାଣିଜ୍ୟ ଅଞ୍ଚଳ ସୃଷ୍ଟି କରିବ । ଡେନମାର୍କର ବିଦେଶମନ୍ତ୍ରୀ ଲାର୍ସ ଲୋକେ ରାସମୁସେନ ଏହାକୁ ଭୌଗୋଳିକ ରାଜନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଫ୍ରାନ୍ସର ବିଦେଶ ବାଣିଜ୍ୟ ମନ୍ତ୍ରୀ ନିକୋଲାସ୍ ଫୋରିସିଏର କହିଛନ୍ତି - ଏହା ସାଧାରଣ ଚୁକ୍ତି ନୁହେଁ ।ୟୁରୋପିୟ ସଂସଦ ସଦସ୍ୟ ସାନ୍ଦ୍ରୋ ଗୋଜି ଏହାକୁ ଇୟୁର ନୂଆ ରଣନୈତିକ ଭାଗୀଦାରିର ପ୍ରମାଣ ବୋଲି କହିଛନ୍ତି ।



## ବାହାରିନ ଓଡ଼ିଆ ସମାଜର ୭୭ତମ ଗଣତନ୍ତ୍ର ଦିବସ ପାଳନ



**ମାନମା:** ବାହାରିନର ଭାରତୀୟ ଦୂତାବାସ ରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାରତର ରାଷ୍ଟ୍ରଦୂତ ବିନୋଦ କେ ଜାକବ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ରାଷ୍ଟ୍ରଦୂତ ତାଙ୍କ ଭାଷଣ ରେ ଓଡିଶାର ସୌନ୍ଦର୍ଯ୍ୟ, କଳା ଏବଂ ଐତିହ୍ୟକୁ ଭୁୟସୀ ପ୍ରଶଂସା କରିଥିଲେ। ଏଥିରେ ବାହାରିନ ଓଡ଼ିଆ ସମାଜର ସଦସ୍ୟ ମାନେ ଉପସ୍ଥିତ ଥିଲେ। ବାହାରିନ ଓଡ଼ିଆ ସମାଜର ସଦସ୍ୟ ମାନେ ସମସ୍ତ ଭାରତୀୟ ଙ୍କୁ ଗଣତନ୍ତ୍ର ଦିବସ ର ଶୁଭେଚ୍ଛା ପ୍ରଦାନ କରିବା ସହ ସବୁ ଭାରତୀୟ ଏକତ୍ରିତ ହୋଇ ରହିବାର ବାର୍ତ୍ତା ପ୍ରଦାନ କରିଥିଲେ। ପରିଶେଷ ରେ ସମସ୍ତ ଭାରତୀୟ ଏକ ହୋଇ ଭାରତ ମାତାର ଜୟ ଗାନରେ ଭାରତୀୟ ଦୂତାବାସ ପ୍ରକମ୍ପିତ ହୋଇ ଉଠିଥିଲା।

## ଇରାନ ଅଭିମୁଖେ ଆମେରିକାର ବଡ ଶକ୍ତିଶାଳୀ ଜାହାଜ

**ନ୍ୟୁୟର୍କ :** ଆମେରିକା ଚାହୁଁନି ଇରାନ ସହ ଯୁଦ୍ଧ । କିନ୍ତୁ ଇରାନ ନସୁଧୁରିଲେ ଆମେରିକା ଛାଡିବ ନାହିଁ । ଯୁଦ୍ଧ କରିବ । ଏମିତି କିଛି କହିଛନ୍ତି ୟୁଏସ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପ କହିଛନ୍ତି ଯେ, ସେ କେବେହେଲେ ଯୁଦ୍ଧକୁ ସମର୍ଥନ କରନ୍ତିନି । ଏହାକୁ ଟାଳିବାକୁ ନିରନ୍ତର ପ୍ରୟାସ କରନ୍ତି । କିନ୍ତୁ ଇରାନ ସାବଧାନ ରହିବା ଜରୁରୀ । ତେହେରାନ ଅଭିମୁଖେ ଆମେରିକାର ବଡ ଏବଂ ଶକ୍ତିଶାଳୀ ଯୁଦ୍ଧ ଜାହାଜ ଅଗ୍ରସର ହେଉଛି । ତେହେରାନ ସହ ଆଗାମୀ ଦିନରେ ପରମାଣୁ ଚୁକ୍ତି ନେଇ ଆଲୋଚନା ହୋଇପାରେ । ତେବେ ଟ୍ରମ୍ପଙ୍କ ବୟାନ ସେହି ସମୟରେ ଆସିଛି ଯେତେବେଳେ ଇରାନ ସେନା ବନ୍ଧୁକର ଟ୍ରିଗର ଉପରେ ଆଙ୍ଗୁଠି ରଖିଥିବା କଥା କହିଥିଲା । ଯଦି ଆମେରିକା ସାମରିକ ଶକ୍ତି ପ୍ରୟୋଗ କରେ ତାହାଲେ ଇରାନ ଭୟଙ୍କର କ୍ଷତି ଘଟାଇବ । ଯାହା ଆଗରୁ କେବେ ହୋଇନଥିଲା ତାହା ଆମେରିକା ଦେଖିବ ବୋଲି ତେହେରାନ ସତର୍କ କରାଇ ଦେଇଥିଲା ।

# ମ୍ୟାଚ ଅଫିସିଆଲ ତାଲିକାରେ ଦୁଇ ଭାରତୀୟ

## ଟି-୨୦ ବିଶ୍ୱକପ




ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ଶୁକ୍ରବାର ଟି-୨୦ ବିଶ୍ୱକପ ପାଇଁ ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା ହୋଇଛି । ୨୪ ଜଣ ଅନଫିଲ୍ଡ ଅମ୍ପାୟାର ଏବଂ ୬ ଜଣ ମ୍ୟାଚ ରେଫରୀ ରହିଛନ୍ତି । ସୁପର-୮ ଏବଂ ନକଆଉଟ୍ ପାଇଁ ପରେ ଅଫିସିଆଲଙ୍କ ନାମ ବିସିସିଆଇ ଘୋଷଣା କରିବ । ୩୦ ଜଣଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରହିଛନ୍ତି । ସେମାନେ ହେଲେ ଜବଗଲ ଶ୍ରୀନାଥ ଓ ନୀତିନ ମେନନ ।

କଲମ୍ବୋର ସିଂହଳୀ ସ୍ପୋର୍ଟ୍ସ କ୍ଲବର ପାକିସ୍ତାନ ଓ ନେଦରଲାଣ୍ଡ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ । ଏଥିରେ କୁମାର ଧର୍ମସେନା ଏବଂ ୱେନନାଇଡ୍ସ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ । କୋଲକାତାରେ ସ୍କଟଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁଥିବା ଗ୍ରୁପ୍ ସି' ମ୍ୟାଚ ନୀତିନ ମେନନ ଓ ଶ୍ୟାମ ଅମ୍ପାୟାରିଂ କରିବେ । ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନୀ ମଧ୍ୟରେ ହାଇଭୋଲଟେଜ ମୁକାବିଲା କଲମ୍ବୋରେ ଆୟୋଜିତ ହେବ । ରିଚାର୍ଡ ଇଙ୍ଗଲିୱର୍ଥ ଓ କୁମାର ଧର୍ମସେନା ଅନଫିଲ୍ଡ ଅମ୍ପାୟାର ରହିବେ ।

## ଅଷ୍ଟ୍ରେଲିଆନ ଓପନ

# ଐତିହାସିକ ବିଜୟ ସହ ଫାଇନାଲରେ ଆଲକାରେଜ୍



ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ବିଶ୍ୱର ନଂ.୧ ପୁରୁଷ ଟେନିସ୍ ଖେଳାଳି କାର୍ଲୋସ ଆଲକାରେଜ୍ ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ସେମି ଲଢ଼େଇରେ କାର୍ଲୋସ ଆଲକାରେଜଙ୍କୁ ଭେଟିଥିଲେ ଆଲେକ୍ସଜ୍ୟାଣ୍ଡାର ଭିର୍ଭ । ମ୍ୟାଚଟି ରୋମାଞ୍ଚକର ହୋଇଥିଲା । ପ୍ରାୟ ୫ ଘଣ୍ଟା ୨୭ ମିନିଟ୍ ଧରି ଏହି ଲଢ଼େଇ ହୋଇଥିଲା । ସ୍ପେନର ବିଶ୍ୱ ନଂ.୧ ଖେଳାଳି ଆଲକାରେଜ୍ ଜର୍ମାନୀର ଭିର୍ଭଙ୍କୁ ୬-୪, ୭-୬, ୬-୭ ଓ ୫-୭ରେ ପରାସ୍ତ କରିଛନ୍ତି । ଏହା ସହିତ ଆଲକାରେଜ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପହଞ୍ଚିଛନ୍ତି ।

ମ୍ୟାଚ ଆରମ୍ଭରେ କାର୍ଲୋସ ପ୍ରଥମ ଦୁଇଟି ସେଟ୍ ସହଜରେ ବୁଝି ନେଇଥିଲେ । ତୃତୀୟ ସେଟରେ ଗେମ ୪-୪ ଥିବା ବେଳେ ଆଲକାରେଜ କ୍ରାମ୍ପ ଅନୁଭବ କରିଥିଲେ । ସେ ସର୍ଭିସ କରିପାରିନଥିଲେ । ଚାଲିବାକୁ ମଧ୍ୟ ଅକ୍ଷମ ଥିଲେ । ଏକ ମେଡ଼ିକାଲ ଟାଇମ୍ ଆଉଟ୍ ନିଆଯାଇଥିଲା । ଯାହାକୁ ନେଇ ଭିର୍ଭ ସ୍ପଷ୍ଟ ଭାବରେ ବିରକ୍ତି ହୋଇଥିଲେ । ଟୁର୍ଣ୍ଣାମେଣ୍ଟ ଅଧିକାରୀଙ୍କୁ ଅସନ୍ତୋଷ ପ୍ରକାଶ କରିଥିଲେ । କିଛି ସମୟ ବିଳମ୍ବ ପରେ ମ୍ୟାଚ ଆରମ୍ଭ ହୋଇଥିଲା । ଭିର୍ଭ ଜମାଣିଆ ଖେଳି ପ୍ରତ୍ୟାବର୍ତ୍ତନ କରିଥିଲେ । ଟାଇବ୍ରେକରରେ ତୃତୀୟ ଓ ଚତୁର୍ଥ ସେଟ୍ ଜିତି ମ୍ୟାଚକୁ ପଞ୍ଚମ ସେଟକୁ ନେଇଯାଇଥିଲେ । ପଞ୍ଚମ ସେଟରେ ଭିର୍ଭ ପ୍ରାରମ୍ଭିକ ନେଇଥିଲେ । ମ୍ୟାଚକୁ ୫-୪ରେ ସର୍ଭିସ କରିଥିଲେ । ଆଲକାରେଜ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ବ୍ରେକକୁ ପୁନର୍ବାର ବ୍ୟବହାର କରି ସ୍କୋରକୁ ୫-୫ ସମାନ କରିଥିଲେ । ଏହାପରେ ଭିର୍ଭଙ୍କ ସର୍ଭିସେସ ଭାଙ୍ଗି ୭-୫ରେ ବିଜୟଲାଭ କରିଥିଲେ । ୨୨ ବର୍ଷୀୟ ଆଲକାରେଜ ପ୍ରଥମ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି ।

## ରଣଜୀ ଟ୍ରଫି

# ଦ୍ୱିତୀୟ ଦିନ ସମ୍ମାନ ବାଣ୍ଟିଲେ ଓଡ଼ିଶା-ଝାଡ଼ଖଣ୍ଡ



ଜାମସେଦପୁର,୩୦।୧(ଏଜେନ୍ସି): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏ'ର ସପ୍ତମ ପର୍ଯ୍ୟାୟ ମୁକାବିଲା ଜାରି ରହିଛି । ଜାମସେଦପୁରରେ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ ବେଶ ରୋଚକ ରହିଛି । ମ୍ୟାଚର ଦ୍ୱିତୀୟ ଦିନ ଉଭୟ ଦିନ ଓଡ଼ିଶା ଓ ଝାଡ଼ଖଣ୍ଡ ସମ୍ମାନ ବାଣ୍ଟିଛନ୍ତି । ପ୍ରଥମ ପାଳିରେ ଓଡ଼ିଶା ୨୮୨ ରନ୍ କରି ଅଲଆଉଟ୍ ହୋଇଥିବା ବେଳେ ଦ୍ୱିତୀୟ ଦିନ ଷ୍ଟମ୍ପ ବେଳକୁ ଝାଡ଼ଖଣ୍ଡ ୬୭ ଓଭରରେ ୬ ୱିକେଟ୍ ହରାଇ ୨୪୪ ରନ୍ କରିଛି । ଝାଡ଼ଖଣ୍ଡ ଏବେ ବି ୩୮ ରନ ପଛରେ ରହିଛି । ଆଜି ଉଭୟ ଇନିଂସର ୧୦ ୱିକେଟ୍ ଝଡ଼ିଛି । ଝାଡ଼ଖଣ୍ଡ ପକ୍ଷରୁ ଶିଖର ମୋହନ ୮୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଏହି ମ୍ୟାଚରେ ଡେବ୍ୟୁ କରିଥିବା ଓଡ଼ିଶା ଦ୍ରୁତ ବୋଲର ସୟଦ ତୈଫିଲ ଅହମ୍ମଦ ୩ ୱିକେଟ୍ ଅକ୍ତିଆର କରିଛନ୍ତି । ରାଜେଶଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଛି ।

ଅସମାପ୍ତ ପ୍ରଥମ ଇନିଂସ ୨୪୨/୬ରୁ ଖେଳ ଆରମ୍ଭ କରି ଖେଳିଥିଲା ଓଡ଼ିଶା । ୩୮ ରନ କରି ଅପରାଜିତ ଥିବା ବିପ୍ଳବ ଆଉ ବ୍ୟକ୍ତିଗତ ସ୍କୋରକୁ ଆଗେଇ ନେଇପାରିନଥିଲେ । ସେ ସାହିଲ ରାଜଙ୍କ ଶିକାର ହୋଇଥିଲେ । ଏହାପରେ ସାୱନ ପହରିଆ ୧୯, ଦ୍ରୁତ ବୋଲର ରାଜେଶ ମହାନ୍ତି ୨୫ ରନ୍ ଓ ସୟଦ ତୈଫିଲ ଅହମ୍ମଦ ୬ ରନ୍ କରିବାରୁ ଓଡ଼ିଶା ୧୦୪.୫ ଓଭରରେ ୨୮୨ ରନ କରି ଅଲଆଉଟ୍ ହୋଇଥିଲା । ଝାଡ଼ଖଣ୍ଡର ଆଦିତ୍ୟ ସିଂ ଓ ସୌରଭ ଶେଖର ୩ଟି ଲେଖାଏଁ, ସାହିଲ ରାଜ ଓ ଅନୁକୁଲ ରୟ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଝାଡ଼ଖଣ୍ଡର ଇନିଂସ ଆରମ୍ଭ ଏତେ ଭଲ ନଥିଲା । ଶିଖର ମୋହନଙ୍କ ସହ ଶରଣ ଦୀପ ସିଂ ପ୍ରଥମ ୱିକେଟ ପାଇଁ ୨୫ ରନ ସଂଗ୍ରହ କରିଥିଲେ । ରାଜେଶ ମହାନ୍ତି ଓପନିଂ ଯୋଡି ଭାଙ୍ଗିଥିଲେ । ୮ ରନ୍ କରି ଶରଣଦୀପ ପାଭିଲିୟନ୍ ଫେରିଥିଲେ । ଏହାପରେ ଶିଖରଙ୍କ ସହ କୁମାର କୁସଗ୍ର ଦ୍ୱିତୀୟ ୱିକେଟ୍ ପାଇଁ ୯୮ ରନ୍ ଯୋଡିବାରୁ ଝାଡ଼ଖଣ୍ଡର ସ୍ଥିତି ମଜଭୁତ ହୋଇଥିଲା । ସେ ୯୧ ବଲରୁ ୧୪ ଚୌକା ଓ ଗୋଟିଏ ଛକା ସହାୟତାରେ ୮୦ ରନ୍ କରିଥିବା ଶିଖର ମୋହନଙ୍କୁ ସୟଦ ତୈଫିଲ ଅହମ୍ମଦ ଆଉଟ୍ କରି ଦଳକୁ ସଫଳତା ଦେବା ସହ ନିଜ ପ୍ରଥମ ଶ୍ରେଣୀ କ୍ୟାରିୟରର ପ୍ରଥମ ୱିକେଟ୍ ଅକ୍ତିଆର କରିଥିଲେ । କୁମାର କୁସଗ୍ର ୧୦୩ ବଲରୁ ୪୭ ରନ୍ କରି ରାଜେଶ ମହାନ୍ତିଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଅଧିନାୟକ ବିରାଟ ସିଂ ୩୨, ସାହିଲ ରାଜ ୧୧, ଅନୁକୂଲ ରୟ ୧୭ ରନ୍ କରି ପାଭିଲିୟନ୍ ଫେରିଥିଲେ । ତୈଫିଲ ଝାଡ଼ଖଣ୍ଡର ଆଉ ଦୁଇ ୱିକେଟ୍ ଝଡାଇବାକୁ ସକ୍ଷମ ହୋଇଥିଲେ । ସେ ସାହିଲ ରାଜ ଓ ଅନୁକୁଲ ରୟଙ୍କୁ ଆଉଟ୍ କରି ୩ ୱିକେଟ୍ ଦଖଲ କରିଥିଲେ । ଷ୍ଟମ୍ପଅପସାରଣ ବେଳକୁ ରବିନ ମିଞ୍ଜ ୪୨ ବଲରୁ ୩୭, ଆଦିତ୍ୟ ସିଂ ୧୩ ବଲରୁ ୬ ରନ୍ କରି ଅପରାଜିତ ଥିଲେ । ସୟଦ ତୈଫିଲ ଅହମ୍ମଦ ୩ଟି, ରାଜେଶ ମହାନ୍ତି ୨ଟି ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

# ଚୀନରେ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍




ଭୁବନେଶ୍ୱର,୩୦।୧(ସବ୍ୟୁ): ଚୀନର ତିଆନଜିନରେ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଏସିଆନ୍ ଇଣ୍ଡୋର ଆଇଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବ । ପ୍ରସ୍ତୁତି ସ୍ୱରୂପ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଇନଡୋର ଆଥଲେଟିକ୍ସ ସେଣ୍ଟରରେ ଭାରତୀୟ ଦଳ ପାଇଁ ଏକ ପ୍ରତିଯୋଗିତା ପୂର୍ବ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି । ଏହି ଭାରତୀୟ ଦଳରେ ୧୦୦ ମିଟର ଦୌଡାଳି ମଣିକାନ୍ତ ହୋବିଳଧର ଲଙ୍ଗଜମ୍ପର ଉଦୀୟମାନ ତାରକା ମୌମିତା ମଣ୍ଡଳ, ଅନସି ସୋଜନ ଏବଂ ଓଡ଼ିଶାର ହଡଲର ପ୍ରଜ୍ଞାନ ସାହୁଙ୍କ ପ୍ରମୁଖ ଅନେକ ପ୍ରତିଷ୍ଠିତ ଅଥଲେଟ ଅଛନ୍ତି । ଜାନୁଆରୀ ୨୩ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ । ଯେଉଁଥରେ ଆଥଲେଟମାନେ ଏସିଆନ୍ ଚାମ୍ପିଅନସିପ ପୂର୍ବରୁ ନିଜ ପ୍ରଦର୍ଶନ ଓ ଆକଳନ କରିପାରିବେ ।

ଘରୋଇ ମାଟିରେ ପ୍ରଶିକ୍ଷଣକୁ ନେଇ ପ୍ରଜ୍ଞାନ ଖୁସି ବ୍ୟକ୍ତ କରିଛନ୍ତି । ଜଣେ ଓଡ଼ିଆ ଭାବେ ମୁଁ ଗର୍ବିତ । ଏଠାକାର ମୋଣ୍ଡୋଟ୍ରାକ୍ ଅତ୍ୟନ୍ତ ଚମତ୍କାର ଓ ଆମ ପ୍ରଶିକ୍ଷଣରେ ସହାୟକ ହୋଇଛି । ଲଙ୍ଗଜମ୍ପର ମୌମିତା କହିଛନ୍ତି । ଜଣେ ଆଥଲେଟ ଭାବରେ ମୋର ଯାତ୍ରା ଏହିଠାରୁ ଆରମ୍ଭ ହୋଇଥିଲା । ମୁଁ ୨୦୨୧ରୁ ଏଠାରେ ପ୍ରଶିକ୍ଷଣ ନେଉଛି । ଏଠାକାର ଉଚ୍ଚମାନର ପ୍ରଶିକ୍ଷଣ ଯୋଗୁଁ ପ୍ରଦର୍ଶନରେ ଅନେକ ସୁଧାର ଆସିଛି । ମୁଁ ମୋର ପ୍ରଥମ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଖୁବ୍ ଉତ୍ସାହିତ ଅଛି ।

କଳିଙ୍ଗ ଷ୍ଟାଡିୟମରୁ ଏହି ଇଣ୍ଡୋର ଆଥଲେଟିକ୍ସ ସୁବିଧା ମାର୍ଚ୍ଚ ୨୦୨୬ରେ ଇତିହାସ ରଚିବାକୁ ଯାଉଛି । କାରଣ ଏଠାରେ ଭାରତର ପ୍ରଥମ ଜାତୀୟ ଇନଡୋର ଆଥାଲେଟିକ୍ସ ଚାମ୍ପିଅନସିପ ଆୟୋଜିତ ହେବ । ଏହା ବ୍ୟତୀତ ଭାରତ ବିଶ୍ୱ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ମଧ୍ୟ ବିଡ କରିଛି । କଳିଙ୍ଗ ଇନଡୋର ଆଥଲେଟିକ୍ସ ଷ୍ଟାଡିୟମକୁ ପ୍ରସ୍ତାବିତ ସ୍ଥଳ ଭାବେ ରଖାଯାଇଛି ।

# ପଦ୍ମନାଭଙ୍କ ଶରଣରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳର ଶେଷ ମ୍ୟାଚ ଶନିବାର ଥିରୁବନନ୍ତପୁରମର ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ । ଏହି ମ୍ୟାଚ ପୂର୍ବରୁ ଟିମ ଇଣ୍ଡିଆର ଅନେକ ଖେଳାଳି ଥିରୁବନନ୍ତପୁରମର ଶ୍ରୀପଦ୍ମନାଭ ସ୍ୱାମୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି । ଭାରତୀୟ ଦଳର ଅଧିନାୟକ ସଞ୍ଜୟ କୁମାର ମଧ୍ୟ ପଦ୍ମନାଭ ସ୍ୱାମୀଙ୍କ ଦର୍ଶନ କରିଛନ୍ତି ।

ମନ୍ଦିରରେ ଖେଳାଳିଙ୍କ ଏକ ଭିଡ଼ିଓ ସାମ୍ନାକୁ ଆସିଛି । ଏହି ଭିଡ଼ିଓରେ ଖେଳାଳିମାନେ ଦର୍ଶନ ପାଇଁ ପାରମ୍ପରିକ ପୋଷାକ ପିନ୍ଧିଥିବାର ଦେଖାଯାଇଛି । ସ୍ପିନର ବରୁଣ ଚକ୍ରବର୍ତ୍ତୀ, ସୂର୍ଯ୍ୟ କୁମାର ଯାଦବ, ରିଙ୍କୁ ସି, କୁଲଦୀପ ଯାଦବ, ରବି ବିଷ୍ଣୋଇ, ଅଲରାଉଣ୍ଡର ଅକ୍ଷର ପଟେଲ ଏବଂ ଫିଲ୍ଡିଂ କୋଚ ଟି ଦିଲିପଙ୍କୁ ଭିଡ଼ିଓରେ ଦେଖିବାକୁ ମିଳିଛି ।

ନାଗପୁର, ରାୟପୁର ଏବଂ ଗୌହାଟୀରେ ଖେଳାଯାଇଥିବା ପ୍ରଥମ ୩ଟି ମ୍ୟାଚ ଜିତି ଭାରତ ଆଗୁଆ ଶୃଙ୍ଖଳା କବଜା କରିନେଇଥିଲା । ଏହାପରେ ବିଶାଖାପଟନରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚରେ ଭାରତ ୫୦ ରନରେ ହାରିଯାଇଥିଲା । ତେବେ ଭାରତୀୟ ଦଳ ଶେଷ ମ୍ୟାଚ ପାଇଁ ପ୍ରସ୍ତୁତ ହୋଇଛି । ଟି-୨୦ ବିଶ୍ୱକପ ପୂର୍ବରୁ ଏହା ଭାରତର ଶେଷ ଶୃଙ୍ଖଳା । ତେଣୁ ଟିମ୍ ଇଣ୍ଡିଆ ନିଶ୍ଚିତ ଭାବେ ଶେଷ ମ୍ୟାଚରେ ବିଜୟ ସହିତ ପ୍ରସ୍ତୁତି ଶେଷ କରିବାକୁ ଚାହିଁବ ।

# ପିଟି ଉଷାଙ୍କ ସ୍ୱାମୀ ଶ୍ରୀନିବାସନଙ୍କ ଦେହାନ୍ତ



ନୂଆଦିଲ୍ଲୀ,୩୦।୧(ଏଜେନ୍ସି): ଭାରତୀୟ ଅଲିମ୍ପିକ୍ସର ଅଧକ୍ଷା ତଥା ରାଜ୍ୟସଭା ସାଂସଦ ପିଟି ଉଷାଙ୍କ ଉପରେ ଦୁଃଖର ପାହାଡ ଭାଙ୍ଗି ପଡିଛି । ଉଷାଙ୍କ ସ୍ୱାମୀ ଭି ଶ୍ରୀନିବାସନ ଦେହାନ୍ତ ହୋଇଛି । ପରିବାର ପକ୍ଷରୁ ଶ୍ରୀନିବାସନଙ୍କ ମୃତ୍ୟୁ ଘୋଷଣା କରାଯାଇଛି । ତାଙ୍କୁ ପାଖା ପାଖି ୬୭ ଇୟର ହୋଇଥିଲା । ଶ୍ରୀନିବାସନ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ଚେତାଶୂନ୍ୟ ହୋଇଥିଲେ । ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ୍କୁ ନିଆଯାଇଥିଲା । ସେଠାରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁଃଖ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଟି ଉଷାଙ୍କ ପରିବାରକୁ ସମବେଦନ ଜଣାଇଛନ୍ତି । ଶୋକପ୍ରକାଶ କରି ପ୍ରଧାନମନ୍ତ୍ରୀ ଟ୍ୱିଟରରେ ଲେଖିଛନ୍ତି ଏହି କଷ୍ଟକର ସମୟରେ ଶୋକସନ୍ତପ୍ତ ପରିବାରକୁ ମୋର ସମବେଦନା । ସ୍ୱର୍ଗତଃ ଆତ୍ମାର ଶାନ୍ତି ପ୍ରାର୍ଥନା କରୁଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଶ୍ରୀନିବାସନଙ୍କ ବିୟୋଗରେ ଶୋକ ପ୍ରକାଶ କରିଛି । ରାଜ୍ୟସଭା ସାଂସଦ ଏବଂ ଭାରତୀୟ ଅଲିମ୍ପିକ୍ସ ଆସୋସିଏସନ୍ ସଭାପତି ପିଟି ଉଷାଙ୍କ ସ୍ୱାମୀ ଭି ଶ୍ରୀନିବାସନଙ୍କ ବିୟୋଗ ବିଷୟରେ ଜାଣି ମର୍ମାହତ । ପିଟି ଉଷା ଓ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ବୋଲି ସେ ଲେଖିଛନ୍ତି । ୧୯୯୧ରେ ପିଟି ଉଷା ଏବଂ ଶ୍ରୀନିବାସନଙ୍କ ବିବାହ ହୋଇଥିଲା । ଶ୍ରୀନିବାସନ ପୋନାନୀ ଭେଙ୍ଗାଲି ଅଞ୍ଚଳ ବାସିନ୍ଦା । କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳରେ ଡେପ୍ୟୁଟି ସୁପରିଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରିଥିଲେ ଶ୍ରୀନିବାସନ । ସେ ପିଟି ଉଷାଙ୍କ ଚମତ୍କାର କ୍ରୀଡା କ୍ୟାରିୟର ଠାରୁ ଆରମ୍ଭ କରି ରାଜନୈତିକ ଯାତ୍ରା ପର୍ଯ୍ୟନ୍ତ ସବୁଥିରେ ତାଙ୍କ ପାଖରେ ଠିଆ ହୋଇଥିଲେ । ପିଟି ଉଷା ଏବଂ ଶ୍ରୀନିବାସନଙ୍କର ଉଜ୍ୱଳ ନାମକ ପୁଅ ଅଛି । କିଛି ମାସ ତଳେ ଉଜ୍ୱଳଙ୍କ ବିବାହ ହୋଇଥିଲା ।

# ମା ଭଗବତୀ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଆଫ୍ରିକା

ନିରାକାରପୁର,୩୦।୧(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡିଆରେ ଛଣଗିରି ପଞ୍ଚାୟତ ଆଞ୍ଚଳିକ ଆଥଲେଟିକ ଆସୋସିଏସନ ଆନୁକୁଲ୍ୟରେ ଚତୁର୍ଥ ବାର୍ଷିକ ଆନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଘାଟିତ ହୋଇଯାଇଛି । ଆଜିର ଉଦଘାଟନୀ ମ୍ୟାଚ ଛତିଶଗଡ଼ ଜଗଦଲପୁର ବନାମ ୟୁନାଇଟେଡ କ୍ଲବ, ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜଗଦଲପୁର ଓ ଆଫ୍ରିକା ମଧ୍ୟରେ ହୋଇଥିବା ଖେଳର ପ୍ରଥମାର୍ଦ୍ଧ ଓ ଦିତୀୟାର୍ଦ୍ଧ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ଗୋଲ କରି ସ୍କୋର ବରାବର ରହିଥିଲା । ପରେ ଛତିଶଗଡ଼ ଜଗଦଲପୁର କୁ ଆଫ୍ରିକା ଟ୍ରାଇବ୍ରେକର ରେ ୫-୪ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି । ଆଜି ଛତିଶଗଡ଼ ଜଗଦଲପୁର ଦଳର ଖେଳାଳି ମାର୍କୋ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଆଜିର ଖେଳକୁ ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ବହାନିପତି, ସୋମନାଥ ମୁର୍ମୁ ଓ ଅଭିନାଶ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ଆଜିର ଅତିଥିଭାବେ ସରପଂଚ ପୂର୍ଣ୍ଣିମା ମହାପାତ୍ର , ଶିକ୍ଷାବି କାଳନ୍ଦୀ ଚରଣ ନାୟକ, ବରିଷ୍ଠ ଫାର୍ମାସିଷ୍ଟ ହରମୋହନ ଦାସ , ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଦାସ, ଶିକ୍ଷାବି ପ୍ରମୋଦ କୁମାର ବୈରିଗଞ୍ଜନ, ସାମ୍ବାଦିକ ଦାଶରଥି ଶ୍ରୀଚନ୍ଦନ, ସଖା ସଂଘ କ୍ରୀଡା ସଂସଦ ସମ୍ପାଦକ ଦୀପକ କୁମାର ପ୍ରଧାନ, ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ,ସଂମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ ,ଉପ ସଭାପତି ସେକ ସେରଲି,କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମ୍ୟାନେଜର ଶୁଶାନ୍ତ କୁମାର ପରିଡା,ଉପଦେଷ୍ଟା ଜନ ମହାନ୍ତି, ପ୍ରମୋଦ ବୈରିଗଂଜନ,ଲଳିତ ପଟ୍ଟନାୟକ,ସେକ ହମିଦ ରଜାକ ଖାନ,ଯୁଧିଷ୍ଠିର ବଳିୟାରସିଂହ, ଅଲେଖଚନ୍ଦ୍ର ଭୋଇ,ଭାରତ ଭୂଷଣ ସଓ୍ୱାଇଁ,ଭରତ ବେହେରା,,ଅଜୟ ପ୍ରଧାନ,ପ୍ରଭାକର ସାହୁ,କାମଦେବପରିଡା, ଶ୍ରୀନିବାସ ଚମ୍ପତିରାୟ ,ପ୍ରତାପ ସାଇଁ ,ଶରତ ପ୍ରଧାନ , ନିବାସ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ରବୀନ୍ଦ୍ର ଫୁଟବଲ ଏକାଡେମୀ, ଦମ ଦମ ,କଲିକତା ବନାମ ଓଡ଼ିଶା ଏଲେଭେନ , ଓଡ଼ିଶା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮ ୫୩୩୧୨୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮ ୫୩୩୧୨୭୪ରେ ଯୋଗାଯୋଗ କରନ୍ତୁ ।

## ଓଡ଼ିଶା ରାଜ୍ୟ ମିନି ଗଲ୍ଫ ଚାମ୍ପିଅନସିପ ଉଦଘାଟିତ



ଭୁବନେଶ୍ୱର,୩୦।୧(ସବ୍ୟୁ): ଓଡ଼ିଶା ମିନି ଗଲ୍ଫ ଆସୋସିଏସନ ପକ୍ଷରୁ ଆୟୋଜିତ ତୃତୀୟ ରାଜ୍ୟ ମିନି ଗଲ୍ଫ ଚାମ୍ପିଆନସିପ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ମିନି ଗଲ୍ଫ ଆସୋସିଏସନ ଅଫ ଇଣ୍ଡିଆର ମହାସଚିବ ଡ. ସୁରଜ ସିଂହ ୟୋତିକର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଡ. ୟୋତିକର କହିଛନ୍ତି ଯେ ଓଡିଶାରେ ଏହି ଖେଳର ପ୍ରସାର ଆଶାନୁରୂପ ହୋଇଛି । ଏ ଦିଗରେ ଓଡ଼ିଶା କର୍ମକର୍ତ୍ତାମାନେ ମଧ୍ୟ ଉଦ୍ୟମ ଜାରି ରଖିଛନ୍ତି । ଜାତୀୟ ପ୍ରତିଯୋଗିତାରେ ଓଡିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଭୁବନେଶ୍ୱର ଗୌରୀ କଟେଜଠାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାର ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ୧୨ ଜିଲ୍ଲାର ୧୫୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମିନିଗଲ୍ଫ ଆସୋସିଏସନ ସଭାପତି ଡ. ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ମିନିଗଲ୍ଫ ଫେଡେରେସନର ସ୍ଥପତି ଇଂ ସଞ୍ଜୟ ବଳରାମ ଥୋରାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଫାଓ, କଳିଙ୍ଗନଗର, ଦୁର୍ଗା କ୍ଲବ ବିଜୟୀ

## ଫାଓ ୟୁଥ୍ ଲିଗ୍



ଭୁବନେଶ୍ୱର,୩୦।୧(ସବ୍ୟୁ): ୧୭ ବର୍ଷରୁ କମ ଫାଓ ୟୁଥ୍ ଲିଗରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ଫାଓ ଏକାଡେମୀ, କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଏବଂ ଦୁର୍ଗା କ୍ଲବ୍ ବିଜୟଲାଭ କରିଛନ୍ତି । ମ୍ୟାଚର ସପ୍ତମ ମ୍ୟାଚଟି କଟକର ସତ୍ୟବ୍ରତ ଭିଲିଜ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଫାଓ ଏକାଡେମୀ ୧-୦ ଗୋଲରେ କିଶୋର ସ୍ପୋର୍ଟିଂକୁ ହରାଇଛି । ବିଜୟୀ ଦଳର ହାର୍ଦ୍ଦିକ ବରାଳ ୧୪ ତମ ମିନିଟରେ ଏହି ବିଜୟସୂଚକ ଗୋଲ କରିଥିଲେ । ଦ୍ୱିତୀୟ ମ୍ୟାଚରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ୪-୦ ଗୋଲରେ ଇଲେଭେନ ବ୍ରାଇଟଷ୍ଟାରକୁ ପରାଜିତ କରିଥିଲା । ବିଜୟୀ ଦଳର ଅନୁଭବ ନାୟକ ୧୪, ୨୭ ଓ ୨୯ତମ ମିନିଟରେ ହ୍ୟାଟ୍ରିକ୍ ଗୋଲ୍ କରିଥିଲେ । ବନଙ୍ଗ ଗାଗାରାଇ ୪୫ତମ ମିନିଟରେ ଗୋଲ କରିଥିଲେ । ଆଉ ଏକ ମ୍ୟାଚରେ ଦୁର୍ଗା କ୍ଲବ୍ ଏସଏନଜି ୨-୧ ଗୋଲରେ ଚନ୍ଦନ କ୍ଲବକୁ ପରାଜିତ କରିଥିଲା । ବିଜୟୀ ଦୁର୍ଗା କ୍ଲବର ଶୁଭମ ବଡାଏକ ୨୯ମିନିଟ୍ ଓ ଆର୍ଯ୍ୟନ ଓରାମ ୭୯ତମ ମିନିଟରେ ଗୋଲ୍ କରିଥିଲେ । ଚନ୍ଦ କ୍ଲବ୍ ପକ୍ଷରୁ ନିଲିଫ ଧନଞ୍ଜୟ ୭୧ ମିନିଟରେ ଗୋଲ୍ କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି